ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୮ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 28 SEPTEMBER 2023
Vol.No. 34 ■ No. 255■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

DADLS-36

सत्यमेव जयते



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆଜି ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜନ୍ମ ତିଥି ଅବସରରେ ମୁଁ ରାଜ୍ୟର ମୁସଲମାନ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି ।

ଗଣେଶୀଲାଲ
(ଗଣେଶୀଲାଲ)

OIPR: 15001/13/0148/2324

# ବିନା ମୁଖ୍ୟମନ୍ତ୍ରୀ ଚେହେରାରେ ଲଢ଼ିବ ବିଜେପି



ନୂଆଦିଲ୍ଲୀ,୨୭/୦୯ : ହିନ୍ଦୀ ହାର୍ଟଲ୍ୟାଣ୍ଡ କୁହାଯାଉଥିବା ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡରେ ବିଜେପି ବିନା ମୁଖ୍ୟମନ୍ତ୍ରୀ ଚେହେରାରେ ନିର୍ବାଚନ ଲଢିବ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଛି । ଦୁଇ ଦଶନ୍ଧି ପରେ ପ୍ରଥମ ଥର ଏହି ସବୁ ରାଜ୍ୟରେ ବିନା ମୁଖ୍ୟମନ୍ତ୍ରୀ ଚେହେରାରେ ବିଜେପି ମଇଦାନକୁ ଓହ୍ଲାଇବ । ତିନୋଟି ରାଜ୍ୟରୁ ୨ଟିରେ କଂଗ୍ରେସ ସତ୍ତାରେ ଥିବାବେଳେ ମଧ୍ୟପ୍ରଦେଶରେ ବିଜେପି ସତାରେ ଅଛି । ତଥାପି ଏଭଳି ରଣନୀତି ପ୍ରସ୍ତୁତ କରାଯାଇଛି । ହେଲେ ଏଭଳି ରଣନୀତିକୁ ନେଇ ବିଜେପିରେ କନ୍ଦଳର ଗନ୍ଧ ସ୍ପଷ୍ଟ ବାରି ହୋଇ ପଡୁଛି । ମଧ୍ୟପ୍ରଦେଶରେ ବିଧାନସଭା ନିର୍ବାଚନ ପାଇଁ ବିଜେପି ଦୁଇଟି ପର୍ଯ୍ୟାୟରେ ପ୍ରାର୍ଥୀଙ୍କ ତାଲିକା ଜାରି କରିଛି । ଏଥିରେ ବହୁ ହେବିଓ୍ୱେଟ୍ ନେତା ରହିଥିବାବେଳେ କିନ୍ତୁ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କ ନା ନାହିଁ । ୩ କେନ୍ଦ୍ରମନ୍ତ୍ରୀଙ୍କ ସମେତ ୭ ସାଂସଦଙ୍କୁ ପ୍ରାର୍ଥୀ ଭାବେ ବଛାଯାଇଛି, ହେଲେ ଶିବରାଜ ସିଂ ଚୌହ୍ୱାନଙ୍କୁ ଏପର୍ଯ୍ୟନ୍ତ ଟିକେଟ୍ ନ ମିଳିବାକୁ ନେଇ ଦଳରେ ଫାଟ ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି । ୬୪ ବର୍ଷୀୟ ଶିବରାଜ ସିଂହ ଚୌହ୍ୱାନ ୨୦୦୫ରେ ଅନେକ କସରତ କରି ମୁଖ୍ୟମନ୍ତ୍ରୀ ଆସନ ହାସଲ କରିଥିଲେ ।

▶▶ପୃଷ୍ଠା ୭

## ଅକ୍ଟୋବର ୧୦ରେ ସାରା ରାଜ୍ୟରେ ବସ ଧର୍ମଘଟ

ଭୁବନେଶ୍ୱର, ୨୭/୦୯ (ନି.ପ୍ର): ଅକ୍ଟୋବର ୧୦ରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ରାଜ୍ୟବ୍ୟାପୀ ହେବ ଘରୋଇ ବସ୍ ଧର୍ମଘଟ । ଅଲ୍ ଓଡ଼ିଶା ବସ୍ ମାଲିକ ସଂଘ ସାଧାରଣ ପରିଷଦରେ ହୋଇଛି ଏହି ନିଷ୍ପତ୍ତି । ରାଜ୍ୟ ସରକାରଙ୍କ 'ଲକ୍ଷ୍ମୀ' ବସ୍ ଯୋଜନାକୁ ପରିଷଦରେ ତୀବ୍ର ବିରୋଧ କରାଯାଇଛି । ଯେହେତୁ ଆସନ୍ତା ୨ ତାରିଖରେ ମାଲକାନଗିରିରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ ହେବ, ତେଣୁ ସେଦିନ କେବଳ ଅବିଭକ୍ତ କୋରାପୁଟ ଜିଲ୍ଲାର ୪ଟି ଜିଲ୍ଲା ଯଥାକ୍ରମେ କୋରାପୁଟ, ମାଲକାନଗିରି, ଜୟପୁର ଓ ନବରଙ୍ଗପୁରକୁ କୌଣସି ଘରୋଇ ବସ୍ ଚଳାଚଳ କରିବ ନାହିଁ । ତା'ପରେ ଅକ୍ଟୋବର ୧୦ରୁ ସାରା ରାଜ୍ୟରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧର୍ମଘଟ ଚାଲିବ । ଗାଁରୁ ବ୍ଲକ ହେଡ୍‌କ୍ୱାର୍ଟରକୁ ଯାତ୍ରୀ ପରିବହନ ସୁଗମ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଲକ୍ଷ୍ମୀ ବସ୍ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ଯାହାକି ଘରୋଇ ବସ୍ ମାଲିକଙ୍କୁ ଘୋର କ୍ଷତି ପହଞ୍ଚାଇବା ସହ ଏହା ଉପରେ ନିର୍ଭର କରି ଚଳୁଥିବା ହଜାର ହଜାର କର୍ମଚାରୀଙ୍କ ପେଟ ପାଟଣାକୁ ଲାତ ବୋଲି କହିଛି ଘରୋଇ ବସ୍ ମାଲିକ ସଂଘ । ଅଲ ଓଡିଶା ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକ

▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀ ଓ ପୂର୍ବ ମନ୍ତ୍ରୀଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ



ଭୁବନେଶ୍ୱର, ୨୭/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଆସିଲା ସ୍ୱାଧିକାର ଭଙ୍ଗ ନୋଟିସ । ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଏହି ନୋଟିସ୍ ଆଣିଛନ୍ତି । ସେହିପରି ପୂର୍ବ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ ଆଣିଛନ୍ତି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା । ୫ଟି ସଚିବଙ୍କ ରାଜ୍ୟ ସାରା ହେଲିକପ୍ଟର ଗସ୍ତକୁ ନେଇ ସମଗ୍ର ରାଜ୍ୟରେ ତତ୍ପିତୋଫାନ ଦେଖାଯାଇଥିଲା । ମାତ୍ର ଏହାକୁ ନେଇ ବିରୋଧୀ କିଛି ବିବୃତି ମାଗି ନ ଥିବା ବେଳେ ମୁଖ୍ୟମନ୍ତ୍ରୀ ଗତ ୨୫ ତାରିଖରେ ଗୃହରେ ନିଜ ବିବୃତି ରଖିଥିଲେ । ମୁଖ୍ୟମନ୍ତ୍ରୀ ଗୃହରେ ଦେଇଥିବା ବିବୃତିକୁ ନେଇ ସ୍ୱାଧୀକାର ଭଙ୍ଗ ନୋଟିସ ଆଣିଛନ୍ତି ବିଜେପି ବିଧାୟକ ମୋହନ ମାଝୀ । ମୋହନ ମାଝୀଙ୍କ କହିବାନୁଯାୟୀ, ବିରୋଧୀ ଦଳ ଭାବେ ବିବୃତି ମାଗି ନଥିଲୁ । କିନ୍ତୁ ନିଜ ଆଡୁ ବିବୃତି ରଖିଥିଲେ ମୁଖ୍ୟମନ୍ତ୍ରୀ ।

▶▶ପୃଷ୍ଠା ୭

## ଗଞ୍ଜାମରୁ ଧରା ପଡ଼ିଲେ ନିଖୋଜ ବଡ଼ମ୍ବା କାନାଡା ବ୍ୟାଙ୍କ ମ୍ୟାନେଜର

ଗଞ୍ଜାମ, ୨୭/୦୯ (ନି.ପ୍ର): ନିଖୋଜ ବଡ଼ମ୍ବା କାନାଡା ବ୍ୟାଙ୍କ ମ୍ୟାନେଜର ତପନ କୁମାର ସାହୁ ଠାବ ହୋଇଛନ୍ତି । ଗଞ୍ଜାମ ଜିଲ୍ଲା ଗିରିଶୋଲା ନିକଟରେ ତାଙ୍କୁ ଠାବ କରିଛି ପୁଲିସ୍ । ଆନ୍ଧ୍ରପ୍ରଦେଶରୁ ଗିରିଶୋଲା ଆଡ଼କୁ ବାଇକରେ ଯାଉଥିବା ବେଳେ ପୁଲିସ ତାଙ୍କୁ ଧରିଛି । ଗୋଳନ୍ଥରା ଥାନାରେ ତାଙ୍କୁ ଏବେ ପଚରାଉଚରା କରାଯାଉଛି । ଏ ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦିଆଯାଇଛି । ସେମାନେ ଗଞ୍ଜାମ ଯାଉଥିବା ଜଣାପଡ଼ିଛି । ଏପରିକି ବଡ଼ମ୍ବା ପୁଲିସ୍‌କୁ ମଧ୍ୟ ସୂଚନା ଦିଆଯାଇଥିବା ଜଣାପଡ଼ିଛି । କଟକ ଜିଲ୍ଲା ବଡ଼ମ୍ବା କାନାଡା ବ୍ୟାଙ୍କ ମ୍ୟାନେଜର ହେଉଛନ୍ତି ତପନ କୁମାର ସାହୁ ।

▶▶ପୃଷ୍ଠା ୭

DADLS-36

ଓଡ଼ିଶା ସରକାର



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ଓଡ଼ିଶାର ବିକାଶରେ ସମସ୍ତଙ୍କର ସହଯୋଗ କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0148/2324

DADLS-36

ଓଡ଼ିଶା ସରକାର



ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ
ଉପଲକ୍ଷେ ବାର୍ତ୍ତା

ମହାପୁରୁଷ ମହମ୍ମଦଙ୍କ ପବିତ୍ର ଜୟନ୍ତୀ ଅବସରରେ ରାଜ୍ୟର ସମସ୍ତ ଇସଲାମ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

ପ୍ରଦିପ କୁମାର ଅମାତ
(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR: 15001/13/0148/2324

# ଶ୍ମଶାନ ପାଲଟିଲା ବିବାହ ମଣ୍ଡପ ଅଗ୍ନିକାଣ୍ଡରେ ଗଲା ଶହେରୁ ଅଧିକ ଜୀବନ



ନୂଆଦିଲ୍ଲୀ,୨୭/୦୯ : ସେଲିବ୍ରେସନ୍ ସମୟରେ ମାଡି ଆସିଲା ମୃତ୍ୟୁ । ବିବାହ ମଣ୍ଡପରେ ନିଆଁ ଲାଗି ଜଳି ଯାଇଛନ୍ତି ଶହେରୁ ଅଧିକ ଲୋକ । ବର, କନ୍ୟାଙ୍କ ଜୀବନ ବି ଚାଲିଯାଇଛି । ଇରାକର ହାମଦାନିଆ ଜିଲ୍ଲାରେ ଥିବା ନିନଭେଦ ପ୍ରୋଭିନ୍ସ ସହରରେ ଘଟିଛି ଏପରି ଏକ ଭୟଙ୍କର ଅଗ୍ନିକାଣ୍ଡ । ଅଗ୍ନିକାଣ୍ଡରେ ଦେଢ ଶହରୁ ଅଧିକ ଆହତ ମେଡିକାଲରେ ଭର୍ତି ହୋଇଛନ୍ତି । ଘଟଣାସ୍ଥଳରେ ଯୁଦ୍ଧକାଳୀନ ଭିତିରେ ଚାଲିଛି ଉଦ୍ଧାର କାମ । ବିବାହ ମଣ୍ଡପରେ ଫସି ରହିଥିବା ଲୋକଙ୍କୁ ବାହାର କରିବାକୁ ଉଦ୍ୟମ ଜାରି ରହିଛି । ତୁରନ୍ତ ଆହତଙ୍କ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଇରାକ ପ୍ରଧାନମନ୍ତ୍ରୀ । ଶ୍ମଶାନ ଭଳି ଲାଗୁଛି ବିବାହ ମଣ୍ଡପ । ଉଦ୍ଧାରକାରୀ ଟିମ୍ ପକ୍ଷରୁ ବିବାହ ମଣ୍ଡପରୁ ମୃତଦେହ ବାହାର କରାଯାଉଛି । ଅଗ୍ନିକାଣ୍ଡରେ ୧୧୪ ଜଣଙ୍କ ଜୀବନ ଯାଇଛି । ଘଟଣାରେ ମୃତ୍ୟୁ ସଂଖ୍ୟା ଆହୁରି ବଢିବା ଆଶଙ୍କା କରାଯାଉଛି । ଏହି ଭୟଙ୍କର ଅଗ୍ନିକାଣ୍ଡରେ ବର୍ତ୍ତି ପାରିନି ବର କନ୍ୟାଙ୍କ ଜୀବନ । ନିଆଁ ସେତେବେଳେ ଲାଗିଥିଲା, ଯେତେବେଳେ ସେଲିବ୍ରେସନ୍ ମୁଡରେ ଥିଲେ ବର କନ୍ୟା । ବିବାହ ମଣ୍ଡପ ଉପରୁ ପଡ଼ିଥିଲା ନିଆଁ ଖଣ୍ଡ । ନିମିଷକରେ ଚାଲିଯାଇଥିଲା ଅନେକ ଜୀବନ । ବାଣ ଫୁଟିବା ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି । ବିବାହ ଉତ୍ସବ ଥିବାରୁ ଅନେକ ଲୋକ ବିବାହ ମଣ୍ଡପରେ ଏକାଠି ହୋଇଥିଲେ । ଆଉ ବାଣ ନିଆଁ ପଡ଼ି ବିବାହ ମଣ୍ଡପ ସଂପୂର୍ଣ୍ଣ ପୋଡି ଯାଇଥିଲା । ଲୋକେ ବାହାରକୁ ବାହାରି ପାରିନଥିଲେ । ପୋଡି ହେବାରୁ ଘଟଣାସ୍ଥଳରେ ହିଁ ଅନେକଙ୍କ ଜୀବନ ଯାଇଥିଲା । ନିଆଁ ଲାଗିବା ଖବର ଜଣାପଡ଼ିବା ପରେ ତୁରନ୍ତ ନିକଟସ୍ଥ ହସ୍ପିଟାଲର ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚିଥିଲେ । ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା କରାଯାଉଛି ।

# ପୁରୀ ଜିଲ୍ଲା ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ବୈଠକ

ପୁରୀ, ୨୭/୦୯ (ନି.ପ୍ର): ଆଜି ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହ ଠାରେ ଜିଲ୍ଲା ସ୍ତରୀୟ ପଦାଧିକାରୀ ଙ୍କୁ ନେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର କାର୍ଯ୍ୟ ଓ ଏନସିପିସିଆର ଜଏଂଟ ଆକ୍ସନ ପ୍ଲାନର ଅଗ୍ରଗତି ସମ୍ବନ୍ଧରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଆଲୋଚନା କରିଥିଲେ । ପୂର୍ବ ବୈଠକରେ ବିବରଣୀ ଆଲୋଚନା କରିବା ପରେ ଅଧକ୍ଷ ଶିଶୁ ମଙ୍ଗଳ କମିଟି ଡକ୍ଟର ଅଜିତ କୁମାର ମହାପାତ୍ର ଷ୍ଟ୍ରିଟ ଚାଇଲ୍ଡ ଉଦ୍ଧାର ଓ ଥଇଥାନ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା, ଜିଲ୍ଲାରେ ଅଙ୍ଗନବାଡି ଗୃହ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ କମିଟିକୁ ଅବଗତ କରାଇବା, ଆରଟିଇ ଅଧୀନରେ ଆର୍ଥିକ ଅନଗ୍ରସର ଶିଶୁଙ୍କ ନିମନ୍ତେ ସରଂକ୍ଷଣର ବିବରଣୀ ପ୍ରଦାନ କରିବା ଆଦି ବିଷୟ ଉତଥାପନ କରିଥିଲେ । ନିଷ୍ପତି କ୍ରମେ ପ୍ରତି ତିନିମାସରେ ସିଡିପିଓ ଓ ଡି ଏସ ଡବ୍ଲ୍ୟୁ ଓ ଅଙ୍ଗନବାଡି ଗୃହ ନିର୍ମାଣ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ କମିଟିକୁ ଅବଗତ କରାଇବେ । ଶିକ୍ଷା ଅଧିକାର ଆଇନ ଅନ୍ତର୍ଗତ ଆର୍ଥିକ ଅନଗ୍ରସର ଶିଶୁଙ୍କ ନିମନ୍ତେ ସରଂକ୍ଷଣର ବିବରଣୀ ଦେବେ ଜିଲ୍ଲା ଶିକ୍ଷା ଅଧିକାରୀ କ୍ଷଶିଶୁମାନଙ୍କ ସର୍ବୋତମ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତାମାନେ ସବୁ ସମୟରେ ଅନୁଷ୍ଠାନରେ ରହି କାମ କରିବା ସହିତ ଅଧିକ କର୍ମ ତତ୍ପର ହେବେ ଓ ସେମାନଙ୍କର କାର୍ଯ୍ୟ ସମୀକ୍ଷା ନିରନ୍ତର ହେବ କ୍ଷଶ୍ରମ ବିଭାଗର ସହଯୋଗରେ ଓ ସମନ୍ୱୟରେ ଉଦ୍ଧାର ଓ ଥଇଥାନ କାର୍ଯ୍ୟ କରାଯିବାକୁ ନିଷ୍ପତି ହୋଇଥିଲା କ୍ଷ ଉଦ୍ଧାର କାର୍ଯ୍ୟରେ ପୋଲିସ ବିଭାଗ ପ୍ରମୁଖ ଭୂମିକା ଗ୍ରହଣ କରିବ କ୍ଷ ପୁରୀ ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ପ୍ରତି ବୈଠକରେ ପ୍ରତି ବିଭାଗର ଅଗ୍ରଗତି ସମୀକ୍ଷା ରିପୋର୍ଟ ଉପସ୍ଥାପନ କରିବାକୁ ମତ ରଖିଥିଲେ । ବାଲ୍ୟ ବିବାହ ନିଷେଧ ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଦିଆଯାଇଥିବା ନିର୍ଦ୍ଦେଶ ଅନୁପାଳନ ସମ୍ପର୍କରେ ସିଡିପିଓଙ୍କ କାର୍ଯ୍ୟ ଅଗ୍ରଗତି ଉପରେ ଆଲୋଚନା କରିଥିଲେ ସଂଯୋଜକ ରଞ୍ଜିତା ଦାଶ । ବର୍ତମାନ ବାଲ୍ୟବିବାହ ହେଲେ ପ୍ରତି କେଶ୍ ର ଏତଲା ଥାନାରେ ଦିଆଯାଉଥିବା କହିଥିଲେ । ପ୍ରତି ବ୍ଲକ ରେ ଅନୁଷ୍ଠିତ ହେଉଥିବା ଶିଶୁ ସୁରକ୍ଷା କମିଟି ବୈଠକରେ ସରପଂଚ, ବିଭାଗୀୟ ଅଧିକାରୀ, ବିଡିଓଙ୍କ ଉପସ୍ଥିତି ସୁନିଶ୍ଚିତ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା । ନିକଟରେ ଶିଶୁ ଯତ୍ନ ଅନୁଷ୍ଠାନର ଚାରିଜଣ ଅନ୍ତେବାସୀ ବୈଷୟିକ ଶିକ୍ଷା ସମାପ୍ତ କରି ଚାକିରୀ ପାଇଥିବାରୁ ବିଜୁ ପଟ୍ଟନାୟକ ବୈଷୟିକ ପ୍ରତିଷ୍ଠାନ ଓ ସରକାରୀ ଶିଳ୍ପ ତାଲିମ୍ କେନ୍ଦ୍ର ଅଧକ୍ଷଙ୍କୁ ସାଧୁବାଦ ଜଣାଇଥିଲେ ସମସ୍ତେ କ୍ଷ ବୈଠକରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଶ୍ରମ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଶିଶୁ ମଙ୍ଗଳ କମିଟିର ସମସ୍ତ ସଦସ୍ୟ, କିଶୋର ନ୍ୟାୟ ପରିଷଦ ସଦସ୍ୟ ସମେତ ସମସ୍ତ ବିଭାଗର ଅଧିକାରୀ, ରେଲୱେ ଜି ଆର ପି, ଆର ପି ଏଫ, ଓପନ ସେଲଟର ପ୍ରମୁଖ ଯୋଗ ଦେଇ ମତାମତ ରଖିଥିଲେ । ପରିଶେଷରେ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗିର ଜିଲ୍ଲା ସିନିୟର ନକଆଉଟ ଫୁଟବଲ ତୃତୀୟ ଦିବସ

ବଲାଙ୍ଗୀର, ୨୭/୦୯ (ନି.ପ୍ର): ବଲାଙ୍ଗୀରର ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ୧୨ ଗୋଟି ପଡିଆରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଟାଉନ ହାଇସ୍କୁଲ ବଲାଙ୍ଗିର ପଡିଆରେ ଅନୁଷ୍ଠିତ ଖେଳରେ ପ୍ରୋଗ୍ରେସିଭ୍ କ୍ଲବ (ବି) ୩-୦ ଗୋଲରେ ମାଣିକେଶ୍ୱରୀ କନ୍ଧପାଲିକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ପୂର୍ବ ଖେଳାଳି ସୁରେନ୍ଦ୍ର ବାଗ ଯୋଗ ଦେଇଥିଲେ । ଖେଳକୁ ଶୁଶାନ୍ତ ନାଗ, ବିକି ବିଶି, ଉମେଶ ଭୋଇ ଓ ଅବଦୁଲ ମୁଜିବ ପରିଚାଳନା କରିଥିଲେ। ଖୁଜେନପାଲି ପଡିଆରେ କାଲସାଏପାଲି ଆରଏଫ୍ ?ସି ୧-୦ ଗୋଲରେ ବାଗଭାଡିକୁ ହରାଇ ବିଜୟୀ ହୋଇଛି। ଦ୍ୱିତୀୟ ଖେଳରେ ଗଇଁନ୍ତଲା ଟ୍ରାଇବ୍ରେକର ୪-୩ ଗୋଲରେ ଏନ୍ଏସ୍ ସ୍ପୋର୍ଟିଂ କୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ସୁପ୍ରିମଟାକ୍ସ ରାଷ୍ଟ୍ରୀୟ ନିର୍ଦ୍ଦେଶକ ଅଜିତ ପାଲ, ଅତିରିକ୍ତ ନିର୍ଦ୍ଦେଶକ ପ୍ରବୀଣ ନାଗ, କ୍ରୀଡା ସଂସଦର ସଦସ୍ୟ ଭୁପେନ୍ଦ୍ର ପ୍ରସାଦ ସିଂ ଓ ପୂର୍ବ ଖେଳାଳି ସରୋଜ ତ୍ରିପାଠି ଯୋଗ ଦେଇଥିଲେ। ସଂସଦର ଯୁଗ୍ମ ସଂପାଦକ ଶତୃଘନ ସିଂ, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ଏଥେଲେଟ ସଂପାଦକ ବିଭୁତି ଭୂଷଣ ପଣ୍ଡା ମଂଚାସିନ ଥାଇ ଖେଲାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସୁଦୟ ବାରିକ, ନରିସିଂସ୍ୱାମୀ ନାଇଡୁ, ଦେବାଶିଷ ବାଗ, ପ୍ରଫୁଲ୍ଲ ବରର୍ତି, ଶୁଭ୍ରାଂଶୁ ରାଉତ ଓ ଜ୍ୟୋତି ମହାନନ୍ଦ ପରିଚାଳନା କରିଥିଲେ । ସାଇଟ ପଡିଆରେ ଚନ୍ଦନଭାଟି ୨-୦ ଗୋଲରେ ଜନକପୁର କୁ ହରାଇ ବିଜୟୀ ହେଲା। ଅତିଥି ଭାବେ କ୍ରୀଡା ସଂସଦର ସଦସ୍ୟ ଶରତ କୁମାର ନନ୍ଦ, ପୂର୍ବ ଖେଳାଳି ଗରୁଡଧ୍ୱଜ ସାଏ, ସୁଶ୍ରୀ ଆଇଟିଆଇ ଅଧକ୍ଷ ସନ୍ତୋଷ କୁମାର ବ୍ରହ୍ମା ଓ ଆଦିତ୍ୟ ପଟ୍ଟନାୟକ ଯୋଗ ଦେଇଥିଲେ। ଖେଳକୁ ସୁଦର୍ଶନ ସେଠ, ନିଶାରକାନ୍ତ ନାଗ, ସୁରେଶ ନାଏକ ଓ ସୁଧାଂଶୁ ସେଠ ପରିଚାଳନା କରିଥିଲେ। ଲୋଇସିଂହା ପଡିଆରେ ବିଲେଇସର୍ଡା ଟ୍ରାଇବ୍ରେକର ୩-୧ ଗୋଲରେ ଛତାବାହାଲ କୁ ହରାଇ ବିଜୟି ହେଲା। ଅତିଥି ଭାବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଜନଜାତି ବ୍ରଜମୋହନ ବିଶୋଇ ଯୋଗ ଦେଇଥିଲେ। ଖେଳକୁ ପ୍ରଦୀପ ବରର୍ତି, ବିଜୟ ରଣା, ଗୋପାଳ ପ୍ରଧାନ ଓ ଦାମୋଦର ରାଉତ ପରିଚାଳନା କରିଥିଲେ। ଟିଟିଲାଗଡ ସିଟି ସ୍କୁଲ ପଡିଆରେ ଗୁଲମି ୨-୧ ଗୋଲରେ ଭିଏସ୍ ?ଏସ୍ ଟିଟିଲାଗଡକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ଟିଟିଲାଗଡ ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ ଯୋଗ ଦେଇଥିଲେ। ଖେଳକୁ ବିବଚ୍ଛ ମାଝି, ଯଶୋବନ୍ତ ମାଝି, ମୋହନ ପ୍ରଧାନୀ ଓ ରାଜେଶ ସ୍ୱାଇଁ ପରିଚାଳନା କରିଥିଲେ। ଖୋଲାନ ପଡିଆରେ ଖୋଲାନ ୨-୦ ଗୋଲରେ ମହଗାଁକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ଖୋଲାନ ସରପଂଚ ନରେଶ ଅଗ୍ରୱାଲ ଯୋଗ ଦେଇଥିଲେ। ଖେଳକୁ ମଳୟ ଘିଭେଲା, କର୍ଣ୍ଣ ଭୋଇ, ପ୍ରମୋଦ ରଣା ଓ ସନ୍ନ୍ୟାସି ନାଏକ ପରିଚାଳନା କରିଥିଲେ। ସୁଜିଆ ପଡିଆରେ ମନହିରା ୧-୦ ଗୋଲରେ ଝାରମୁଣ୍ଡାକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ଜିଲ୍ଲା କଂଗ୍ରେସ ଏସ୍ସି ସେଲ ସଭାପତି ଓମ୍ ପ୍ରକାଶ କୁମ୍ଭାର, ପୂର୍ବ ଖେଳାଳି ଗୋବର୍ଦ୍ଧନ ଧରୁଆ ଓ ବିଏସ୍ଏଫ୍ ଜବାନ ବ୍ରଜନାଥ ଧରୁଆ ଯୋଗ ଦେଇଥିଲେ। ଖେଳକୁ ଜିତେନ୍ଦ୍ର ପାତ୍ର, କରୁଣାକର ପ୍ରଧାନ, ଶ୍ରବଣ ବାଗ ଓ ଜ୍ୟୋର୍ତିମୟ ରାଉତ ପରିଚାଳନା କରିଥିଲେ। ଜରାସିଂହା ପଡିଆରେ ହାତିସରା ୩-୧ ଗୋଲରେ ଡଙ୍ଗାବାହାଲକୁ ହରାଇ ବିଜୟୀ ହେଲା। ଅତିଥି ଭାବେ ପୂର୍ବ ଖେଳାଳି ଦେବ ପ୍ରସାଦ ମେହେର, ଚିତରଂଜନ ଥନାପତି ଓ କରୁଣାକର ମେହେର ଯୋଗ ଦେଇଥିଲେ। ଖେଳକୁ କୁନ୍ତେ ମେହେର, ପ୍ରଶାନ୍ତ ଥନାପତି, ସଞ୍ଜନ କୁଦେଇ ଓ ଶୁଶାନ୍ତ ଥନାପତି ପରିଚାଳନା କରିଥିଲେ। ହଳଦି ପଡିଆରେ ହଳଦି ୪-୦ ଗୋଲରେ ଡୁଡୁକାପଡାକୁ ହରାଇ ବିଜୟୀ ହେଲେ। ଅତିଥି ଭାବେ ହଳଦି ସରପଂଚ ସୋମିନା ସେଠ, ଏମ୍ପି ନୋମିନି ଶ୍ରୀବତ୍ସ ବେହେରା ଓ ନାଏବ ସରପଂଚ ଦିଗାମ୍ବର ବାଗ ଯୋଗ ଦେଇଥିଲେ। ଖପ୍ରାଖୋଲ ପଡିଆରେ ଲୁହାସିଂହା ଟ୍ରାଇବ୍ରେକର ୬-୫ ଗୋଲରେ ଖପ୍ରାଖୋଲକୁ ହରାଇ ବିଜୟୀ ହେଲା।

# ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ପକ୍ଷ ପାଳନ

ବଲାଙ୍ଗୀର, ୨୭/୦୯ (ନି.ପ୍ର): ସିନଖମନ ସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ପକ୍ଷ ପାଳନ ବିଦ୍ୟାଳୟର ପରିଚାଳନା ସମିତି ସଭାପତି ଉମାକାନ୍ତ ନାଏକ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ମଦନ ମୋହନ ରଥ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ହିନ୍ଦୀ ଭାଷାର ବିକାଶରେ ରାଷ୍ଟ୍ର ସମୃଦ୍ଧ ହୋଇ ଏକ ସୁତ୍ରରେ ବାନ୍ଧି ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ପୂର୍ବରୁ ହୋଇଯାଇଥିବା ବକ୍ତୃତା ଓ ସଂଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବଂଟନ କରିଥିଲେ। ସଭା ଆରମ୍ଭରେ ଲଲାଟ କେଶରୀ ପଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦୁସ୍ମିତା ତାଣ୍ଡି ଓ ଖୁସି ତାଣ୍ଡି ସଂଗୀତ ଗାନ କରିଥିଲେ। ଏହି ସଭାରେ ସାଧନା ପଣ୍ଡା ମଧ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ରାଜିନ୍ଦ୍ର କୁଅଁର ଓ ହରେରାମ ବାରିକ।

# ଜାନିବିଲି ଆନିକଟରୁ ଅଜଣା ଶବ ଉଦ୍ଧାର

ଗଞ୍ଜାମ, ୨୭/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଜାନିବିଲି ଆନିକଟରୁ ଋଷିକୂଲ୍ୟା ନଦୀରେ ଭାସି ଆସିଥିବା ଏକ ଅଜଣା ଶବକୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛି । ପୋଲିସ ମୃତକଙ୍କ ଶବ ଜବତ କରି ଏହାକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି । ଶବଟି ଋଷିକୂଲ୍ୟା ନଦୀରେ ସୋରଡ଼ା ପଟୁ ଭାସି ଆସି ଆନିକଟ ଫାଟକରେ ଗତକାଲି ଲାଗିଥିଲା । ଏହା ଦେଖି ସ୍ଥାନୀୟ ଲୋକେ ପୋଲିସ ଓ ଅଗ୍ନିଶମ ବାହିନୀକୁ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ । ଅଗ୍ନିଶମ କର୍ମଚାରୀମାନେ ଶବକୁ ନଦୀରୁ ଉଦ୍ଧାର କରିଥିଲେ । ଏହି ଶବ ଦୁଇରୁ ତିନି ଦିନ ତଳର ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି । ମୃତକଙ୍କ ପରିଚୟ ମିଳିପାରିନାହିଁ । ଏନେଇ ଧରାକୋଟ ଥାନାରେ ୫/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ନେଇ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ସୂଚନା ଦେଇଛନ୍ତି।

# ଜିଲ୍ଲାସ୍ତରୀୟ ନୂଆଁଖାଇ ପର୍ବ ପାଳିତ: ମାଟି ଓ ପ୍ରକୃତି ପ୍ରତି କୃତଜ୍ଞତା ଜଣାଇବାର ଅବସର ନୂଆଖାଇ

କେନ୍ଦୁଝର, ୨୭/୦୯ (ନି.ପ୍ର): ନୂଆଖାଇ ଆମ ମହାନ ସାଂସ୍କୃତିକ ପରମ୍ପରାର ଅଂଶ ବିଶେଷ । ମାଟି ଓ ପ୍ରକୃତି ପ୍ରତି କୃତଜ୍ଞତା ଜଣାଇବାର ଅବସର ଆଣେ ନୂଆଁଖାଇ । ଚଳିତ ସେପ୍ଟେମ୍ବର ୨୬ ତାରିଖ ମଙ୍ଗଳବାର ଦିନ କେନ୍ଦୁଝର ଅଡିଟୋରିୟମଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ନୂଆ ଖାଇ ପର୍ବ ପାଳନ ଅବସରରେ ଅତିଥି ଓ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି । କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ ଉକ୍ତ ସମାରୋହକୁ ଉଦ୍ଘାଟନ କରି ଉଦ୍ବୋଧନ ଛଳରେ କହିଥିଲେ ଯେ ନୂଆଖାଇ ପଶ୍ଚିମ ଓଡିଶାର ଏକ କୃଷିଭିତିକ ଗଣପର୍ବ । ଯଦିଓ ଏହା ପଶ୍ଚିମ ଓଡିଶାରେ ଧୂମଧାମରେ ପାଳନ କରାଯାଏ, ଓଡିଶାର ପୁରପଲ୍ଲୀରେ ମଧ ନୂଆଁ ଖାଇବାର ନିଆରା ପରମ୍ପରା ଓ ସ୍ୱତନ୍ତ୍ରତା ରହିଛି । ଏପରିକି ଦେଶର ବିଭିନ୍ନ ଅଂଚଳରେ ତଥା ବିଦେଶରେ ଓଡିଆ ମାନେ ନୂଆଁ ଖାଇ ପାଳନ କରିବା ସହିତ ନୂଆଁଖାଇ ଭେଟଘାଟ ଆୟୋଜନ କରୁଛନ୍ତି । ନୂଆଖାଇକୁ ଭାଇଚାରା ଓ ମିଳନର ପର୍ବ, ମୈତ୍ରୀ ଓ ଏକତାର ପର୍ବ ଭାବେ ବର୍ଣ୍ଣନା କରି ଏହା ଆମ ସଂସ୍କୃତିକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦୁଝରଗଡ ପୌରପାଳିକାର ନିର୍ବାହୀ ଅଧିକାରୀ ଡ଼ା ମଧୁସ୍ମିତା ସାମନ୍ତରାୟ ନିଜ ବକ୍ତବ୍ୟରେ ନୂଆଁ ଖାଇ ପର୍ବ ପାଳନର ଇତିବୃତି ଓ ପ୍ରାସଙ୍ଗିକତା ସଂପର୍କରେ ଅବତାରଣା କରି ସମାଜରେ ସଦ୍ଭାବ, ଭାଇଚାରା, ଏକତା ଓ ସ୍ନେହ ଶ୍ରଦ୍ଧା ପ୍ରତିଷ୍ଠାରେ ଅନନ୍ୟ ଅବଦାନ ରଖିଛି ବୋଲି କହିଥିଲେ । ଏତଦ୍ ?ବ୍ୟତୀତ ଏହା କଳା,ସଂସ୍କୃତି ଓ କଳାକାର ମାନଙ୍କ ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ । ସହକାରୀ ନିର୍ଦ୍ଦେଶକ ପର୍ଯ୍ୟଟନ ରମେଶ ଚନ୍ଦ୍ର ନାଏକ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ଜିତେନ୍ଦ୍ର ମହାକୁଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକସଂପର୍କ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ସଂଜୀବ ବାରିକ ପ୍ରାରମ୍ଭରେ ସ୍ୱାଗତ ସମ୍ଭାଷଣ କରିବା ସହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ବରିଷ୍ଠ ରାଜସ୍ୱ ସହାୟକ ପୀତବାସ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବର୍ଷା କ୍ଲବ, ଇନ୍ଦ୍ରଧନୁ, ଏମ୍ ଡ୍ୟାନ୍ସ ଏକାଡେମୀର କଳାକାରମାନଙ୍କ ଦ୍ୱାରା ମନ ମତାଣିଆ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଚନୁଟମାଲ ଆଶ୍ରମ ବିଦ୍ୟାଳୟରେ ସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୨୭/୦୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧିନସ୍ଥ ଚନୁଟମାଲ ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଲଏବାନ ବାଗଙ୍କ ସଭାପତିତ୍ୱରେ ସହଭାଗୀ ରୂପେ ଅଭିଭାବକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା ଯୋଗଦେଇ ଆଶ୍ରମ ବିଦ୍ୟାଳୟରେ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଅବିଭାବକ ମାନଙ୍କୁ ଅବଗତ କରାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ। ଅନ୍ୟତମ ଅତିଥି ଖଡ଼ିଆଳ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରଜତ କୁମାର ସାହୁ ଏହାଦ୍ୱାରା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଲୋକଙ୍କୁ ତଥ୍ୟ ମିଳି ପାରୁଥିବା ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସାଧନା କର୍ମୀ ତଥା ବରିଷ୍ଠ ଶିକ୍ଷକ ରଜନୀକାନ୍ତ ଯୋଷି ଓ ବିରିଘାଟ ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଇନ୍ଦ୍ର ବାଗ ମଂଚାସିନ ରହି ଶିକ୍ଷକ ଓ ଅଭିଭାବକ ମାନଙ୍କ ମଧ୍ୟରେ ଏକତା ରହିଲେ ବିଦ୍ୟାଳୟର ଉନ୍ନତି ହୋଇଥାଏ ଓ ଛାତ୍ରଛାତ୍ରୀଙ୍କ ମନୋବଳ ବୃଦ୍ଧି ପାଇଥାଏ ବୋଲି କହିବା ସହ ସ୍କୁଲର ବିକାଶରେ ଅଭିଭାବକ ଓ ଶିକ୍ଷକ ମାନଙ୍କ ସମାନ ଦାୟିତ୍ୱ ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଭା ଆରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଦେବ ପୂଜନ କାର୍ଯ୍ୟକ୍ରମ ହେଉଥିବା ବେଳେ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ବିଭିନ୍ନ ଯୋଜନା ଯଥା ଛାତ୍ର ବୃତି, ପାଠ୍ୟକ୍ରମ, ବିଭିନ୍ନ ସହାୟତା ସଂପର୍କରେ ଜନସଚେତନ କରାଯାଇଥିଲା । ଏହା ସହ ବିଭିନ୍ନ ବିଭାଗ ପଂଚାୟତରାଜ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି,ଯୋଗାଣ, ମହିଳା ଓ ଶିଶୁ, ମିଶନ ଶକ୍ତି ବିଭାଗ ଯୋଗ ଦେଇ ସରକାରଙ୍କ ସୁବିଧା ସୁଯୋଗ ସଂପର୍କରେ ଅଭିଭାବକଙ୍କୁ ଜଣାଇଥିଲେ । ଦ୍ୱିତୀୟ ପର୍ଯ୍ୟାୟର ଅଭିଭାବକ ଓ ଶିକ୍ଷାର୍ଥୀଙ୍କୁ ନେଇ ରଙ୍ଗୋଲି, ଚିତ୍ରକଳା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଶେଷରେ ଅଭିଭାବକ ମାନେ ନିଜସ୍ୱ ମତ ପ୍ରଦାନ କରିଥିଲେ । ଶିକ୍ଷୟତ୍ରୀ ମାନିନୀ ମେହେର ମଂଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ପରମେଶ୍ୱର ସାଗରୀଆ, ଧର୍ମୁ ମେହେର, ବିଦ୍ୟାଳୟ ଚେୟାରମ୍ୟାନ ବଲ୍ଲବ ଶବର, ସର୍ବଜ୍ଞ ଯୋଶୀ, ଶିକ୍ଷୟତ୍ରୀ ଭାର୍ଗବୀ ଶବର ପ୍ରମୁଖ ସହଯୋଗ କରିଥିଲେ।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ମହାଦୁର୍ନୀତି କେଲେଙ୍କାରୀ

## ସିସିଟିଭି ମରାମତିରେ ମାସକୁ ୨ଲକ୍ଷ ବ୍ୟୟ ଓ ଅତିଥି ଅଧ୍ୟାପକ ନିଯୁକ୍ତିରେ ବ୍ୟାପକ ଅର୍ଥ କାରବାର ଅଭିଯୋଗ

କେନ୍ଦ୍ରାପଡ଼ା, ୨୭/୦୯ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ମାହାଦୁର୍ନୀତି କିଲେଙ୍କାରୀର ଗୋଟିଏ ପରେ ଗୋଟିଏ ଦୁର୍ନୀତିର ପେଡି ଖୋଲିବାରେ ଲାଗିଛି। ପୂର୍ବରୁ ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ରାସ୍ତା ନିର୍ମାଣରେ ଦୁର୍ନୀତି, ଚାରାକିଣାରେ ଦୁର୍ନୀତି, ଗାନ୍ଧୀ ଭବନ ଉଦଘାଟନୀ ଉତ୍ସବରେ ଦୁର୍ନୀତି, ମହାବିଦ୍ୟାଳୟର ବିଭିନ୍ନ ବିଭାଗର ମରାମତି ଓ ରଙ୍ଗ ଦେବାରେ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏଥିସହିତ ମହାବିଦ୍ୟାଳୟ ପରିସରରେ ଥିବା ୪ଟି ଛାତ୍ରୀନିବାସ ଓ ଗୋଟିଏ ଛାତ୍ରାବାସ ପାଇଁ ବର୍ଷକୁ ଆଦାୟ ହେଉଥିବା ୨କୋଟିରୁ ଉର୍ଦ୍ଧ୍ୱ ଅର୍ଥର ହିସାବ ମହାବିଦ୍ୟାଳୟ ପରିଚାଳନା ପରିଷଦରେ ଉପସ୍ଥାପନ କରାଯାଉନଥିବା ମଧ ଅଭିଯୋଗ ହୋଇଥିଲା। ଏବେ ମହାବିଦ୍ୟାଳୟର ପୁରାତନ ଛାତ୍ରମାନେ ଉଚ୍ଚଶିକ୍ଷା ବିଭାଗ ନିକଟରେ ଅଭିଯୋଗ କରିଛନ୍ତି ଯେ ମହାବିଦସ୍ୟାଳୟ ପରିସରରେ ଲାଗିଥିବା ସି.ସି. ଟିଭି ର ମରାମତି ନିମନ୍ତେ ପ୍ରତିମାସରେ ୨ଲକ୍ଷ ଟଙ୍କା ବ୍ୟୟ ହେଉଥିବା ନେଇ ବିଲ ପ୍ରସ୍ତୁତ କରାଯାଇ ସେହି ଅର୍ଥକୁ ତୋଷରପାତ କରାଯାଉଛି। ଏଥିସହିତ ନିକଟରେ ମହାବିଦ୍ୟାଳୟର ବିଭିନ୍ନ ବିଭାଗରେ ଅତିଥି ଅଧ୍ୟାପକମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏହି ଅତିଥି ଅଧ୍ୟାପକ ନିଯୁକ୍ତିରେ ବ୍ୟାପକ ଅର୍ଥ କାରବାର କରାଯାଇଥିବା ବେଳେ ଜଣେ ପ୍ରାକ୍ତନ ଅଧକ୍ଷଙ୍କ ପୁଅକୁ ବେଆଇନ ଭାବେ ଦେଢମାସ ପିଛିଲା ତାରିଖରେ ନିଯୁକ୍ତି ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମହାବିଦ୍ୟାଳୟ ପକ୍ଷରୁ ଅତିଥି ଅଧ୍ୟାପକମାନଙ୍କୁ ନିଯୁକ୍ତି ପ୍ରଦାନ ନିମନ୍ତେ ସମ୍ବାଦପତ୍ରରେ ବିଜ୍ଞାପନ ପ୍ରକାଶ ପାଇବା ପରେ ପ୍ରାର୍ଥୀମାନେ ନିର୍ଦ୍ଦିଷ୍ଟ ତାରିଖରେ ମହାବିଦ୍ୟାଳୟର ସଂପୃକ୍ତ ବିଭାଗରେ ଉପସ୍ଥିତ ହୋଇ ସାକ୍ଷାତକାର ପରୀକ୍ଷା ଦେଇଥିଲେ। ଏହି ସାକ୍ଷାତକାର ପରୀକ୍ଷା ନିମନ୍ତେ ବିଭିନ୍ନ ବିଭାଗ ପକ୍ଷରୁ କଲେଜ ବାହାରୁ ଏକ୍ସପୋର୍ଟ ମାନଙ୍କୁ ଅଣାଯାଇ ପରୀକ୍ଷା କରାଯାଇଥିଲା। କିନ୍ତୁ ପରୀକ୍ଷା ପରେ ଏକ୍ସପୋର୍ଟମାନେ ପ୍ରତ୍ୟେକ ପ୍ରାର୍ଥୀଙ୍କୁ ଦେଇଥିବା ମାର୍କକୁ ଟାମ୍ପରିଂ କରାଯିବା ସହିତ ଅଯୋଗ୍ୟ ପ୍ରାର୍ଥୀମାନଙ୍କ ଠାରୁ ୩୦ରୁ ୫୦ହଜାର ଟଙ୍କା ଆଦାୟ କରାଯାଇ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଏହାବ୍ୟତିତ ମହାବିଦ୍ୟାଳୟ କନଫରେନ୍ସ ହଲ ମରାମତି ନାମରେ ପୁନର୍ବାର ୨୧ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ କନଫରେନ୍ସ ହଲରେ ଲାଗିଥିବା ଏସି, ଫ୍ୟାନ, ଲାଇଟ ସମେତ ଅନ୍ୟାନ୍ୟ ଉପକରଣ ଗୁଡିକ ସେଠାରୁ ଉଭାନ ହୋଇଯାଇଥିବା ଅଭିଯୋଗ ହୋଇଛି। ଏସମସ୍ତ ଘଟଣାର ଭିଜିଲାନ୍ସ ବିଭାଗ ଦ୍ୱାରା ତଦନ୍ତ କରାଯିବାକୁ ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗର ଶାସନସଚିବଙ୍କ ନିକଟରେ ଦାବି କରାଯାଇଛି। ଏହି ଘଟଣାର ବିଧିବଦ୍ଧ ତଦନ୍ତ ଭିଜିଲାନ୍ସ ବିଭାଗ ଦ୍ୱାରା କରାଯିବାକୁ ପୁରାତନ ଛାତ୍ର ପରମାନନ୍ଦ ମହାରଣା, ପ୍ରଦୀପ ସାହୁ, ବାନାମ୍ବର ସାହୁ, ମଳୟରଞ୍ଜନ ପରିଡା, ବିଶ୍ୱଜିତ ଦାସ, ମନୋରଞ୍ଜନ ପାତ୍ର, ବରଦାପ୍ରସନ୍ନ ମହାନ୍ତି, ଚିନ୍ମୟ ବଳ, ଅଭିନାଶ ମଲିକ, ସତ୍ୟରଞ୍ଜନ ସେନାପତି, ଦୈତାରୀ ସେଠୀ, ଶରତ ସିଂ ପ୍ରମୁଖ ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବଙ୍କ ନିକଟରେ ଦାବି କରିଛନ୍ତି।

# ଆନ୍ତର୍ଜାତୀୟ ଫାର୍ମାସି ଦିବସ ଉପଲକ୍ଷେ ଆଲୋଚନା

କେନ୍ଦ୍ରାପଡ଼ା, ୨୭/୦୯ (ନି.ପ୍ର): କେନ୍ଦ୍ରାପଡା ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ଆକାଶ ଫାର୍ମାସି କଲେଜ ପରିସର ରେ ଆନ୍ତର୍ଜାତୀୟ ଫାର୍ମାସି ଦିବସ ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧକ୍ଷ ଡ଼ଃ ପ୍ରସନ୍ନ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନା ରେ ଅନୁଷ୍ଠାନର ଚେୟାରମ୍ୟାନ ଶ୍ରୀ ଅକ୍ଷୟ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉପସ୍ଥିତ ଥିବା ଆକାଶ ଫାର୍ମାସି ଅନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ମାନଙ୍କୁ ଫାର୍ମାସି ଦିବସର ତାପର୍ଯ୍ୟ ସଂପର୍କରେ ବୁଝାଇଥିଲେ । ଏଥିସହିତ ଅସୁସ୍ଥ ହେଲେ କୌଣସି ବ୍ୟକ୍ତି ନିଜ ଇଚ୍ଛା ଅନୁସାରେ ଔଷଧ ସେବନ ନକରି ବିଶେଷଜ୍ଞ ଡାକ୍ତର କିମ୍ବା ଫାର୍ମାସି ଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ପାଇଁ ପରାମର୍ଶ ଦେବା ସହିତ ଅଙ୍ଗ ଦାନ ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରି ଜନସାଧାରଣଙ୍କୁ ସଚେତନ କରାଇବା ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ଆୟୋଜିତ ଏହି ଆଲୋଚନାରେ ଅନୁଷ୍ଠାନର ସଂପାଦକ ସ୍ୱାଗତ କୁମାର ପତି, ପ୍ରଭୁ ପ୍ରସାଦ ମିଶ୍ର, ଅଧ୍ୟାପକ ସେକ ଅବଦୁଲ ୱାହିଦ ଖାନ, କୋଷାଧକ୍ଷ ନଳିନୀ ନାରାୟଣ ସାହୁ, ଆସିଷ୍ଟାଣ୍ଟ ବିଭୂତି ମହାନ୍ତିଙ୍କ ସମେତ ଆକାଶ ଫାର୍ମାସି କଲେଜର କର୍ମକର୍ତା ମାନେ ସହ ଯୋଗ କରିଥିଲେ ।

# ଅଙ୍ଗନବାଡି କର୍ମୀ ଚୟନରେ ଚଂଚକତା: ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

ଚମ୍ପୁଆ, ୨୭/୦୯ (ନି.ପ୍ର): ଚମ୍ପୁଆ ବ୍ଲକ ଜୟମଙ୍ଗଳପୁର ଗ୍ରାମରେ ଅଙ୍ଗନୱାଡି କର୍ମୀ ଚୟନରେ ଚଂଚକତା କରାଯାଇ ଅନ୍ୟ ଗ୍ରାମର ପ୍ରାର୍ଥୀଙ୍କୁ ଅଙ୍ଗନୱାଡି କର୍ମୀ ଭାବେ ବେଆଇନ ନିଯୁକ୍ତି କରିବାକୁ ବିରୋଧ କରି ଗ୍ରାମବାସୀ ଚମ୍ପୁଆ ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣା ପଡିଛି। ଅଭିଯୋଗ ଅନୁଯାୟୀ, ଚମ୍ପୁଆ ବ୍ଲକ କୋଦଗାଡ଼ିଆ ପଂଚାୟତ ଅନ୍ତର୍ଗତ ଜୟମଙ୍ଗଳପୁର ଗ୍ରାମର ଅଙ୍ଗନୱାଡି କର୍ମୀଙ୍କ ଦେହାନ୍ତ ଯୋଗୁଁ ଏହି ପଦବୀ ଖାଲି ପଡ଼ିଥିବାବେଳେ ଏହି ପଦବୀ ପୂରଣ ପାଇଁ ଚମ୍ପୁଆ ସିଡିପିଓ ଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ଅନୁସାରେ ଗ୍ରାମର ଅଙ୍ଗନୱାଡି କର୍ମୀ ଚୟନରେ ସମସ୍ତ ପ୍ରାର୍ଥୀମାନଙ୍କ ମଧ୍ୟରୁ ଗ୍ରାମର ଆଦିବାସୀ ପ୍ରାର୍ଥୀ ମାନଙ୍କୁ ପ୍ରଥମେ ସୁଯୋଗ ମିଳିବା ନିୟମ ରହିଥିବାବେଳେ ଆଦିବାସୀ ପ୍ରାର୍ଥୀ ନ ମିଳିଲେ ଅନୁସୂଚିତ କିମ୍ବା ପଛୁଆ ବର୍ଗ ର ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯିବା ନେଇ ନିୟମ ରହିଥିଲା। ତେବେ ଏହାକୁ ଅଣଦେଖା କରାଯାଇ ଗ୍ରାମର ପ୍ରାର୍ଥୀ ବଦଳରେ ଚିମିଳା ଗ୍ରାମର ଜନୈକ ପ୍ରାର୍ଥୀଙ୍କୁ ବିଭାଗ ତରବରିଆ ଭାବେ ନିଯୁକ୍ତି କରିବାରୁ ଏହାର ପୁନଃ ବିଚାର ପାଇଁ ଗ୍ରାମବାସୀ ଆଜି ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣା ପଡିଛି । ଏହି ନିଯୁକ୍ତି ପଛରେ ବ୍ୟାପକ ଅନିୟମିତତା ଥିବା ଦର୍ଶାଇ ପୁନଃ ସାକ୍ଷାତକାର ମାଧମରେ ଅଙ୍ଗନୱାଡି କର୍ମୀ ଚୟନ କରିବାକୁ ଗ୍ରାମବାସୀ ଗୁହାରୀ କରିଥିବାବେଳେ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ଉପଜିଲ୍ଲାପାଳ ସୁକାନ୍ତ ମାଝୀ ପ୍ରତିଶୃତି ଦେଇଥିବା ଜଣା ପଡିଛି।

# ବଲାଙ୍ଗୀର ଜିଲ୍ଲା ବ୍ରାହ୍ମଣ ମହାସଭାର ପର୍ଶୁରାମ ଜୟନ୍ତୀ ପାଳନ

ବଲାଙ୍ଗୀର, ୨୭/୦୯ (ନି.ପ୍ର): ବଲାଙ୍ଗୀର ବ୍ରାହ୍ମଣ ମହାସଭା ଦ୍ୱାରା ଭଗବନ ପର୍ଶୁରାମଙ୍କ ଜୟନ୍ତୀ ଉତ୍ସବ ସ୍ଥାନୀୟ ନରସିଂହ ମନ୍ଦିରଠାରେ ଆଜି ଅନୁଷ୍ଠିତ ହୋଇ ଯାଇଛି। ପୂର୍ବତନ ସଭାପତି ଗିରିଧାରୀ ଶତପଥୀଙ୍କ ତତ୍ୱାବଧାନରେ ବର୍ତମାନ ସଭାପତି ଧନଜୟ ମିଶ୍ର କର୍ତା ଭାବରେ ପୂଜା ଅର୍ଚ୍ଚନା କରିଥିଲେ। ସମ୍ପାଦକ ଜୟରାମ ମିଶ୍ର ଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଉପଦେଷ୍ଟା ନୀଳମଣି ମିଶ୍ର, ଉପସଭାପତି ଗୋପବନ୍ଧୁ ପୁରୋହିତ, ସଂଗଠାନିକ ସମ୍ପାଦକ କିଶୋର କୁମାର ମିଶ୍ର, ସନ୍ତୋଷ ମିଶ୍ର,ସନ୍ତୋଷ ଶତପଥୀ, ଗୋବିନ୍ଦ ହୋତା, ସନ୍ତୋଷ ତ୍ରିପାଠୀ, ଚକ୍ରଧର ପଣ୍ଡା, ଜୟରାମ ବେହେରା, ମନୋରଞ୍ଜନ ତ୍ରିପାଠୀ, ସୁବାସ ଶତପଥୀ, ସନ୍ତୋଷ ମିଶ୍ର, ଚକ୍ରଧର ହୋତା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ପୂଜା ପରେ ସାଂଗଠାନିକ ଆଲୋଚନା ଓ ଭବିଷ୍ୟତ କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା।

# ଜାଗ୍ରତ କନ୍ଧମାଳ ଓଡିଶାର ନୂତନ କର୍ମକର୍ତ୍ତା ଚୟନ: ସଭାପତି ଅରୁଣ, ସମ୍ପାଦକ ସତ୍ୟ ନାରାୟଣ

କନ୍ଧମାଳ , ୨୭/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକର ଶଙ୍କରାଖୋଲ ଅଡାବାଡ଼ି ଶାଳବଣ ଠାରେ ଜାଗ୍ରତ କନ୍ଧମାଳ ଓଡିଶା ସାମାଜିକ ସଂଗଠନର ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସଂଘ ପକ୍ଷରୁ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇ ଥିଲା। ସଂଘର ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସଂଗଠନର ପାଂଚ ବର୍ଷ ପୂର୍ଣ୍ଣ ହୋଇଯାଇଥିବାରୁ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ସଭାପତି ପଦରୁ ଅବ୍ୟାହତ ନେବାକୁ ଅନୁରୋଧ କରିଥିଲେ। ସଭାପତିଙ୍କ ଅନୁରୋଧ ଏବଂ ସଂଗଠନ ପରିଷଦର ଆଲୋଚନା କ୍ରମେ ଆଗାମୀ ପାଂଚ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ରୂପେ ଅରୁଣ ନାୟକଙ୍କୁ ମନୋନୀତ କରାଯାଇ ଥିବା ବେଳେ ସମ୍ପାଦକ ଭାବେ ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ବେହେରାଙ୍କୁ ପୁଣି ଥରେ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି କ୍ଷ ସେହିପରି ଉପ ସଭାପତି ଭାବେ ପ୍ରେମାନନ୍ଦ ମାଝୀ, ସହ ସମ୍ପାଦକ ଭାବେ ସୋମନାଥ ନାୟକ, କୋଷାଧକ୍ଷ ଭାବେ ମେନକା ଆର୍ଦଲି, ଅନୁସୂଚିତ ଜନଜାତିର ସଂଗଠନ ସଭାପତି ରୂପେ କାଳିଦାସ ପ୍ରଧାନ, ପଛୁଆ ବର୍ଗ ସଂଗଠନ ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନ, ସଂଯୋଜକ ଭାବେ ବିପ୍ର ବର ସ୍ୱାଇଁ, ସହଦେବ ପାତ୍ର, ଅନୁସୂଚିତ ଜାତି ପାଇଁ ହୃଷି କେଶ୍ ବେହେରା, କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଶୁକାନ୍ତି ବେହେରା, ଉମା ଚରଣ ମୁଖୀଙ୍କୁ ସର୍ବ୍ ସମ୍ମତି କ୍ରମେ ଗ୍ରହଣ କରାଗଲା କ୍ଷ ଏଥି ସହିତ ସଂଗଠନର ମୁଖ୍ୟ ଉପଦେଷ୍ଟା ଭାବେ ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ମହାନ୍ତିଙ୍କୁ ମନୋନୀତ କରାଯାଇଥିବା ବେଳେ ଶ୍ୱେତାବନ ପୂଜାରୀ, ହରିଶ୍ଚନ୍ଦ୍ର ମହାରଣା, ସୁନୀଲ କୁମାର ବିଶ୍ୱାଳ, ଡଃ ସୂର୍ଯ୍ୟ ନାରାୟଣ ବେହେରା, ଡଃ ସୋମନାଥ ବାଘ,ଅଙ୍ଗଦ ବେହେରା ପ୍ରମୁଖଙ୍କୁ ମନୋନୀତ କରାଯାଇଛି କ୍ଷ ସେହିପରି ସଂଗଠନର ଆଇନ ପରାମର୍ଶଦାତା ଭାବେ ଆଇନଜୀବୀ ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଛି କ୍ଷ ନବ ନିର୍ବାଚିତ କର୍ମକର୍ତ୍ତା ମାନେ ସଙ୍ଗଠନକୁ ମଜଭୁତ କରିବାକୁ ହେଲେ ନିଜ ନିଜ ଭିତରେ ଭାଇଚାରା ବଜାୟ ରଖିବା ସହିତ ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିବା ପାଇଁ ସଂକଳ୍ପ କରିଥିଲେ। ସଂଗଠନର ସାଧାରଣ ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଶ୍ରୀ ବେହେରା ଆଗାମୀ ଦିନରେ ଜିଲ୍ଲାର କିଛି ଉନ୍ନୟନ ମୂଳକ କାର୍ଯ୍ୟ ହାତକୁ ନେବାକୁ ମଧ୍ୟ ଆଲୋଚନା କରିଥିଲେ। ଯେପରି ଜିଲ୍ଲାର ସମସ୍ତ ଡ଼ାକ୍ତର ଖାନାରେ ଖାଲିଥିବା ଡ଼ାକ୍ତର ପଦବୀ ଓ ସମସ୍ତ ବିଭାଗରେ ଖାଲିଥିବା ପଦବୀ ପୁରଣ ସହିତ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଥିବା ଅଲ୍ଟ୍ରାସାଉଣ୍ଡ ଖୋଲାଯାଇଛି ସତ କିନ୍ତୁ ସମସ୍ତେ ତାହାର ଚିକିତ୍ସା ପାଇବାରୁ ବଂଚିତ ହେଉଛନ୍ତି ଡାକ୍ତର ମାନେ ରୋଗୀଙ୍କୁ ବାହାରକୁ ରେଫର୍ କରୁଛନ୍ତି ମଧ୍ୟବିତ୍ତ ଓ ଗରିବ ଶ୍ରେଣୀର ଲୋକମାନେ ଏ ସୁବିଧା ନ ପାଇପାରି ଖର୍ଚ୍ଚାନ୍ତ ହେଉଛନ୍ତି ଏବଂ ମେଡ଼ିକାଲ କଲେଜରେ କନ୍ଧମାଳ ଜିଲ୍ଲା ବାସିନ୍ଦା ।

# କଂଚାଲଙ୍କା ଖାଆନ୍ତୁ ସୁସ୍ଥ ରୁହନ୍ତୁ



କଂଚାଲଙ୍କା ଖାଇବାକୁ କେହି କେହି ଖୁବ୍ ଭଲ ପାଉଥିଲେ ହେଁ କେହିକେହି ଏହାକୁ ରାଗ ଲାଗୁଥିବା ଯୋଗୁଁ କମ୍ ଖାଇଥାଆନ୍ତି। ଲଙ୍କା ରାଗ ସତ, କିନ୍ତୁ ଏହାର ଫାଇଦା ଅନେକ। ତେବେ ଆସନ୍ତୁ ଜାଣିବା ଲଙ୍କାର ସୁଗୁଣ ବିଷୟରେ-

- କଂଚାଲଙ୍କାକୁ କୌଣସି ବ୍ୟଞ୍ଜନରେ ପକାଇ ଖାଇବା ଅପେକ୍ଷା ଅଲଗା ଭାବେ ଖାଇବା ଅଧିକ ଲାଭପ୍ରଦ ହୋଇଥାଏ। କଂଚାଲଙ୍କାରେ ଆଂଟି ଅକ୍ସିଡେଣ୍ଟ ରହିଥାଏ, ଯାହା ଶରୀରରୁ ଚର୍ବି ହ୍ରାସ କରିବାରେ ସାହାଯ୍ୟ କରିଥାଏ।

- ଯଦି ଆପଣଙ୍କୁ ମ୍ୟାଲେରିଆ ଜ୍ୱର ହୋଇଛି ତେବେ କଂଚାଲଙ୍କାର ମଞ୍ଜି ବାହାର କରି ଅଙ୍ଗୁଠିରେ ବାନ୍ଧି ଦିଅନ୍ତୁ। ଏହାଦ୍ୱାରା ଜ୍ୱର ଆସିବା କିଛି ମାତ୍ରାରେ କମ୍ ହୋଇଯାଇଥାଏ।

-କଂଚାଲଙ୍କାରେ ଭିଟାମିନ-ସି ଥିବାରୁ ଏହା କ୍ୟାନ୍ସରରୁ ଦୂରେଇ ରହିଥାଏ। ତେଣୁ ପ୍ରତିଦିନ ଖାଇବା ବେଳେ କଂଚାଲଙ୍କା ଖାଇବାକୁ ଭୁଲନ୍ତୁ ନାହିଁ।

- ଆପଣ ଜାଣି ଆଶ୍ଚର୍ଯ୍ୟ ହେବେକି ଯଦି ଶରୀରରେ କୌଣସି ସ୍ଥାନରେ ଜଳାପୋଡ଼ା ହେଉଛି ତେବେସେ ସ୍ଥାନରେ କଂଚାଲଙ୍କାକୁ ବ୍ୟବହାର କରିପାରିବେ। କିନ୍ତୁ ଆର୍ୟୁବେଦ ଅନୁସାରେ ଲଙ୍କାରେ ଏପରି କିଛି ଗୁଣ ରହିଛି, ଯାହା ଆମମାନଙ୍କୁ ଅଗୋଚର। ଲଙ୍କାରେ ଟିକେ ପାଣି ଦେଇ ଏହାର ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଆପଣଙ୍କ ଶରୀରରେ ଜଳୁଥିବା ସ୍ଥାନରେ ଲଗାନ୍ତୁ। ଦେଖିବେ ଏଥିରେ ଥିବା ଆଂଟି-ଅକ୍ସିଡେଂଟଣ୍ଟ କ୍ଷେତକୁ ଭଲ କରି ଦେଇଥାଏ।

- ଯଦି ଆପଣ ଦୁଃଖରେ ଅଛନ୍ତି, ତେବେ କଂଚାଲଙ୍କା ଖାଆନ୍ତୁ। ଏହା ଶୁଣି ଆପଣଙ୍କୁ ହୁଏତ ବିଶ୍ୱାସ ନ ଆସିପାରେ କିନ୍ତୁ କଥାଟି ସତ। ଦୁଃଖରେ ଥିବା ସମୟରେ ଆପଣ ଯଦି ଲଙ୍କା ଖାଉଛନ୍ତି ତେବେ ଦେଖିବେ ଆପଣଙ୍କ ମନଖୁସି ହୋଇଯିବ।

# ରକ୍ଷାକବଚ ମାଛ



ସବୁ ବର୍ଷ ଦିଲ୍ଲୀବାସୁଙ୍କୁ ଡେଙ୍ଗୁ-ମ୍ୟାଲେରିଆ ରୋଗରୁ ରକ୍ଷା କରିବା ପାଇଁ ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗ ଏକନିଆରା ପଦକ୍ଷେପ ନେଇଛି। ସ୍ୱାସ୍ଥ୍ୟ ବିଭାଗ ଏବେ ମଶାମାନଙ୍କ ବଂଶବୃଦ୍ଧିକୁ ମୂଳରୁ ନାଶ କରିବା ପାଇଁ ଏକ ମାଛର ସାହାରା ନେବାକୁ ଯାଉଛନ୍ତି। ଏହି ମାଛର ନାଁ ଗମ୍ବୁଜିଆ ଯାହାର ପସନ୍ଦର ଖାଇବା ହେଉଛି ମଶାମାନଙ୍କ ଡିମ୍ବ। ଦିଲ୍ଲୀକୁ ମଶା ଆତଙ୍କରୁ ରକ୍ଷା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଏହି ମାଛର ଏକ ଫୌଜକୁ ତିଆରି କରିବାକୁ ନିଷ୍ପତ୍ତି ନେଇଛି। ଦିଲ୍ଲୀର ଜାକିର ହୁସେନ୍ କଲେଜ ଏବଂ ସିଭିଲ ଲାଇସେନ୍ସରେ ଏକ ପୋଖରୀରେ ଏହି ମାଛମାନଙ୍କୁ ଛଡ଼ାଯାଇଅଛି। ପ୍ରାରମ୍ଭିକ ସ୍ତରରେ ଦିଲ୍ଲୀର ୧୨ଟି ଜୋନରୁ ୫୦ରୁ ଅଧିକ ସ୍ଥାନରେ ଏହି ମାଛମାନଙ୍କୁ ଛାଡ଼ିବାର ଯୋଜନା ରହିଛି। ଯେତେ ଶୀଘ୍ର ମଶାମାନଙ୍କ ବଂଶବୃଦ୍ଧି ହୁଏ ଠିକ୍ ସେହିପରି ଏହି ମାଛମାନଙ୍କ ମଧ୍ୟ ହୁଏ ଏବଂ ମାଛମାନେ ମଶାମାନଙ୍କ ଡିମ୍ବକୁ ଖାଇ ବଢ଼ିଥାନ୍ତି।

# ମା'କ୍ଷୀର ଭଲ କରିବ କ୍ୟାନ୍ସର



ମା' କ୍ଷୀରରୁ ବୈଜ୍ଞାନିକମାନେ କ୍ୟାନ୍ସର ଭଲ କରିବାରର ଉପାଦାନ ପାଇ ଯାଇଛନ୍ତି। ଏହି ଉପାଦାନ ଟ୍ୟୁମର କୋଷିକାକୁ ନିପାତ କରିପାରେ। ଏହାକୁ ସେମାନେ 'ହାମଲେଟ' ବୋଲି ନାମିତ କରିଛନ୍ତି। 'ହାମଲେଟ' ଭଲ କୋଷିକାକୁ କୌଣସି କ୍ଷତି ନପହଂଚାଇ କ୍ୟାନ୍ସର ଗ୍ରସ୍ତ କୋଷିକାକୁ ନଷ୍ଟ କରିପାରିବ ବୋଲି ଗବେଷକମାନେ କହିଛନ୍ତି। କ୍ୟାନ୍ସର ରୋଗୀଙ୍କ ଶୃରୀରରେ 'ହାମଲେଟ୍'କୁ ଇଞ୍ଜେକ୍ସିନ ମାଧ୍ୟମରେ ଦେବାର କିଛି ଦିନ ମଧ୍ୟରେ ଏହା କାମ କରିଥାଏ।

ବ୍ଲାଡ଼ର କ୍ୟାନ୍ସରରେ ପୀଡ଼ିତ ଲୋକଙ୍କ ଉପରେ ଏହାର ପରୀକ୍ଷଣରୁ ସନ୍ତୁଷ୍ଟଜନକ ପରିଣାମ ମିଳିଛି। ଗବେଷକମାନେ ଅନୁମାନ କରିଛନ୍ତି ଯେ, ହାମଲେଟ ବାଓ୍ୱେଲ କ୍ୟାନ୍ସର ଓ ସର୍ଭିକାଲ କ୍ୟାନ୍ସର କ୍ଷେତ୍ରରେ ବି ଲାଭଦାୟକ ବେହ। ପ୍ରଫେସର କ୍ୟାଥରିନା ସାଭନବର୍ଗ ଏହି ତଥ୍ୟ ଆବିଷ୍କାର କରିଛନ୍ତି। ସ୍ୱିଡ଼େନର ଲୁଣ୍ଡ ବିଶ୍ୱବିଦ୍ୟାଳୟରେ ଇମିନୋଲଜିଷ୍ଟ ପ୍ରଫେସର ଭାବେ କାମ କରୁଥିବା ସାଭନବର୍ଗ କହିଛନ୍ତି, ମା' କ୍ଷୀରରେ ଏକ ପ୍ରୋଟିନ ରହିଛିଯାହାକୁ ଆଇଫାଲା - କଟାଲବୁମିନ କୁହାଯାଏ। ଏହାହିଁ ପରବର୍ତ୍ତୀ ସମୟରେ ଅନ୍ତନଳୀରେ କ୍ୟାନ୍ସର ସହିତ ଲଢ଼ିବାଅର ଉପାଦାନ ପାଲଟିଯାଏ।

# କେମିତି ଛାଡିବେ ଧୂମ୍ରପାନ ? ଡାକ୍ତରଙ୍କ ପରାମର୍ଶ ଅନୁସାରେ କିଛି ଟିପ୍ସ

ଧୂମ୍ରପାନ ଆଜି ଆଧୁନିକ ଦୁନିଆଁରେ ଏକ ଫ୍ୟାସନ ପାଲଟି ଯାଇଛି । କିନ୍ତୁ ଧୁମ୍ରପାନ ଆମ ଶରୀର ପ୍ରତି ବହୁତ କ୍ଷତିକାରକ । ବିଡି, ସିଗାରେଟ୍, ଗଞ୍ଜେଇ ଭଳି ଧୂମ୍ରପାନ କରୁଥିବା ବ୍ୟକ୍ତିଙ୍କୁ କ୍ୟାନସର ହେବାର ଆଶଙ୍କା ଅଧିକ ରହିଥାଏ । ଧୂମ୍ରପାନ କରୁଥିଲେ ଫୁସଫୁସ କ୍ୟାନସର, ହାର୍ଟ ରୋଗ, ବ୍ଲକ ଭେସେଲ ନଷ୍ଟ, ଶ୍ୱାସ ପ୍ରଶ୍ୱାସ ନେବାର ଅସୁବିଧା, ପ୍ରଜନନ ସମସ୍ୟା, ଆଖି ରୋଗ ମଧ ହୋଇଥାଏ । ଧୂମ୍ରପାନ ଅଭ୍ୟାସ ମଧ ଛାଡିବା କଷ୍ଟକର । କିନ୍ତୁ ଏହା ଅସମ୍ଭବ ନୁହେଁ । ଡାକ୍ତରଙ୍କ ପରାମର୍ଶ ଅନୁସାରେ କିଛି ଟିପ୍ସ ଆପଣାଇଲେ ଆପଣ ବି ଧୂମ୍ରପାନ ଛାଡିପାରିବେ ।



## କେମିତି ଛାଡିବେ ଧୂମ୍ରପାନ ?

ଧୂମ୍ରପାନ ଛାଡିବା ପାଇଁ ପ୍ରଥମେ ଏକ ତାରିଖ ନିର୍ଦ୍ଧାରଣ କରନ୍ତୁଫ।
୨ରୁ ୪ ସପ୍ତାହ ମଧରେ ଏହି ତାରିଖ ବାଛନ୍ତୁ।
ଫଳରେ ଏଥିପାଇଁ ପ୍ରସ୍ତୁତ ହେବାକୁ ଓ ପ୍ଲାନ ବନାଇବାକୁ ସମୟ ମିଳିବ।
କ'ଣ ପାଇଁ, କାହିଁକି ଏବଂ କେଉଁଠି ଆପଣ ଧୂମ୍ରପାନ କରୁଛନ୍ତି ତାହା ଲେଖନ୍ତୁ।
ଏହାଦ୍ୱାରା ଧୁମପାନ ଛାଡିବା ପାଇଁ ଏକ ଷ୍ଟ୍ରାଟେଜି ବନାଇପାରିବେ।
ସେହି ସମୟ ଏବଂ ସ୍ଥାନକୁ ଆପଣ ଅଣଦେଖା କରିପାରିବେ।
ଧୁମପାନ ଛାଡିବା ନେଇ ତୁମର ସାଙ୍ଗ, ପରିବାର ଲୋକ, ସହର୍କମୀଙ୍କୁ ଜଣାଇଦିଅନ୍ତୁ।
ଜଣାଇବା ସହ ସେମାନଙ୍କୁ ସହଯୋଗ କରିବାକୁ କୁହନ୍ତୁ।
ଧୁମପାନ କଲେ ଶରୀର ପ୍ରତି କ'ଣ କ୍ଷତିକାରକ ଜାଣନ୍ତୁ।
ଆବଶ୍ୟକ ସ୍ଥଳେ ନିକୋଟିନ୍ ରିପ୍ଲେସମେଂଟ୍ ଥେରାପି ଗ୍ରହଣ କରନ୍ତୁ।
ଅର୍ଥାତ୍ ସିଗାରେଟ୍ ପରିବର୍ତ୍ତେ ନିକୋଟିନ୍ ଯୁକ୍ତ ଚୁଇଗମ୍ ଖାଆନ୍ତୁ।
ନିଜର ଇଚ୍ଛାକୁ ନିୟନ୍ତ୍ରଣ କରିବାକୁ ଯୋଜନା ପ୍ରସ୍ତୁତ କରନ୍ତୁ।
କିଛି ସମୟ ଚାଲିବା ଅବା କିଛି ସମୟ ଦିର୍ଘ ନିଶ୍ୱାସ ନିଅନ୍ତୁ।
ନିଜକୁ ଯେତେ ସମ୍ଭବ ବ୍ୟସ୍ତ ରଖିବାକୁ ପ୍ରୟାସ କରନ୍ତୁ।
ଜୀବନରେ ନୂଆ ହବି ତଥା ସଉକ, ନୂଆ କାର୍ଯ୍ୟକ୍ରମ ସାମିଲ କରନ୍ତୁ।
କିଛି ବହି, ମେଗାଜିନ ପଢାପଢି କରିପାରିବେ।
ମନେ ରଖନ୍ତୁ ଧୁମ୍ରପାନ ଛାଡିବା ଏକ ପ୍ରକିୟା।
ଯଦି କେବେ ପୁଣି ଧୁମ୍ରାପାନ କରୁଛନ୍ତି ଏଥିପାଇଁ ବ୍ୟସ୍ତ ହଅନ୍ତୁ ନାହିଁ।
ନିଜ ଉପରେ ବିଶ୍ୱାସ ରଖନ୍ତୁ ଏବଂ ପ୍ରକିୟା ଅବଲମ୍ବନ କରନ୍ତୁ।

# କିଡ୍‌ନୀ ବିକିବା ପାଇଁ ଅନୁମତି ଲୋଡ଼ିଲେ ଶ୍ରମିକ

ଜଣେ ଗରିବ ଶ୍ରମିକଙ୍କୁ ପୁଅର ଚିକିତ୍ସା ପାଇଁ ଋଣ ବୋଝ ଏତେ ବାଧିଛି ଯେ ସେ ଏବେ ନିଜ କିଡନୀ ବିକିବା ପାଇଁ ଅନୁମତି ଲୋଡ଼ିଛନ୍ତି ଜିଲ୍ଲାପାଳଙ୍କର। ମଙ୍ଗଳବାର କୃଷକ ଜଣକ ଜିଲ୍ଲାପାଳ କାର୍ଯ୍ୟାଳୟରେ ପହଂଚିବା ଏବଂ ଏହି ଅନୁରୋଧ କରବା ରାଜ୍ୟ ସରକାର ଓ ପ୍ରଶାସନିକୁ ଦୃଢ଼ ଚିନ୍ତାରେ ପକାଇଛି।

ଡୋମରି ଅଂଚଳରେ ରହୁଥିବା ମଙ୍ଗଳ ପ୍ରସାଦ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କ ବଡ଼ପୁଅ ଟିବିରେ ଆକ୍ରାନ୍ତ ହୋଇଥିଲା ବେଳେ ତା'ର ଚିକିତ୍ସା ପାଇଁ ମଙ୍ଗଳ ବିଭିନ୍ନ ଲୋକଙ୍କ ଠାରୁ ଋଣ କରିଥିଲେ। ଏବେ ଋଣ ଭାର ଏତେ ବଢ଼ିଯାଇଛି ଯେ ମଙ୍ଗଳ ତାକୁ କିପରି ସୈଠ କରିବେ ସେହି ଚିନ୍ତାରେ ଅଛନ୍ତି। ଆଉ ଅର୍ଥ ଦେଇଥିବା ଲୋକମାନେ ମଧ୍ୟ ତାଙ୍କୁ ନାନା ପ୍ରକାର ହଇରାଣ କରୁଛନ୍ତି। ଏଥିରେ ଭୟଭୀତ ମଙ୍ଗଳ ଜିଲ୍ଲାପାଳ ଯୋଗେଶ୍ୱର ରାମ ମିଶ୍ରଙ୍କୁ ଭେଟି କିଡନୀ ବିକିବାର ଅନୁରୋଧ କରିଥିଲେ ଏଥିସହ ସେ ଏକ ପତ୍ର ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଛନ୍ତି।

# ମିଳିବ ଅଂଟା ଯନ୍ତ୍ରଣାରୁ ମୁକ୍ତି



ଅଧିକ ସମୟ ବସି କାର୍ଯ୍ୟ କରିବା, ଠିଆ ହେବା, ଏକୁଟିଆ ଭୁଲ୍ ଉପାୟରେ ଓଜନିଆ ଜିନିଷ ଉଠାଇବା କାରଣରୁ ଅଣ୍ଟା ବ୍ୟଥା ହୋଇପାରେ। ଅଣ୍ଟା ବ୍ୟଥାର ଅନେକ କାରଣ ହୋଇପାରେ। କିନ୍ତୁ ଅଧିକାଂଶ ମାଂସପେଶୀରେ ଟାଣିହେବା ସ୍ପାଇନାଲ କର୍ଡ଼ ହାଡ଼ରେ ଯନ୍ତ୍ରଣା ହେବା ସହ ଅଂଟା ବ୍ୟଥା ହୋଇଥାଏ। ଯଦି ନିଜ ଦୈନନ୍ଦିନ ଅଭ୍ୟାସକୁ ପରିବର୍ତ୍ତନ କରିପାରନ୍ତି ଅଂଟ ବ୍ୟଥାରୁ ଦୂରେଇ ରହିବେ। ଭଲ ନିଦ ପାଇଁ ଅନେକ ଲୋକ ତକିଆ ବ୍ୟବହାର କରିଥାନ୍ତି। କିନ୍ତୁ ପାଦର ତଳ ଭାଗରେ ତକିଆ ରଖିବା ଦ୍ୱାରା ନିଦ ଭଲ ହୋଇଥାଏ, ଏବଂ ଅଂଟା ବ୍ୟଥାରୁ ଆରାମ ମିଳିଥାଏ। ପାଦ ତଳେ ତକିଆ ରଖିବା ଦ୍ୱାରା ଅଣ୍ଟା ଉପରେ ଚାପ କମ୍ ପଡ଼ିଥାଏ। ଏକ୍ସପର୍ଟଙ୍କ କହିବାନୁସାରେ ପିଠିମାଡ଼ି ଶୋଇବା ସମୟରେ ପ୍ରାୟ ୫୫ପାଉଣ୍ଡ ଓଜନ ମେରୁ ଉପରେ ରହିଥାଏ। ଯଦି ଆଣ୍ଠୁ ତଳେ ତକିଆ ରଖାଯାଏ, ମେରୁଦଣ୍ଡ ଉପରେ ପଡୁଥିବା ଓଜନ ଅଧା ହୋଇ ଯାଇଥାଏ। ହାଡ଼ ସମ୍ବନ୍ଧିତ ସମସ୍ୟାରୁ ବର୍ତିବାକୁ ହେଲେ, ନିଜ ଖାଦ୍ୟପେୟର ଧ୍ୟାନ ରଖିବା ଉଚିତ। କ୍ୟାଲସିୟମ ଭିଟାମିନ-ଡି ଯୁକ୍ତ ଆହାର ନିଅନ୍ତୁ। କ୍ୟାଲସିୟମ ପାଇଁ କ୍ଷୀର, ଦହି, ପନୀର ବ୍ୟତୀତ ସବୁଜ ପରିବା ଲାଭଦାୟକ। ଡାକ୍ତରଙ୍କ ପରାମର୍ଶ କ୍ରମେ ଭିଟାମିନ୍ ସପ୍ଲିମେଣ୍ଟ ନେଇପାରନ୍ତି।

# ପାଚନ କ୍ରିୟା ଠିକ୍ କରେ ମଣ୍ଡୁକାସନ



ପ୍ରଥମେ ଆସନ ଉପରେ ସୁପ୍ତ ବଜ୍ରାସନ ମୁଦ୍ରାରେ ବସନ୍ତୁ। ଡାହାଣଗୋଡ଼ ଉପରେ ଅଧିକ ଭାର ଦେଇ ବାମ ପାଦକୁ ନିତମ୍ବର ବାମ ପାଖକୁ ନନିଅନ୍ତୁ। ଏବେ ଶରୀର ଭାର ବାମ ପାଖକୁ ଦେଇ ଡାହାଣ ପାଦକୁ ଡାହାଣ ପାଖକୁ ନିଅନ୍ତୁ। ଦୁଇ ହାତକୁ ଭୂମି ଉପରେ ରଖି ତା' ଉପରେ ସମସ୍ତ ଶରୀରର ଭାର ରଖିବାକୁ ଚେଷ୍ଟା କରନ୍ତୁ। କଷ୍ଟ ଲାଗିଲେ ମଧ୍ୟ ଦୁଇ ହାତ ଦୁଇ ପାଖରେ ଭୂମି ଉପରେ ରଖି ଶରୀରର ଭାର ସମ୍ଭାଳନ୍ତୁ ଓ ଦୁଇ ଆଣ୍ଠୁକୁ ପୃଥକ କରନ୍ତୁ। ବାମ ଆଣ୍ଠୁ ବାମକୁ ଓ ଡାହାଣ ଆଣ୍ଠୁ ଡାହାଣକୁ ଘୁଂଚାନ୍ତୁ। ଯେତେ ସମ୍ଭବ ଦୁଇ ଆଣ୍ଠୁ ପରସ୍ପର ଠାରୁ ଦୂରେଇ ରଖନ୍ତୁ। ଦୁଇ ହାତ ପାପୁଲି ଦୁଇ ଆଣ୍ଠୁ ଉପରେ ରଖନ୍ତୁ। ମେରୁଦଣ୍ଡ ଯେପରି ସିଧା ରହିବ। ଶ୍ୱାସ ପ୍ରଶ୍ୱାସ ସ୍ୱାଭାବିକ ରହିବା ଉଚିତ। ଦୃଷ୍ଟିସାମନାକୁ ରହିବା ଉଚିତ। ୮ ରୁ ୧୦ ସେକେଣ୍ଡ ଏହି ସ୍ଥିତିରେ ରହି ବିଶ୍ରାମ ନେଇ ପୁଣି ପୁନରାବୃତ୍ତି କରନ୍ତୁ। ଏହାକୁ କଲାବେଳେ ଦୁଇ ହାତ ଓ ବେକ ସିଧା ରହିବା ଉଚିତ୍। ଯେପରି ଅଂଟା ବାଙ୍କିବ ନାହିଁ। ଏହାକୁ କରିବା ଦ୍ୱାରା ନିତମ୍ବର ଶୋଭା ବୃଦ୍ଧି ପାଇବ,ଜଙ୍ଘ, ନିତମ୍ବ, ଗୋଡ଼, ପ୍ରଜନନ ଅଙ୍ଗ ସୁସ୍ଥ ସବଳ ରହିବ, ଯୌନ କ୍ଷମତା ବଢ଼ିବ, ଅର୍ଶ କଷ୍ଟରୁ ଆରାମ ମିଳିବ, ପାଚନ କ୍ରିୟା ଅଧିକ ସକ୍ରିୟ ହେବା ସହିତ ସ୍ତ୍ରୀ,ପୁରୁଷ ଉଭୟଙ୍କର ଅଣ୍ଟା ଅଂଶରୁ ସ୍ନାୟୁମଣ୍ଡଳ ସୁସ୍ଥ ସବଳ ରହିଥାଏ।

## ସନ୍ଧାନୀ ଆପ୍

ହାଇଦ୍ରାବାଦ ସ୍ଥିତ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ସେବାକେନ୍ଦ୍ର ପକ୍ଷରୁ ଏକ ନୂଆ ମୋବାଇଲ୍ ଆପ୍ ବିକଶିତ କରାଯାଇଛି। 'ସାରାତ୍' ଭାବେ ଏହା ନାମିତ। ଗଭୀର ସମୁଦ୍ରରେ ଚଉଷଠି ପ୍ରକାର ଅନୁସନ୍ଧାନ ଓ ଉଦ୍ଧାର କାର୍ଯ୍ୟରେ ଏହାକୁ ଉପଯୋଗ କରିହେବ। ଏହା ଦ୍ୱାରା ଠିକଣା ସମୟରେ ଧନ-ଜୀବନ ସମ୍ପର୍କରେ ସୂଚନା ମିଳିବା ସହ ସେଗୁଡ଼ିକ ସୁରକ୍ଷିତ ରଖିହେବ। ସମୁଦ୍ର ତଟରକ୍ଷୀବାହିନୀ, ଭାରତୀୟ ନୌସେନା ତଥା ସମୁଦ୍ରକୂଳ ପୋଲିସକୁ ଏହି ଆପ୍ ଅତ୍ୟନ୍ତ ସହାୟକ ହେବ।

## ସୂର୍ଯ୍ୟଙ୍କ ଅସ୍ତିତ୍ୱ ଶେଷ ହେବାପରେ ମଧ୍ୟ ଜୀବିତ ରହିବ ଏହି ପ୍ରାଣୀ

ସମୁଦ୍ରର ୧୩ହଜାର ଫୁଟ୍ ଗଭୀରାରେ ଟାରଡିଗ୍ରେଡ୍ ପ୍ରଜାତିର ପ୍ରାଣୀ ଦେଖାଯାଏ। ୧୭୭୭ରେ ଜନୈକ ଆମେରିକୀୟ ବିଶେଷଜ୍ଞ ଏହି ପ୍ରାଣୀକୁ ଠାବ କରିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ପ୍ରାଣୀର ୧,୧୫୦ଟି ପ୍ରଜାତି ଠାବ ହୋଇଛି। ୮ଟି ଗୋଡ଼ ଥିବା ଏହି ପ୍ରାଣୀ ଉପରେ ଗତ ୧୦ବର୍ଷହେଲା ଜାପାନୀ ବିଶେଜ୍ଞେ ଦଳ ଗବେଷଣା କରୁଛନ୍ତି। ମୁଖ୍ୟ ବିଶେଷଜ୍ଞଙ୍କ କହିବାନୁସାରେ ଏହି ପ୍ରାଣୀ ସୂର୍ଯ୍ୟଙ୍କ ଅସ୍ତିତ୍ୱ ଶେଷ ହେବାପରେ ମଧ୍ୟ ଜୀବିତ ରହିବ। ଅତି କମରେ ୧୦କୋଟି ବର୍ଷ ଗଭୀର ପାଣିରେ ଏହି ପ୍ରାଣୀ ବେଶ୍ ଆରାମରେ ଜୀବନ ଅତିବାହିତ କରିବ।

## ରାଶି ଅନୁଯାୟୀ ଦାନ



ରାଶି ଅନୁଯାୟୀ ଦାନକଲେ ଲାଭ, ସୁଖ, ଶାନ୍ତି ପ୍ରାପ୍ତ ହୋଇଥାଏ। ଏହାବ୍ୟତୀତ ଘରକୁ ନକାରାତ୍ମକ ଶକ୍ତିର ପ୍ରଭାବ ମଧ୍ୟ କମିଯାଇଥାଏ। ତେବେ ଆସନ୍ତୁ ଜାଣିବା କେଉଁ ରାଶିର ବ୍ୟକ୍ତି କ'ଣ ଦାନ କରିବା ଉଚିତ୍। ମେଷ ରାଶି ବ୍ୟକ୍ତି ମୁକ୍ତ ହସ୍ତ ଓ ସ୍ୱଚ୍ଛ ମନରେ ତମ୍ବା ବସ୍ତୁ ଦାନକଲେ ଅଶେଷ କୃପା ଅର୍ଜନ କରିପାରିବେ। ସେହିପରି ବୃଷଭ ରାଶି ବ୍ୟକ୍ତି ଚାନ୍ଦି, ମିଥୁନ ରାଶି ବ୍ୟକ୍ତି ହଳଦିଆ ବସ୍ତ୍ର, କର୍କଟ ରାଶି ବ୍ୟକ୍ତି ଧଳା ରଙ୍ଗର ରେଶମ ବସ୍ତ୍ର, ସିଂହ ରାଶି ବ୍ୟକ୍ତି ଗୁଡ଼ ଓ ଗହମ କନ୍ୟା ରାଶି ବ୍ୟକ୍ତି ଗୋଟା ମୁଗ, ତୁଳା ରାଶି ବ୍ୟକ୍ତି ଗୁଡ଼, ବିଛା ରାଶି ବ୍ୟକ୍ତି ଲାଲ ରଂଗର ବସ୍ତ୍ର, ଧନୁ ରାଶି ବ୍ୟକ୍ତି ସ୍ୱର୍ଣ୍ଣ, ମକର ରାଶି ବ୍ୟକ୍ତି କମ୍ବଳ, କୁମ୍ଭରାଶି ବ୍ୟକ୍ତି ଘୃତ ଓ ମୀନ ରାଶି ବ୍ୟକ୍ତି ଚଣା ଡାଲି ଦାନକଲେ ପରିବାରରେ ଶାନ୍ତି ଓ ନକାରାତ୍ମକ ଶକ୍ତିଠାରୁ ବ୍ୟକ୍ତି ନିଜକୁ ସୁରକ୍ଷିତ କରିପାରିଥାଏ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୮ ସେପ୍ଟେମ୍ବର ୨୦୨୩, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।


## ସମାଧାନ ପନ୍ଥା...

ଅନାହାର ଏବଂ ଅପପୁଷ୍ଟି - ଏ ଦୁଇଗୋଟିଯାକ ଶବ୍ଦ ମନେହୁଏ ବିଶ୍ୱର ମଣିଷ ସମାଜ ସହିତ ସହଚର ଭାବରେ ରହିଛନ୍ତି- ଅନେକ ଯୋଜନା, ଅନେକ କୌଶଳ ଆପଣା ଯିବା ପରେ ମଧ ଏ ଦୁଇଗୋଟିକୁ କାହିଁ କେଉଁ ଦୂର ଅତୀତକୁ ପଠାଇ ଦେବା ପାଇଁ; ଉଚ୍ଛେଦ କରିଦେବା ପାଇଁ ଏମିତି ଢଙ୍ଗରେ ଯେ ଲୋକମାନେ ଯେମିତି ଭାବିବେ ଏ ଦୁଇଟିଯାକ ଥିଲେ ଅତୀତର ଗୋଟିଏ ଗୋଟିଏ ଦୁଃସ୍ୱପ୍ନ । କିନ୍ତୁ ହାୟ, ତଥାପି ଏ ଦୁଇଟିଯାକ ରହିଛନ୍ତି ଆମମାନଙ୍କ ଗହଣରେ ; ସାରା ବିଶ୍ୱରେ କେଉଁଠି ନା କେଉଁଠି ! ତା'ହେଲେ କ'ଣ ଅନାହାର ଏବଂ ଅପପୁଷ୍ଟିକୁ ଦୂର କରିବା ପାଇଁ ଚାଲିଥିବା ଲଢ଼େଇରେ ବିଶ୍ୱ ପରାଜିତ ହୋଇ ଚାଲିଛି ? ନିକଟରେ ଜାତିସଂଘ ସମର୍ଥିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଜଣେ ମୁଖ୍ୟଙ୍କ ଦ୍ୱାରା ପ୍ରଦତ୍ତ ଏକ ବିବୃତି ସମସ୍ତଙ୍କୁ ବିସ୍ମିତ କରିଦେବା ଭଳି ଏକ ତଥ୍ୟ ପ୍ରକାଶ କରିଛି । ଏହା ଉଲ୍ଲେଖ କରିଛି ଯେ ବିଶ୍ୱରେ ଏବେ ବି ୭୮୩ ମିଲିଅନ୍ ଲୋକ ରହିଛନ୍ତି, ଅର୍ଥାତ୍ ଏଇ ପୃଥିବୀ ନାମକ ଗ୍ରହରେ ପ୍ରତି ୧୦ ଜଣରେ ଜଣେ ଲୋକ ଅଛନ୍ତି, ଯିଏକି ପ୍ରତି ରାତିରେ ଖାଲିପେଟରେ ଶୋଇବାକୁ ଯାଉଛନ୍ତି। ଏଇ ଭୟଙ୍କର ସଂଖ୍ୟା ଏକ ବ୍ୟତିକ୍ରମ ନୁହେଁ; ୨୦୨୦ରେ ହାରାହାରି ୮୧୧ ମିଲିଅନ୍ ଲୋକ ଅନାହାରର ଶିକାର ଥିଲେ, କାରଣ ସମସ୍ତଙ୍କର ମନେ ଥାଇପାରେ ଯେ ଏହି ସମୟରେ ମହାମାରୀ କରୋନା ବା କୋଭିଡ୍-୧୯ ତା'ର ସବୁ ଶକ୍ତି ସହିତ ମାନବ ସମାଜ ଉପରେ ପ୍ରାଧାନ୍ୟ ବିସ୍ତାର କରୁଥିଲା, ଯାହାର ପରିଣତି ସ୍ୱରୂପ ଏତେ ସଂଖ୍ୟକ ଲୋକ ଭୋକର ଭୂଗୋଳ ଭିତରକୁ ଠେଲି ହୋଇ ଯାଇଥିଲେ । ତେବେ ବିଶ୍ୱର ପ୍ରାୟ ସବୁ ରାଷ୍ଟ୍ରରେ ମାନବ ସମାଜ ଭିତରେ ଚକା ମାଡ଼ି ବସିଥିବା ଅସମାନତା ଏବଂ କୋଭିଡ୍-୧୯ ମହାମାରୀ ଯେ କେବଳ ସରକାରମାନଙ୍କର ଅନାହାର ଦୂରୀକରଣ ଉଦ୍ୟମଗୁଡ଼ିକ ଉପରେ ପାଣି ପକାଇ ଦେଇଥିଲା, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, ବରଂ ଏହାର ସାଥୀ ଭାବରେ ଆଉ ଏକ ସମସ୍ୟା ଆବିର୍ଭୂତ ହୋଇଥିଲା, ଯାହା ବୈଶିକ ଖାଦ୍ୟ ସଂକଟକୁ ଅଧିକ ବଢ଼ାଇ ଦେଇଥିଲା । ତାହା ହେଉଛି ଯୁଦ୍ଧ । ଉଦାହରଣ ସ୍ୱରୂପ, ୨୦୧୯ରେ ରୁଷିଆ ସହିତ ମିଶି ୟୁକ୍ରେନ୍ ବିଶ୍ୱ ଗହମ ରପ୍ତାନୀର ଏକ-ଚତୁର୍ଥାଂଶର ଅଧିକାରୀ ଥିଲା, କିନ୍ତୁ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଏବଂ ୟୁକ୍ରେନ୍‌ର ବନ୍ଦରଗୁଡ଼ିକୁ ଏହାଦ୍ୱାରା ଅବରୋଧ କରାଯିବା ସମଗ୍ର ବିଶ୍ୱରେ ଖାଦ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟରେ ଦ୍ରୁତ ବୃଦ୍ଧି ଘଟାଇଛି । ଆଉ ଏହାର ସବୁଠୁ ବେଶୀ ପାର୍ଶ୍ୱ ପ୍ରଭାବଜନିତ ସଂକଟ ସୃଷ୍ଟି ହୋଇଛି ଗରିବ ରାଷ୍ଟ୍ରମାନଙ୍କରେ। ଉଦାହରଣ ଭାବରେ ନିଆଯାଇପାରେ ଏକ ଗରିବ ରାଷ୍ଟ୍ର ଲିବ୍ୟାକୁ । ଏହି ରାଷ୍ଟ୍ର ସମ୍ପ୍ରତି ଯୁଦ୍ଧରେ ବ୍ୟାପୃତ ରୁଷିଆ ଏବଂ ୟୁକ୍ରେନ୍‌ରୁ ଏହାର ମୋଟ ଖାଦ୍ୟ ସାମଗ୍ରୀର ୮୮ ପ୍ରତିଶତ ଆମଦାନୀ କରୁଥିଲା । ତେଣୁ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହି ଦେଶରେ ଖାଦ୍ୟ ସଂକଟ ଦେଖାଯିବା ଏକ ସ୍ୱାଭାବିକ କଥା । ଏଇଥରୁ ସୃଷ୍ଟିହୁଏ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ଏମିତି ଏକ ସମୟରେ, ଯେତେବେଳେ କି ଭୂରାଜନୀତିକ ସହଯୋଗ ସମଗ୍ର ବିଶ୍ୱରେ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଛି ଏବଂ ବ୍ରିକସ୍ ଓ ଜି୨୦ ଭଳି ବହୁରାଷ୍ଟ୍ରୀୟ ମଞ୍ଚଗୁଡ଼ିକ ଅନେକ ସଂଖ୍ୟକ ଜଟିଳ ସମସ୍ୟାର ସମାଧାନ କରିବାର ସାମର୍ଥ୍ୟ ବହନ କରନ୍ତି ବୋଲି ଉପସ୍ଥାପନ କରାଯାଉଛି, ସେତେବେଳେ ଆନ୍ତର୍ଜାତିକ ସମୁଦାୟ ବା ଭୂରାଜନୀତିକ ଗୋଷ୍ଠୀମାନେ କାହିଁକି ବିଶ୍ୱରେ ରହି ଆସୁଥିବା ଅନାହାର ପ୍ରସଙ୍ଗ ରୂପକ ଆହ୍ୱାନକୁ ସମୂଳେ ଦୂର କରିବା ନିମନ୍ତେ ଉପାୟ ବାହାର କରିବାରେ ବିଫଳ ହେଉଛନ୍ତି ? ଏଇ ପ୍ରଶ୍ନ ପଚରା ଯିବାର ଯଥାର୍ଥତା ରହିଛି, କାରଣ ଖାଦ୍ୟ ସଂକଟକୁ ଦୂର କରିବା କ୍ଷେତ୍ରରେ ଆନ୍ତର୍ଜାତିକ ସହଯୋଗ କିପରି କାର୍ଯ୍ୟ କରିଥାଏ, ତା'ର ଉଦାହରଣମାନ ରହିଛି । ଲାଟିନ୍ ଆମେରିକାରେ ୧୯୯୦-୯୨ରେ ଅନାହାର ପ୍ରପୀଡ଼ିତ ଲୋକଙ୍କ ସଂଖ୍ୟା ୬୯ ମିଲିଅନ୍ ଥିଲା, ଯାହା ୨୦୧୨-୧୪ ବେଳକୁ ୩୭ ମିଲିଅନ୍‌କୁ ହ୍ରାସ ପାଇଥିଲା । ଏହି ଅନାହାରରେ ରହୁଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇଥିଲା କମ୍ୟୁନିଟି ଅଫ୍ ଲାଟିନ୍ ଆମେରିକାନ୍ ଆଣ୍ଡ୍ କାରିବିଆନ୍ ଷ୍ଟେଟସ୍ ଭଳି ସଂଗଠନମାନଙ୍କର ଅକ୍ଳାନ୍ତ ଉଦ୍ୟମ ଯୋଗୁଁ, ଯେଉଁମାନେ କି ଅନାହାର ଏବଂ ଅପପୁଷ୍ଟି ଭଳି ଭୟଙ୍କର ସମସ୍ୟାର ଅନ୍ତ ଘଟାଇବା ନିମନ୍ତେ ଆଞ୍ଚଳିକ ସଂଗଠନମାନଙ୍କ ସାମର୍ଥ୍ୟକୁ ବିଭିନ୍ନ ପ୍ରକାରର ସାହାଯ୍ୟ ସହଯୋଗ ଦ୍ୱାରା ବୃଦ୍ଧି କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଏଇ ପରିପ୍ରେକ୍ଷୀରେ ଭାରତର ଛବି ନିର୍ଦ୍ଦିଷ୍ଟ ଭାବରେ ବେଳକୁ ବେଳ ଅଧିକରୁ ଅଧିକ ମଳିନ ଦେଖା ଯାଇଥାଏ। ଭାରତରେ, ଯେଉଁଠି ୮୦୦ ମିଲିଅନ୍ ଲୋକ ସରକାରୀ ରାସନ ଉପରେ ନିର୍ଭର କରି ସେମାନଙ୍କର ଦୈନନ୍ଦିନ ଖାଦ୍ୟ ସମସ୍ୟାର ମୁକାବିଲା କରିଥାନ୍ତି, ଚଳିତ ବର୍ଷର ବଜେଟ୍‌ରେ ସେ କ୍ଷେତ୍ରରେ ପିଏମ୍ ପୋଷଣ କାର୍ଯ୍ୟକ୍ରମ ଅଧୀନରେ ଆବଣ୍ଟନରେ ହ୍ରାସ କରାଯିବା ସ୍ପଷ୍ଟ ଭାବରେ ରାଜନୀତିକ ଦୂରଦୃଷ୍ଟିରେ ଅଭାବ ରହିଥିବାର ପ୍ରତିନିଧି କରିଥାଏ। ପରିପୋଷଣୀୟ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଅନୁସାରେ ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱ ବକ୍ଷରୁ ଅନାହାରକୁ ଦୂର କରିବାର ଲକ୍ଷ୍ୟ ରଖା ଯାଇଛି । ପରନ୍ତୁ, ଆଉ ମାତ୍ର ସାତ ବର୍ଷ ଭିତରେ ଏହି ଲକ୍ଷ୍ୟକୁ ଦୂର କରିବା କେତେ ପରିମାଣରେ ସମ୍ଭବ ହେବ, ତାହା ଉପରୋକ୍ତ ତଥ୍ୟ ଓ ଅବଲମ୍ବନ କରାଯାଉଥିବା ପଦ୍ଧତିଗୁଡ଼ିକରୁ ସହଜରେ ଅନୁମେୟ । ତେଣୁ ଭାରତ ସମେତ ବିଶ୍ୱର ଅନ୍ୟ ସମସ୍ତ ସରକାରମାନେ ଅନାହାର ଭଳି ସମସ୍ୟାର ସ୍ଥାନୀୟକୃତ, ଛୋଟ ଛୋଟ ଅଂଶରେ ବିଭକ୍ତ କରି ସମାଧାନ କରିବାର ଆଭିମୁଖ୍ୟ ନେଇ କାର୍ଯ୍ୟ କଲେ ଉପରୋକ୍ତ ବର୍ଷ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ସମ୍ଭବ ହୋଇପାରେ।

# ଇରମ ଗୁଳିକାଣ୍ଡର ଦିଗ ଓ ଦିଗନ୍ତ



### ଡ. ଶିଶିର କୁମାର କର





୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ଘଟଣା । ସେହି ବର୍ଷ ଅଗଷ୍ଟ ୨୭ ତାରିଖଠାରୁ ଇରମ ଭୂମିରେ ଏହି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା । ସେହିଦିନ ଠାରୁ ଇରମ ମେଳନ ପଡ଼ିଆରେ ସତ୍ୟାଗ୍ରହୀମାନେ ମିଳିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଥିଲେ ।

ତନ୍‌ମଧ୍ୟରୁ ଦଫାଦାର ଓ ଚୌକିଦାରଙ୍କ ପୋଷାକ ପୋଡ଼ିବା, ହାଟ ଓ ଶିକ୍ଷାନୁଷ୍ଠାନରେ ହରତାଳ ପାଳନ କରିବା ।

ବାସୁଦେବପୁର ଥାନା ପୋଡ଼ିବା ପାଇଁ ପଦକ୍ଷେପ ଗ୍ରହଣ କରିବା । ବାସୁଦେବପୁରର ତତ୍କାଳୀନ ଇଉନିଅନ୍ ପ୍ରେସିଡ଼େଣ୍ଟ ନାରାୟଣ ମାନ୍ଧାତା ଜଣେ ଉଗ୍ର ସ୍ୱଭାବର ବ୍ୟକ୍ତି ଥିବାରୁ ତାଙ୍କୁ ନିଜ ପଦବୀରୁ ଇସ୍ତଫା ଦେବାପାଇଁ ବାଧ କରିବା । ତାଙ୍କର କାଗଜପତ୍ର ସର୍ବସାଧାରଣରେ ପୋଡ଼ି ପକାଇବା ଓ ତାଙ୍କ ଘରର ଝରକା ଭାଙ୍ଗିବା ।

ତତ୍କାଳୀନ ଜମିଦାର ରାଧାକାନ୍ତ ପାଢୀଙ୍କର ପଡୁଆଁ ସ୍ଥିତ ଅମାର ଭାଙ୍ଗି ଧାନ ବୋହି ଆଣି ଗରିବ ଲୋକଙ୍କୁ ବଣ୍ଟନ କରିବା । ଯାହା ଫଳରେ ଜମିଦାର, ପୋଲିସ୍ ଓ ଇଂରେଜ ସରକାରଙ୍କ ରାଗରୋଷର କାରଣ ସତ୍ୟାଗ୍ରହୀମାନେ ହୋଇଥିଲେ । ଏତଦ୍ ଭିନ୍ନ ଅନ୍ୟ ଗୋଟିଏ କାର୍ଯ୍ୟକ୍ରମ ଥିଲା ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ।

'ବାଞ୍ଛାନିଧି ଚକଲା' - ଇରମ ଗୁଳିକାଣ୍ଡର ପ୍ରଧାନ କାରଣ :- ଇରମ ମେଳନ ପଡ଼ିଆଟି ହୋଲି ଖେଳ ପାଇଁ ଥିଲା ବିଖ୍ୟାତ । ଏହି ପଡ଼ିଆରେ ସତ୍ୟାଗ୍ରହୀ, ସଂଗ୍ରାମୀ ଓ ସ୍ୱାଧୀନତା ଆଶାୟୀ କିଛି ଜନତା ୧୯୪୨ ମସିହା ସେପ୍ଟେମ୍ବର ମାସ ୧୭ ତାରିଖ ଗୁରୁବାର ଦିନ ବସି ଏକ ସମାନ୍ତରାଳ ସରକାର ଗଠନର ସିଦ୍ଧାନ୍ତ ନେଲେ । ସେହି ଆହୂତ ସଭାରେ ଱ ଗୌରାଙ୍ଗ ଚନ୍ଦ୍ର ମହାନ୍ତି ପୌରୋହିତ୍ୟ କରିଥିଲେ। ସଭାରେ ବିଭିନ୍ନ ଦୃଷ୍ଟିକୋଣକୁ ବିଚାର କରି ଱ କମଳା ପ୍ରସାଦ କର, ଱ ଅନିରୁଦ୍ଧ ମହାନ୍ତି, ଱ ଗଣେଶ ପ୍ରସାଦ ତ୍ରିପାଠୀ, ଱ ଶ୍ୟାମସୁନ୍ଦର ପାଣିଗ୍ରାହୀ ଓ ରାଧାଶ୍ୟାମ ନାୟକ ବକ୍ତୃତା ପ୍ରଦାନ କରିଥିଲେ । କର୍ମୀମାନଙ୍କର ଉପସ୍ଥିତିରେ ସ୍ୱାଧୀନ ସମାନ୍ତରାଳ ସରକାରର ନାମ ରଖିଥିଲେ "ସ୍ୱାଧୀନ ବାଞ୍ଛାନିଧି ଚକଲା" ।

ଚକଲାର ସୀମା ଥିଲା ୧୯ ବର୍ଗ ମାଇଲ । ଏଥିରେ ଛଅ ଗୋଟି ପଞ୍ଚାୟତ ଏବଂ ୨୭ ଗୋଟି ଗ୍ରାମ ଥିଲା ସାମିଲ । ଉତ୍ତରରେ କାଂଶବାଂଶ ନଦୀ ଠାରୁ ଦକ୍ଷିଣରେ ଗମେଇ ନଦୀ ପର୍ଯ୍ୟନ୍ତ, ପୂର୍ବରେ ବଙ୍ଗୋପ ସାଗର ଠାରୁ ପଶ୍ଚିମରେ କାଂଶବାଂଶ ନଦୀ ପର୍ଯ୍ୟନ୍ତ, ଏହାର ଥିଲା ଚତୁଃସୀମା । ଏହି ସଭାରେ ଱ କମଳା ପ୍ରସାଦ କରଙ୍କୁ ପ୍ରଧାନମନ୍ତ୍ରୀ ଓ ଱ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କୁ ରାଷ୍ଟ୍ରପତି କ୍ଷମତା ପ୍ରଦାନ କରାଯାଇଥିଲା ।

ଅଭାବିତ ଇରମ ଗୁଳିକାଣ୍ଡ :- ସେଦିନ ଥିଲା ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ, ସୋମବାର। ପ୍ରେସିଡେଣ୍ଟଙ୍କ ଝରକା ଭଙ୍ଗାରୁଜା କରିବା ତଥା ଜମିଦାରଙ୍କ ପଡୁଆଁ ସ୍ଥିତ ଧାନ ଅମାର ଭାଙ୍ଗିବାର ତଦାରଖ କରିବା, ସଂଗେ ସଂଗେ ଅଗଷ୍ଟ ବିପ୍ଳବର ପୁରୋଭାଗରେ ଥିବା ନେତା କମଳା ପ୍ରସାଦ କର ଓ ତାଙ୍କର ସହ ଯୋଗୀଙ୍କୁ ଗିରଫ କରିବା ଇଂରେଜ ସରକାରଙ୍କ ଉଦ୍ଦେଶ୍ୟ ଥିଲା। ଏହିସବୁ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଡ଼ି.ଏସ.ପି. କୁଞ୍ଜବିହାରୀ ମହାନ୍ତିଙ୍କ ଅଧିନାୟକତ୍ୱରେ ୧୮ ଜଣ ଫୌଜ, ଜଣେ ଇନିସ୍‌ପେକ୍ଟର, ଜଣେ ସବ୍‌ଇନିସ୍‌ପେକ୍ଟର, ଜଣେ ଗୋଇନ୍ଦା ପୋଲିସ ଓ ଜଣେ ଜମାଦାର ଆସିଥିଲେ।

ଏମାନେ ସବୁ ଚୂଡ଼ାମଣି ଘାଟ ଦେଇ ସ୍ୱାଧୀନ ବାଞ୍ଛାନିଧି ଚକଲାକୁ ପଶିବା ପାଇଁ ଚେଷ୍ଟା କଲେ। ନଦୀଘାଟ ଜଗୁଆଳି କୁଶ ତରେଇ ଓ ଡ଼ଙ୍ଗାବାଲା ରାଜୁ ଜେନା ଗୋରା ପୋଲିସଙ୍କୁ ନଦୀ ପାର କରିବାକୁ ରୋକ୍ ଠୋକ୍ ମନା କରିଦେଲେ । ତେଣୁ ପୋଲିସ ଫୌଜ ସେମାନଙ୍କୁ ମାଡ଼ ମାରି ରକ୍ତାକ୍ତ କରିଦେଲେ । ପୋଲିସ ଫୌଜ ନିଜେ ନୌକା ବାହି ନଦୀ ପାର ହେବାକୁ ଚେଷ୍ଟା କଲେ । ଫଳରେ ଚେତା ଲାଭ କରି କୁଶ ତରେଇ ନଇକୁ ଡ଼େଇଁ ପହଁରି ପହଁରି ନଦୀ ପାର ହୋଇ ଆର ପାଖରେ ଶଙ୍ଖ ବଜାଇ ଦେଲେ ।

ସମାନ୍ତରାଳ ସରକାରଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ବିପଦ ସଂକେତ 'ଶଙ୍ଖ' ସମଗ୍ର ନଈ ଘେରଦରେ ବାଜି ଉଠିଲା । ଶଙ୍ଖ ଧ୍ୱନି ଶୁଣି ନିକଟବର୍ତ୍ତୀ ଗ୍ରାମରୁ ଲୋକମାନେ ମେଳନ ପଡ଼ିଆ ଆଡ଼କୁ ବାଘ ପରି ଛୁଟିବାକୁ ଲାଗିଲେ।

ସେତେବେଳେ ସମୟ ହୋଇଥାଏ ଦିନ ବାରଟା । ବିପ୍ଳବୀ ନେତା କମଳା ପ୍ରସାଦ ଶଙ୍ଖ ଶବ୍ଦ ଶୁଣି ପଡୁଆଁରୁ ବିଲ ବାଟେ ପ୍ରଭାକର ତ୍ରିପାଠୀଙ୍କୁ ସାଙ୍ଗରେ ଧରି ମେଳନ ପଡ଼ିଆରେ ପହଞ୍ଚିଲେ । ସେତେବେଳେ ପ୍ରବଳ ତରଙ୍ଗ ବିଭିନ୍ନ ଆଡୁ ମାଡ଼ି ଆସୁଥାଏ । ଜନତାର କଣ୍ଠରେ ନିନାଦିତ ହେଉଥାଏ-

"ମହାତ୍ମା ଗାନ୍ଧିଜୀ ଜୟ"

"ସ୍ୱାଧୀନ ଭାରତକୀ ଜୟ"

"ସଂଗ୍ରାମୋକି ଅମରନାଦ, ଇନ୍‌କିଲାବ୍ ଜିନ୍ଦାବାଦ"

ଚାହୁଁ ଚାହୁଁ ଇରମ ମେଳନ ପଡ଼ିଆରେ ଛଅ ସାତ ହଜାର ଲୋକ ରୁଣ୍ଡ ହୋଇଗଲେ । ସଭା ଆରମ୍ଭ ହେଲା । ସଭା ପରିଚାଳନା କରୁଥିଲେ ନିଜେ କମଳା ପ୍ରସାଦ । ସେ ରୁଣ୍ଡୀଭୂତ ଜନତାଙ୍କୁ କ୍ରାନ୍ତିକାରୀ ଉଦ୍‌ବୋଧନ ଦେଇ କହିଲେ - "ଭାଇମାନେ! ପୋଲିସ୍ ଫୌଜକୁ ଡ଼ର ନାହିଁ । ଆମେ ସାହସର ସହିତ ସେମାନଙ୍କୁ ମୁକାବିଲା କରିବା । ଗାନ୍ଧି ମହାତ୍ମାଙ୍କର ନିର୍ଦ୍ଦେଶ ଅଛି କର ଅବା ମର । ସମବେତ ଜନତା ଧୈର୍ଯ୍ୟ ଧରି ପାରିଲେ ନାହିଁ । ସେମାନଙ୍କ କଣ୍ଠରୁ ଶୁଭିଲା ବଜ୍ରଧ୍ୱନି ।

ମହାତ୍ମା ଗାନ୍ଧୀଙ୍କର ଜୟ ।

ବ୍ରିଟିଶ୍ ରାଜ ମୁର୍ଦ୍ଦାବାଦ୍ ।

ଇନ କିଲାବ୍ ଜିନ୍ଦାବାଦ୍ ।

ଗୁଲି ଗୁଲାସେ ନେହିଁ ଡରେଙ୍ଗେ - ଇତ୍ୟାଦି ।

ଏହି ଧ୍ୱନି ସହ ମେଳନ ପଡ଼ିଆରେ ଲୋକ ସଂଖ୍ୟା ଧୀରେ ଧୀରେ ବଢି ଯାଉଥିଲା । ଲୋକ ସଂଖ୍ୟା ବଢି ବଢି ଦଶ ହଜାରରୁ ଉର୍ଦ୍ଧ୍ୱ ହୋଇଗଲା । ଲୋକମାନେ ଗଛ ଉପରେ ଚଢି ନେତା କମଳା ପ୍ରସାଦଙ୍କ ଭାଷଣକୁ ସ୍ତବ୍ଧ ହୋଇ ଶୁଣୁଥିଲେ ।

ସେ ସେତେବେଳେ ବୁଝାଇ କହିଲେ - "ପୋଲିସ ସାଙ୍ଗରେ ଅସହଯୋଗ କରାଯିବ ଓ ସେମାନଙ୍କୁ ସାହାଯ୍ୟ କରୁଥିବା ଜମିଦାର ଗୋଷ୍ଠୀଙ୍କୁ ବାସନ୍ଦ ଏବେଠାରୁ କରାଗଲା । ସେମାନଙ୍କୁ କେହି ସଉଦା ବିକିବେ ନାହିଁ । ତାଙ୍କ ଘରେ କେହି ଚାକିରି କରିବେ ନାହିଁ । ଯଦି ଏହାର କେହି ବ୍ୟତିକ୍ରମ କରେ ତା' ପରିବାରକୁ ବାସନ୍ଦ କରାଯିବ । ଏଠାରେ ୧୪୪ ଧାରା ଜାରି କରାଯାଇ ନାହିଁ । ତେଣୁ ସଭା କରିବାରେ କୌଣସି ବିପଦ ନାହିଁ। ସଭା ଚାଲିଥିବା ବେଳେ ପୋଲିସ ଆସିଲେ ଆମେ ତାଙ୍କୁ ବୁଝାଇବା । ହିଂସାର ଆଶ୍ରୟ ନେବା ନାହିଁ ।"

ଠିକ୍ ଏହି ସମୟରେ ଜଣେ ଗୁପ୍ତଚର ଆସି ଖବର ଦେଲା - "ପୋଲିସ ଆସୁଛି କମଳା ବାବୁଙ୍କୁ ଗିରଫ କରିବ ।" ସେତେବେଳେ କମଳା ପ୍ରସାଦ ଲୁଣିଆ ଗୁଳିକାଣ୍ଡ କଥା କହି ଲୋକଙ୍କୁ ବୁଝାଉ ଥିଲେ । ସେଠାରେ ଗୁଳି କାଣ୍ଡରେ ଦଶ ଜଣ ସତ୍ୟାଗ୍ରହୀ ସହିଦ୍ ହୋଇଛନ୍ତି ବୋଲି। କିଛି ଡ଼ରୁଆ ଲୋକ ସଭା ଛାଡ଼ି ପଳାଇଥିଲେ । ଅନ୍ୟମାନେ କହିଲେ - "ଆମେ ସଭା ଛାଡ଼ିବୁ ନାହିଁ, ଆମ ନେତାଙ୍କୁ ବିପଦରେ ପକାଇ ଚାଲିଯିବୁ ନାହିଁ । କମଳା ପ୍ରସାଦ କହିଥିଲେ - "ଗାନ୍ଧିଜୀଙ୍କ ଅହିଂସା ନୀତି ଅନୁଯାୟୀ ପୋଲିସ ଆସି ମୋତେ ଗିରଫ କରିବାବେଳେ ତୁମେମାନେ ପ୍ରତିବାଦ କରିବ ନାହିଁ । ପୋଲିସ ଆମ ରକ୍ତରେ ମେଳନ ପଡ଼ିଆରେ ହୋଲି ଖେଳିବା ପାଇଁ ଆସିଛି ।"

ଏହି ସମୟରେ ବାଲେଶ୍ୱରରୁ ଗୁପ୍ତ ନିର୍ଦ୍ଦେଶ ଆସିବାରୁ କମଳା ପ୍ରସାଦ ଓ କୃଷ୍ଣଚନ୍ଦ୍ର ପାଣିଙ୍କୁ ଗୁପ୍ତ ବାଟ ଦେଇ କିଛି ଯୁବକ ସଭାସ୍ଥଳରୁ ଜବରଦସ୍ତ ଟେକି ନେଇ କବି ବାଞ୍ଛାନିଧି ମହାନ୍ତିଙ୍କ ଘରେ ଅବରୁଦ୍ଧ କରି ରଖିଥିଲେ । ଏହାପରେ ସଭାକାର୍ଯ୍ୟ ଯୁବ ନେତା ଗଣେଶ ପ୍ରସାଦ ତ୍ରିପାଠୀ ପରିଚାଳନା କରିଥିଲେ।

ପୋଲିସ ଫୌଜ ସନ୍ଧ୍ୟା ପୂର୍ବରୁ ଜମିଦାରଙ୍କ ଘରେ ପହଞ୍ଚି ବିଶ୍ରାମ ନେଇଥିଲେ । ପଛରେ ପୋଲିସ ଫୌଜର ବିଛଣାପତ୍ର ଭାର କରି ବୋହି ଆଣୁଥିଲେ ଚୌକିଦାର ଓ ଅସ୍ଥାୟୀ ପୋଲିସ । ତାହା ଦେଖି ଜଣେ ସତ୍ୟାଗ୍ରହୀ କହିଲା - ଗୋର ପୋଲିସର ବିଛଣାପତ୍ର ତୁମେ ନେଇ ପାରିବ ନାହିଁ। ପରେ ପରେ ପଡୁଆଁ ଗ୍ରାମର ମଣିବେଜ ଓ ସୁଆଁର ରତ୍ନାକର ବିଶ୍ୱାଳ ସେମାନଙ୍କର ବିଛଣା ପତ୍ର ଛଡାଇ ନେଲେ ।

ଏହି ଘଟଣା ଘଟିଲା ପରେ ଚୌକିଦାର ଓ ଅସ୍ଥାୟୀ ପୋଲିସ ମିଛରେ କାନ୍ଦି କାନ୍ଦି ଜମିଦାରଙ୍କ ଘରେ ଥିବା ଡ଼ି.ଏସ.ପି.ଙ୍କୁ କହିଲେ - "ସତ୍ୟାଗ୍ରହୀମାନେ ବିଛଣା ଛଡ଼ାଇ ନେବା ସହିତ ତାଙ୍କୁ ଜୀବନରୁ ମାରିଦେବା ପାଇଁ ଘେରିଥିଲେ।"

ଏହାର ସତ୍ୟାସତ୍ୟ ଅନୁସନ୍ଧାନ ନକରି ସବ୍‌ଇନିସ୍‌ପେକ୍ଟର ହେମ ପାଣିଗ୍ରାହୀ କହିଥିଲେ - "ଟୁଡେ ସିଓର ଫାୟାର ।" ଡ଼ି.ଏସ.ପି. କୁଞ୍ଜ ବିହାରୀ ମହାନ୍ତି ରଣ ହୁଙ୍କାର ଦେଇ କହିଲେ -"ମୁଁ ଆଜି ନରମେଧ ଯଜ୍ଞ କରିବି ।"

ରକ୍ତ ରଞ୍ଜିତ ସନ୍ଧ୍ୟା :- ସେଦିନ ଥିଲା ଶରତର ଏକ ଭୟଙ୍କର ଗୋଧୂଳି। ସୂର୍ଯ୍ୟଙ୍କର ଶେଷ ରଶ୍ମି ଦିଗ୍ ବଳୟରେ ଲୀନ ହୋଇ ଯାଇଥାଏ । ସମୟ ପ୍ରାୟ ସନ୍ଧ୍ୟା ଛଅଟା ତିରିଶ ମିନିଟ୍ । ହଠାତ୍ ଇରମ ଜମିଦାର ଉଆସ ଆଡୁ ପୋଲିସର ହୁଇସିଲ ଶୁଣାଗଲା । ଅଳ୍ପ ସମୟ ଭିତରେ ବନ୍ଧୁକଧାରୀ ପୋଲିସ ଫୌଜ ସଭା ସ୍ଥଳରେ ପହଞ୍ଚି ଗଲେ।

ଉପସ୍ଥିତ ଜନତା କିଂ କର୍ତ୍ତବ୍ୟ ବିମୂଢ ହୋଇଗଲେ । ମେଳନ ପଡ଼ିଆର ତିନିପାଖ ଏକ ପ୍ରକାର ଅବରୁଦ୍ଧ । କେବଳ ଯାହା ପଡୁଆଁ ଦିଗରେ ଗୋହିରୀ ସଂକୀର୍ଣ୍ଣ ରାସ୍ତାଟି ଖୋଲା ଥିଲା । ଦୁଇ ପାଖରେ କିଆବୁଦା ରାସ୍ତାଟିରେ ଆଣ୍ଠୁଏ ଆଣ୍ଠୁଏ ପାଣି । ବିପରୀତ ଦିଗରୁ ପୋଲିସ ଆସୁଥିବାରୁ ପଳାୟନ କରିବା ସମ୍ଭବ ନଥିଲା । ସେଠାରେ ୧୪୪ ଧାରା ଜାରି ହୋଇ ନଥିଲାକି 'ଟିଏର୍ ଗ୍ୟାସ୍' ଚାଳନା କରାଯାଇ ନଥିଲା ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ସଂଗ୍ରାମୀ ମାଟି ପାଇଁ ପଦେ...



### ଡ଼ି ଶୁଭମ୍

ପୁଣ୍ୟଭୂମି ଭାରତବର୍ଷର ଐଶ୍ୱର୍ଯ୍ୟରେ ପ୍ରଲୁବ୍ଧ ହୋଇ ଇଂରେଜ ମାନେ କରିଥିଲେ ବିଭୀଷିକାର ରାକ୍ଷସୀ ମାୟା। ପୁଣ୍ୟଭୂମି ଭାରତ ପାଇଁ ଆସିଲା ଚରମ ଦୁର୍ଭାଗ୍ୟ। ଭାରତର ସାଂସ୍କୃତିକ ପରିସ୍ଥିତି ହେଲା ଅବକ୍ଷୟ। ଇଂରେଜଙ୍କର ଏହି କ୍ରମାଗତ ଶୋଷଣ ଶେଷରେ ୧୮୫୭ରେ ସିପାହୀ ବିଦ୍ରୋହର ରୂପ ନେଲା। ଦୁର୍ଦ୍ଧର୍ଷ ଭାରତୀୟ ଶକ୍ତିର ଚରମ ସିଂହନାଦରେ ଭୟଭୀତ ହେଲେ ବ୍ରିଟିଶଗଣ। ପରାଧୀନତାର ଗଗନରେ ଆବଦ୍ଧ ବସା ଭିତରେ ବାନ୍ଧି ହୋଇ ରହିଥିଲେ ଭାରତୀୟ। ୧୮୮୫ରେ ଗଠିତ ହେଲା ଭାରତୀୟ ଜାତୀୟ କଂଗ୍ରେସର ମହାସିନ୍ଧୁ। ଏହାର ଗୁରୁଗମ୍ଭୀର ଧ୍ୱନିରେ ସାରା ଦିଗ ବିଦିତ ହେଲା। ଆଉ ସେତେବେଳେ ଭାରତର ସ୍ୱାଧୀନତା ସଂଗ୍ରାମର ମହାନାୟକ ଭାବେ ଉଭା ହେଲେ ଜାତିର ପିତା ଗାନ୍ଧୀଜୀ। ସଂଗ୍ରାମୀ ସେନାପତି ସାଜି ବିପ୍ଳବର ବହ୍ନିକୁ ଚତୁର୍ଦ୍ଦିଗରେ ପ୍ରଜ୍ୱଳିତ କଲେ। ଆନ୍ଦୋଳନ ଓ ସତ୍ୟାଗ୍ରହ କାଳକ୍ରମେ ଭାରତରେ ସୂତ୍ରପାତ ହେଲା। ସ୍ୱଦେଶୀ ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ପ୍ରମୁଖ ବିପ୍ଳବର ମାଇଲଖୁଣ୍ଟ ସାଜିଲା। ଶେଷରେ ଭାରତୀୟମାନେ ଅନୁଭବ କଲେ ଜୀବନ ଠାରୁ ଶ୍ରେଷ୍ଠ ସମ୍ପଦ ହେଉଛି ସ୍ୱାଧୀନତା। ଜୀବନକୁ ତୁଚ୍ଛ କରି ସଭିଏଁ ଭାରତୀୟତା ଓ ଏକତାର ମନ୍ତ୍ରରେ ଆନ୍ଦୋଳନରେ ଝାସ ଦେଲେ। ଗାଁ ଠୁ ସହର ସବୁଆଡ଼େ ବ୍ୟାପିଗଲା ଅହିଂସାର ବାତାବରଣ। ପ୍ରଜ୍ଞା, ଶ୍ରମ, ସାଧନା ଏବଂ ଉତ୍ସାହର ମିଳିତ ଶକ୍ତିରେ ଭାରତୀୟ ମାନେ ସକ୍ରିୟ ହୋଇଉଠିଲେ। ସତରେ ସେତେବେଳର ଅସ୍ତମିତ ସୂର୍ଯ୍ୟ ସମସ୍ତଙ୍କୁ ଏକ ଅନ୍ଧକାରମୟ ଦୁନିଆ ଭିତରେ ଆବଦ୍ଧ କରି ରଖିଥିଲା। ବାରଦୁଆର ଶୁଣ୍ଢିପିଣ୍ଡା ହୋଇ ଜୀବନ ନିଭାଉଥିଲେ ଭାରତ ବାସୀ। ନା ଥିଲା ପାଟି ଖୋଲିବାର ତାକତ ନା ସାମ୍ନା କରିବାର ସେ ଅଦମ୍ୟ ସାହସ। ଏକ ପଙ୍କିଳ ପୁଷ୍କରିଣୀରେ ଉବୁଟୁବୁ ହେବା ଛଡ଼ା ଆଉ କିଛି ଉପାୟ ନଥିଲା। ସେମିତି ଜୀବନ ଜୀଇଁବାରେ କଣ ବା ଲାଭ ? ଆଉ ଠିକ୍ ଏଇ ସବୁ ଭିତରେ ବାଦ ପଡ଼ି ନଥିଲା ଓଡ଼ିଶାର ରକ୍ତତୀର୍ଥ ଇରମ।

୧୯୪୨ ଅଗଷ୍ଟ ପ୍ରଥମ ସପ୍ତାହ। ଚାରିଆଡ଼େ ଦେଶପ୍ରେମର ବହ୍ନିରେ ଜୁଡୁବୁଡୁ ଦେଶବାସୀ। ସବୁଆଡ଼େ ଆନ୍ଦୋଳନର ଡ଼ିଣ୍ଡିମ ବାଜୁଥାଏ। ଏତିକି ବେଳେ ସଂଗ୍ରାମର ତୂର୍ଯ୍ୟନାଦ ଶୁଭି ଉଠିଲା ଇରମ ପ୍ରଦେଶରୁ । ୧୯୪୨ରେ ଇଂରେଜଙ୍କ ନେତୃତ୍ୱ ନେଇଥିଲେ ଚର୍ଚ୍ଚିଲ। ଅମାନୁଷିକ ଗୁଳିଚାଳନା କରିବାରେ ବେଶ ପ୍ରସିଦ୍ଧି ଲାଭ କରିଥିବା ଚର୍ଚ୍ଚିଲ ୧୯୪୨ ନଭେମ୍ବର ୫ ସୁଦ୍ଧା ସାରା ଭାରତରେ ୧୦୨୩ଜଣ ମୃତ୍ୟୁବରଣ କରିସାରିଥିଲେ। ଏପରି ସମୟରେ ଓଡ଼ିଶାରେ ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ହଜାରହଜାର ବାନରସେନା ଏହି ଆନ୍ଦୋଳନରେ ଝାସ ଦେଇଥିଲେ। ଇରମର ଜମିଦାର ମାନଙ୍କୁ ଏକପ୍ରକାରରର ନିଜ ଅକ୍ତିଆରକୁ ନେଇ ଆସିଥିଲେ ବ୍ରିଟିଶ। ଏ ପରିପ୍ରେକ୍ଷୀରେ ଇରମର ସେଇ ଜନନାୟକ ବାଂଛାନିଧି ମହାନ୍ତିଙ୍କ କବିତା ବାନରସେନାଙ୍କ ରକ୍ତରେ ବହ୍ନିକୁ ପ୍ରଜ୍ୱଳିତ କଲା। ସେତେବେଳେ ତାଙ୍କ କଲମ ମୁନ ଥିଲା ଦେଶପ୍ରେମୀଙ୍କ ପାଇଁ ଏକ ତୀକ୍ଷଣ୍ ଖଡ଼ଗ୍। ସେ କହୁଥିଲେ-

କହ କେଉଁ ଜାତି ପାଇଛି ମୁକତି

କରି ହୁରି ହାରି ଗୁହାରି

କହ ପାଇଛି କି ସୁଖ, ନିଭାଇଛି ଦୁଖ

ମାଗି ମାଗି ପଥ ଭିକାରୀ।

୧୯୩୦ ଲବଣ ସତ୍ୟାଗ୍ରହ ସମୟରେ ଜଣେ ଆଗଧାଡ଼ିର ସେବକ ଥିଲେ ବାଂଛାନିଧି। ଅନେକ ଥର ଜେଲର ଚାରିକାନ୍ଥ ଭିତରେ ଦିନ କାଟିଥିଲେ ହେଁ କେବେ ଦେଶପ୍ରେମ କବିତା ରଚନାରେ ବିଚ୍ୟୁତ ହୋଇନଥିଲେ।

୧୯୪୨ ସେପ୍ଟେମ୍ବର ୭ ତାରିଖ। ଇରମର ମେଳଣ ପଡ଼ିଆରେ ବସିଲା ବାନର ସେନାର ବୈଠକ। ମରିବୁ ପଛେ, ଡ଼ରିବୁ ନାହିଁ ଏହାକୁ ଶପଥ କଲେ ସମସ୍ତେ। ଏହା ସହ ସେଠାରେ ନିଷ୍ପତ୍ତି ନିଆଗଲା ଯେ ଇଂରେଜ ମାନେ ଆସିଲେ ମହିଳା ମାନେ ଘର ଆଗରେ ଆଲୋକର ସୂଚନା ଦେବେ । କମଳା ପ୍ରସାଦ କର ସେତେବେଳେ ଇରମର ବାନରସେନାର ମୁଖ୍ୟ ଦାୟିତ୍ୱ ନେଉଥିଲେ। ପ୍ରଥମ ଥର ପାଇଁ ୧୯୪୧ ଜାନୁଆରି ୮ରେ ବାସୁଦେବପୁରରେ ସତ୍ୟାଗ୍ରହ କରି ଗିରଫ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୦ ଏପ୍ରିଲ ୧୯୪୨ ରେ ଚୂଡ଼ାମଣିରୁ ଗିରଫ ହୋଇଥିଲେ। ଜେଲରୁ ଫେରିବା ପରେ ବାସୁଦେବପୁରରେ କିପରି ଆନ୍ଦୋଳନ କରିବେ ସେଥିପାଇଁ ଯୋଜନା ପ୍ରସ୍ତୁତ କଲେ। କମଳା ପ୍ରସାଦ କର ଓ ତାଙ୍କ ଅନୁଗାମୀ ଗୌରାଂଗ ଚରଣ ମହାନ୍ତି, ଅନିରୁଦ୍ଧ ମହାନ୍ତି, ପ୍ରଭାକର ପାଢ଼ୀ ପ୍ରମୁଖ ଗୁଡ଼, ସୁଆଁ, ବାସୁଦେବପୁର ଆଦି ଜାଗାରେ କର୍ମୀ ସମ୍ମିଳନୀ ଡ଼ାକି ଲୋକଙ୍କୁ ପ୍ରବର୍ତ୍ତାଉଥିଲେ।

ଏହି ସମୟରେ ସଢ଼େଇପଦାର ଅର୍ଜ୍ଜୁନ ବିଶ୍ୱାଳ ନିଜ ଘରେ କଂଗ୍ରେସ ଅଫିସ୍ କରିବା ପାଇଁ ଆମନ୍ତ୍ରଣ କଲେ। ଯାହା ଫଳରେ ୧୯୪୨ ଅଗଷ୍ଟ ୨୭ରେ ବିପ୍ଳବ ଏକ ନୂଆ ମୋଡ଼ ନେଲା।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




## କ୍ରୀତଦାସ

### ବିନୟାନନ୍ଦ ବସ୍ତ୍ରସ୍ୟ

ଚାରିଆଡେ ଖାଲି
ଅନ୍ୟାୟ ଅନୀତି
ଦେଖୁ ଦେଖୁ ଯାଏ ଦିନ,
ଅପକର୍ମ ଅପକୀର୍ତ୍ତୀ ଅପମାନ
ଅପନିନ୍ଦା ଚର୍ଚ୍ଚା ମାନ,
ସହି ସହି ଦେଖି ଦେଖି,
ପଥର ହେଲାଣି ବତୁରା ମଣିଷ
ଆହୁରି ବି ଅଛି ବାକି।

ହତ୍ୟା ଲୁଣ୍ଠନ
ଧର୍ଷଣ କର୍ଷଣ
ଚୋରି ନାରୀ ଅପକର୍ମ,
ଦେଖିବାକୁ ବାଧ
ହେଉଛି ମଣିଷ
ଦହି ହୋଇଯାଏ ମର୍ମ,
ଏ ସବୁ ଆଜିର ଧର୍ମ,
ପ୍ରତିବାଦ ଯିଏ କରୁଛି ମରୁଛି
ଉଚ୍ଚୁରୁଛି ତାର ଚର୍ମ।

ପ୍ରତିବାଦ କରି
ନିଜ ଜୀବନକୁ
ବିପଦକୁ ଠେଲିଦେଇ,
କିଏ ବା କାହିଁକି
ନିଜେ ବନ୍ଧାହେବ
ନୀରବେ ପଡୁଛି ଶୋଇ,
ପ୍ରତିବାଦେ ଶତ୍ରୁ ହୋଇ,
କ୍ରୀତଦାସ ହେବ ପ୍ରତିବାଦ କରି
ଥାନା କଚେରୀକି ଧାଇଁ ?

ବେଳଥିଲା କେବେ ଅନ୍ୟାୟ ବିରୁଦ୍ଧେ
ସ୍ୱର ଉତ୍ତୋଳନ କରି,
ଦେଶ ଦଶ ପାଇଁ
ସୁପୁରୁଷ ବୀର
ଜୀବନକୁ ବାଜି ମାରି,
ବଳି ପଡି ଯାଉଥିଲେ,
ସେହି ବୀର ଆଜି ଟ୍ରାଫିକ ପୋଲିସ
ପରି ଛକରେ ରହିଲେ।

ପ୍ରତିବାଦ କରି
ମରିବ କାହିଁକି
ଦେଖି କରି ଖସି ଆସ,
ସେହି ଘଟଣାକୁ
ରଙ୍ଗ ବୋଳି
କରି ଏକକୁ କରି ଦଶ,
ଭିଡିଓ ଫୋନରେ କରି,
ରିଲ କରିକି ଗଣ ମାଧମରେ ନିମିଷକେ
ଦିଅ ଛାଡି।

ଉଦ୍ଧାର କରିବା
ପାଇଁକି ହାତରେ
ସମୟ କାହାର ନାହିଁ,
ଫୋନରେ ଭିଡିଓ କରିବାକୁ ତାହା
ଲୋକେ ବସିଛନ୍ତି ଚାହିଁ,
ଘଟଣା ଘଟିବା ବାକି,
ପ୍ରତିବାଦ କରି ବାହାର କିଳାକୁ
କାହିଁକି ନେବେ ବା ଡାକି।

କ୍ରୀତଦାସ ସିନା
ହେଲେ ହେବୁ
ପଛେ ସକ୍ରେଟିସ କହୁଥାଉ,
ଆପେ ବଞ୍ଚିଥିଲେ
ବାପର ନାଁ ଟି
ଯାହା ହେବ ହେଉଥାଉ,
ଆମର କଅଣ ଯାଏ,
ପ୍ରତିବାଦ କରି କ୍ରୀତଦାସ ହୋଇ
କାହିଁକି ବଞ୍ଚିବୁ ହାଏ।

ନିଆଳ ଖୋର୍ଦ୍ଧା



## ଅସଲ ରୂପ

### ଦୀପକ କୁମାର ନାଏକ



ଶାଶୁ ଶ୍ୱଶୁର ବା ବୋହୂ ଦେଖିଯାଇ
ଦେଖାଅନ୍ତି ଝିଅ ପ୍ରେମ
ବାହାଘର ଖାଲି ସରିଯିବା ପରେ
ବୋହୂକୁ ଦିଅନ୍ତି ନାମ !

ବାହାଘର ଥରେ ସରିଗଲା ପରେ
ଦେଖାନ୍ତି ଅସଲ ରୂପ
ଧନ ସଂପତ୍ତିର ଲୋଭରେ ପଡ଼ି
ମାରୁଥାନ୍ତି ନୀତି ଚୋଟ !

ବୋହୂ ନୁହେଁ ତାକୁ ଝିଅ ତମେ ଭାବି
ଢ଼ାଳି ଦିଅ ସ୍ନେହ ପ୍ରେମ
ଅତ୍ୟାଚାର ନୁହେଁ ସ୍ନେହରେ କିଣି
ନେଇଯାଅ ତାଙ୍କ ମନ !

ସ୍ନେହ ଶ୍ରଦ୍ଧା ଭଲ ପାଇଲେ ତୁମଠୁ
ଭାବିବ ତୁମକୁ ନିଜର
ବାପାମାଆ ଛାଡ଼ି ଆସିଛି ବୋଲି ସେ
ନ ଭାବିବ କେବେ ମନର !

ବୃଦ୍ଧ ବୟସରେ କରିବ ଯେ ସେବା
ପାଇଥିଲେ ସ୍ନେହ ଶ୍ରଦ୍ଧା
ସେବା ଶୁଶ୍ରୁଷା ରେ ଯମାରୁ କେବେ
ସେ କରିବନି ଅସୁବିଧା !
କରିବନି ଅସୁବିଧା !


ଯୁବ ସାମ୍ବାଦିକ
ଗ୍ରାମ-ଗଣ୍ଡାନାଳୀ, ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ-୭୫୯୦୨୧
ମୋ:୮୬୩୭୨୬୧୮୨୮


## କଳାମେଘ ଦେଖି ନାଚେ ମୟୂର

### ଭାସ୍କର ରାଉତ



କଳାମେଘ ଦେଖି ନାଚେ ମୟୂର
ପୁଚ୍ଛକୁ ଟେକିଛି କେଡ଼େ ସୁନ୍ଦର।
କଣ୍ଠ ଅଟେ ତା'ର ନୀଳ ରଙ୍ଗର
ନୀଳକଣ୍ଠ ବୋଲି ନାମ ତାହାର।

ବଡ଼ ଶତ୍ରୁ ଅଟେ ସାପର ସେହି
ଡାକଶୁଣି ସାପ ପଳାଏ ଧାଇଁ।

ଜାତୀୟ ପକ୍ଷୀ ମୟୂର ଆମର
ଚଞ୍ଚଳ ତାହାର ସୁରକ୍ଷା କର।
ନୋହିଲେ ମୟୂର ଲୋପାଇବ
ପରିବେଶ ଆମ ବିଗିଡ଼ି ଯିବ।


ଦେବମାୟା ଭବନ
ଶେରଗଡ଼,ଗଞ୍ଜାମ
ମୋ: ୯୭୭୬୪୮୬୬୨୮

# ତୀର୍ଥଯାତ୍ରୀ



ରତ୍ନକାନ୍ତି ମିଶ୍ର






ବୃଦ୍ଧାଶ୍ରମର ତତ୍ତ୍ୱାବଧାରକ ଆସି କହିଲେ-'ସାର, ଆପଣଙ୍କ ପୁଅ ବୋହୂ ମିଟିଂ ରୁମରେ ବସିଛନ୍ତି।' କଥାଟାକୁ ଭାସ୍କର ବାବୁ ବିଶ୍ୱାସ କରି ପାରିଲେନି। ଗତ ଆଠ ମାସ ଧରି ପୂରାପୂରି ଭୁଲି ଯାଇଥିବା ପୁଅ ବୋହୂ ଆଜି ପୁଣି ଆସିଛନ୍ତି ? କିମ୍ବା ଦୀର୍ଘ ଚାରି ବର୍ଷ ଧରି ବିଦେଶରେ ଥିବା ସାନପୁଅ ପୁଣି ଥରେ ସମ୍ପର୍କର ମୂଲ୍ୟ ବୁଝି ଫେରି ଆସିଛି ? ଅନିଚ୍ଛା ସତ୍ତ୍ୱେ ସେ ମିଟିଂ ରୁମରେ ପହଞ୍ଚିଲେ। ବଡ ପୁଅ ବୋହୂ ନାତିକୁ ଧରି ବସିଥିଲେ । ସାମାନ୍ୟ କଥା ବାର୍ତ୍ତା ପରେ ବୋହୂ କହିଲେ- 'ବାପା ଆସନ୍ତା ଗୁରୁବାର ଦିନ ଦୀପୁର ଜନ୍ମଦିନ। ଆମେ ଆପଣଙ୍କୁ ନେବାକୁ ଆସିଛୁ।'

- 'ମୁଁ ଏଠି ବହୁତ ଭଲରେ ଅଛି। ତୁମେ ମାନେ ମଧ ଏବେ ଶାନ୍ତିରେ ଅଛ। ତା ଛଡା ଜନ୍ମଦିନରେ ମୋର କ'ଣ କାମ ? ସେ ସବୁ ପାଇଁ ମୋର ଆଉ ଆଗ୍ରହ ନାହିଁ କିମ୍ବା ସମୟ ମଧ ନାହିଁ।' ବାପାଙ୍କ କଥାର ତାତ୍ପର୍ଯ୍ୟକୁ ପୁଅ ବେଶ୍ ବୁଝି ପାରିଲା।

-'ବାପା, ଦୀପୁର ଜନ୍ମଦିନ, ସବୁ ବନ୍ଧୁବାନ୍ଧବ ଆସିବେ। କେହି ଯଦି ବାପା କାହାନ୍ତି ବୋଲି ପଚାରିବେ, ତାହେଲେ ଆମେ କି ଉତ୍ତର ଦେବୁ ? ଆପଣ ଅନ୍ତତଃ ତିନିଦିନ ପାଇଁ ଚାଲନ୍ତୁ। ତାପରେ ବରଂ ଫେରି ଆସିବେ।'



-' ବୋହୂ, ତୁମ ମାଆ ଜନ୍ମଦିନରେ ଯୋଗଦେବେ ତ ?'

କିଛି ସମୟ ଚୁପ୍ ରହି ପଚାରିଲେ ଭାସ୍କର ବାବୁ।

-' ମୁଁ ଜାଣିନି। ଭାଇ କହୁଥିଲେ ମା' ଗତ ଦୁଇ ମାସ ହେଲା ତୀର୍ଥ ଦର୍ଶନରେ ଯାଇଛନ୍ତି, ଫେରିବାରେ ଡେରି ହେବ। ଏବେ ଆସିବେ ନାହିଁ। ରମେଶ ବାବୁ କହିଲେ ଯଦି ତୀର୍ଥକୁ ଯାଇଛନ୍ତି ଝିଅ ହିସାବରେ ତୁମେ ତ ନିଶ୍ଚୟ ଯୋଗାଯୋଗରେ ଥିବ ନା ! ତାଙ୍କୁ ଖବର ଦେଲେ ନିଶ୍ଚୟ ଆସିବେ।

- ' ମା ଯେଉଁ ଆଶ୍ରମରେ ଅଛନ୍ତି ସେଠାରେ ଫୋନର ଯୋଗାଯୋଗ ନାହିଁ । ତେଣୁ ଭାଇ କିମ୍ବା ମୁଁ ଯୋଗାଯୋଗ କରି ପାରୁନାହୁଁ।'

କିଛି ସମୟର ନୀରବତା ପରେ ଭାସ୍କର ବାବୁ ସମସ୍ତଙ୍କୁ ବସାଇ ଦେଇ କହିଲେ-'ମୁଁ ଆସୁଛି ତୁମେମାନେ ଟିକିଏ ଅପେକ୍ଷା କର। ପ୍ରାୟ ପନ୍ଦର ମିନିଟ ପରେ ସେ ସମଦୁଣୀ ଲକ୍ଷ୍ମୀଦେବୀଙ୍କୁ ସାଙ୍ଗରେ ଧରି ପୁଅ ବୋହୂ ଅପେକ୍ଷା କରିଥିବା ରୁମ୍‌କୁ ଆସିଲେ। ହଠାତ୍ ନିଜ ମା'ଙ୍କୁ ଏଠି ଦେଖି ବୋହୂ ଆଶ୍ଚର୍ଯ୍ୟ ହୋଇଗଲେ।

ଅନେକ ପଚାରିବା ପରେ ଲକ୍ଷ୍ମୀଦେବୀଙ୍କ ବାରଣ ସତ୍ତ୍ୱେ ଭାସ୍କର ବାବୁ କହିଲେ-'ପାଖ ମନ୍ଦିରର ବେଢ଼ା ଭିତରେ ହଠାତ୍ ମୁଁ ସମଦୁଣୀ ଲକ୍ଷ୍ମୀଦେବୀଙ୍କୁ ଭିକ୍ଷା ମାଗୁଥିବା ଅବସ୍ଥାରେ ଦେଖି ସବୁ ପଚାରିଲି ଓ ସାଙ୍ଗରେ ନେଇ ଆସିଲି। ତାଙ୍କଠାରୁ ଯାହା ଜାଣିଲି - ତୁମେ ମାନେ ମୋତେ ରଖି ନପାରିବା ଭଳି ତାଙ୍କର ଏକ ମାତ୍ର ପୁଅ ଓ ବୋହୂ ଅର୍ଥାତ ତୁମର ଭାଇ ଭାଉଜ ତାଙ୍କୁ ଅନେକ ନିର୍ଯ୍ୟାତନା ଦେଇ ଘରୁ ବାହାର କରିଦେବାକୁ ଏକରକମ ବାଧ କରିଛନ୍ତି । ଏପରିକି ତାଙ୍କର ପେନସନ ଉଠାଣ ବ୍ୟାଙ୍କ ଖାତା ଇତ୍ୟାଦି ମଧ ରଖିନେଇଛନ୍ତି । ତୁମ ବାପା ତ ଜୀବିତ ନାହାନ୍ତି। ତେଣୁ ମୁଁ ତାଙ୍କୁ ଏଠାକୁ ନେଇ ଆସିଛି।'

ଏତିକି କଥାରେ ବୋହୂ ନିଜ ମା'ଙ୍କୁ ଧରି କାନ୍ଦି କାନ୍ଦି ଲୋଟି ପଡିଲେ। ମା'ଙ୍କୁ ସାଙ୍ଗରେ ଘରକୁ ନେଇ ଯିବାକୁ ଏକ ରକମ ଜିଦ୍ ଧରି ବସିଲେ।

ଲକ୍ଷ୍ମୀ ଦେବୀ ବିକଳ ହୋଇ ଭାସ୍କର ବାବୁଙ୍କୁ ଚାହିଁଲେ।

- 'ମୁଁ ଏଠି ଅନ୍ତେବାସୀମାନଙ୍କ ସହ ଏକ ରକମ ମିଶିଗଲିଣି ଏବଂ ଭଲରେ ଅଛି। ସମୁଦୁଣୀଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ନାହିଁ। ତାଙ୍କୁ ସେବା ଯତ୍ନର ଆବଶ୍ୟକତା ରହିଛି। ତାଙ୍କୁ ସାଙ୍ଗରେ ନେଇଯାଅ। ପାଖରେ ଥିବା ଅନାଥାଶ୍ରମରେ ମୁଁ ପିଲାମାନଙ୍କୁ ପାଠ ପଢ଼ାଇ ଖୁବ୍ ଶାନ୍ତିରେ ଅଛି। ସେ ଘରକୁ ଯାଇ ନିଜକୁ ଅଣହେଲାରେ ଆଉ ରଖିବାକୁ ଚାହେଁନା। ଯଦି କିଏ ପଚାରିବ, ପୁଅର ବାପା ହୋଇଥିବାରୁ ପାପ ଛଡ଼ାଇବାକୁ ମୁଁ ତୀର୍ଥ ଭ୍ରମଣରେ ଯାଇଛି ବୋଲି କହିଦେବ।' ଭାସ୍କର ବାବୁଙ୍କ ଏ କଥା ପୁଅବୋହୂଙ୍କୁ ଖୁବ୍ ମର୍ମାହତ କଲା। ସେମାନଙ୍କର ଶତ ବିନତି ସତ୍ତ୍ୱେ ଭାସ୍କର ବାବୁ ଥିଲେ ନିର୍ବିକାର। ବାଧ ହୋଇ ପୁଅ ବୋହୂ ଲକ୍ଷ୍ମୀଦେବୀଙ୍କୁ ସାଙ୍ଗରେ ନେଇ ଫେରିଗଲେ।

-' ପୁଅ ବୋହୂ ସେମାନଙ୍କ ଭୁଲ ବୁଝିପାରିଥିବା ସତ୍ତ୍ୱେ ଆପଣ କାହିଁକି ଘରକୁ ଫେରିଗଲେ ନାହିଁ' ବୋଲି ଅନ୍ତେବାସୀଙ୍କ ପ୍ରଶ୍ନର ଉତ୍ତରରେ ' ମୋର ଝିଅଟିଏ ଥିଲେ, ହୁଏତ ତା' ସାଙ୍ଗରେ ଫେରିବାର ନିର୍ଣ୍ଣୟ ନେଇଥାନ୍ତି' ବୋଲି ହସିହସି କହିଲେ ଭାସ୍କର ବାବୁ...!!!

+ଆଳି, କେନ୍ଦ୍ରାପଡା



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋତ୍ସ୍ନାମୟୀ ପଣ୍ଡା

॥ ଭାଗ-୧୮(କ) ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)



ଏହା ମଧ ହୋଇପାରେ ଯେ, ସନତ, ସନକ, ସନନ୍ଦ ଓ ସନାତନ ପ୍ରଥମେ ଦ୍ରାବିଡ ଥିଲେ ଓ ଦକ୍ଷିଣ ଭାରତ ରୁ ହିଁ ଉତ୍ତର ଆଡ଼କୁ ଗତି କରି ସ୍ଥଳ ଭାଗ ଦେଇ ବ୍ରହ୍ମ ପୁତ୍ର ବା ସରସ୍ୱତୀ ନଦୀ କୂଳରେ ବାସ କରୁଥିଲେ। ହୋଇପାରେ, ସେମାନେ ଇଉରୋପର ଉତ୍ତର ଆଡ଼କୁ ଗତି କରି ପୁଣି ପୂର୍ବ ଆଡ଼କୁ ଯାଇ ବ୍ରହ୍ମ ପୁତ୍ର ନଦୀ ନିକଟକୁ ଯାଇଥିଲେ। ହୋଇପାରେ, ସେମାନେ ଆଫଗାନିସ୍ଥାନ ଅବା କାସ୍ପିୟାନ ସାଗର ଅବା ୟୁରୋପୀୟ ଦେଶ ମାନଙ୍କରୁ ଆସି ହିନ୍ଦିକୁଶ ପର୍ବତ ଅତିକ୍ରମ କରି ସରସ୍ୱତୀ କୂଳକୁ ଆସିଥିଲେ ଏବଂ ସେଠାରୁ ବ୍ରହ୍ମ ପୁତ୍ର ଆଡ଼କୁ ଗତି କରିଥିଲେ। ତାଙ୍କ ପରେ ତାଙ୍କର ଦଶ ମାନସ ପୁତ୍ର ମଧ ବିଭିନ୍ନ ସ୍ଥାନରୁ ଆସିଥିଲେ ଏବଂ ଭାରତ ତଥା ତାର ନିକଟ ବର୍ତ୍ତୀ ସ୍ଥାନ ମାନଙ୍କରେ ସ୍ଥାୟୀ ଭାବେ ବସ ବାସ କରୁଥିଲେ। ଏମାନେ ଗୋଟିଏ, ଗୋଟିଏ ଦଳ ସହ ଆସିଥିଲେ କିମ୍ବା ଏକାକୀ ଥିଲେ ତାହା ମଧ ସଠିକ୍ ଭାବେ ଜଣା ନାହିଁ। କିନ୍ତୁ ଏମାନେ ସମସ୍ତେ ନିଶ୍ଚିତ ଭାବରେ ସନତ ବ୍ରହ୍ମାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ପୂର୍ବରୁ ଇନ୍ଦୁ ନଦୀ କୂଳରେ ବାସ କରୁଥିବାରୁ ବା ହିନ୍ଦୁ କୁଶ ପର୍ବତକୁ ଅତିକ୍ରମକରି ଆସିଥିବାରୁ ଏମାନଙ୍କୁ ହିନ୍ଦୁ କୁହା ଯାଉଥିଲା।

ସନତ ବ୍ରହ୍ମାଙ୍କ ସମୟରେ ଉତ୍ତର ଆମେରିକା, ଇଉରୋପ ସହ ବୋଧହୁଏ ଏକ ସଂକୀର୍ଣ୍ଣ ସ୍ଥଳ ଭାଗ ଦ୍ୱାରା ସଂଯୁକ୍ତ ଥିଲା। ସେହି ସମୟରେ ସମଗ୍ର ଭୂଭାଗ ଗୋଟିଏ ମେଦିନୀ ନାମରେ ପରିଚିତ ଥିଲା। ବହୁ ବର୍ଷ ପରେ ରାଜା ପ୍ରିୟ ବ୍ରତଙ୍କ ସମୟରେ ଏହାକୁ ସାତଟି ଦ୍ୱୀପ ଏବଂ ପାଞ୍ଚଟି ସାଗରରେ ବିଭକ୍ତ କରାଗଲା। କିନ୍ତୁ ସେହି ସମୟରେ ପୃଥିବୀରେ ବ୍ରହ୍ମା ବର୍ତ୍ତ (ସରସ୍ୱତୀଠାରୁ ବ୍ରହ୍ମପୁତ୍ର ଦେଇ ହିମାଳୟର ପାଦ ଦେଶରେ ଥିବା ସମସ୍ତ ବୃତ୍ତାକାର ଅଞ୍ଚଳ) ଇଳାବୃତ୍ତ (ବୋଧହୁଏ ବିଷୁବ ବୃତ୍ତ ଅଞ୍ଚଳ ବା ସୁମେରୁ ବୃତ୍ତ ଅଞ୍ଚଳ) କୁଶା ବର୍ତ୍ତ, ଇଡ ମବିଲା ବର୍ତ୍ତ (ସଠିକ୍ ନାମ ମନେ ନାହିଁ ,ବୋଧେ ପଥର ଓ ଝରଣା ପୂର୍ଣ୍ଣ ଅଞ୍ଚଳ) ଆଦି ନାମ ଥିବାର ଜଣା ଯାଏ। ପୁରାଣ ଅନୁସାରେ ସନକ, ସନତ ଆଦି ଚାରିଜଣ ଅମର ଥିଲେ । ଯଦି ବା ହିମାଳୟରେ ସାଧନାରତ ଯୋଗୀମାନେ ଶହ, ଶହ ବର୍ଷ ବଞ୍ଚି ରହୁଥିଲେ, ତଥାପି ଅମରର ପ୍ରକୃତ ତାତ୍ପର୍ଯ୍ୟ ଏହା ଥିଲା ଯେ, ଏମାନେ ଦେହତ୍ୟାଗ କରି ପୁନଶ୍ଚ ଆକାଶ ମଣ୍ଡଳରେ ଥିବା ନିଜ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରୁଥିଲେ, କିନ୍ତୁ ନିଜର ମୃତ୍ୟୁ ଓ ପୁନର୍ଜନ୍ମ ସେମାନଙ୍କର ନିୟନ୍ତ୍ରଣ। ଧୀନ ଥିଲା। ତେଣୁ ପୃଥିବୀରେ ପୁନଶ୍ଚ ଜନ୍ମ ଗ୍ରହଣ କରି ସେମାନେ ପୂର୍ବ ନାମକୁ ଧାରଣ କରି ଲୋକ ମାନଙ୍କୁ ମାର୍ଗ ଦର୍ଶନ କରାଇ କର୍ତ୍ତବ୍ୟ ପୂର୍ଣ୍ଣ କରି ପାରୁଥିଲେ।

ଏହି ସନାତନୀ ମାନେ ହିଁ ଭାରତର ସରସ୍ୱତୀ ଓ ବ୍ରହ୍ମପୁତ୍ର ନଦୀ କୂଳରେ, ନଦୀ କୂଳମାନଙ୍କରେ ଗଢି ଉଠିଥିବା ଗ୍ରୀସ୍, ମିଶର, ରୋମ ସଭ୍ୟତା ପରି ଆର୍ଯ୍ୟ ସଭ୍ୟତାର ମୂଳ ଭିତ୍ତି ସ୍ଥାପନ କରିଥିଲେ। ପରେ ଦକ୍ଷିଣ ଭାରତର ଅଧିବାସୀମାନେ ମଧ ଏହି ଧର୍ମ ଦ୍ୱାରା ପ୍ରଭାବିତ ହୋଇଥିଲେ। ସେତେବେଳେ ଯୋଗର ପ୍ରଭାବରେ ଶରୀରର ବିଭିନ୍ନ ଚକ୍ର ମାନ ଜାଗ୍ରତ ହୋଇ ଉଠି ଥିଲା।


(କ୍ରମଶଃ)

+ବାଲିଝରି,
କାନପୁର, ବଡ଼ମ୍ବା, କଟକ

## ଆଜିର କବିତା

### ପ୍ରତିକୃତି

ଶୁଭଦର୍ଶିନୀ ଦାଶ



ମାଆର ସ୍ନେହ
ମୁଁହ ଦେଖି ବାରିଦିଏ ପେଟର ଭୋକ
ଖୁଆଇଦିଏ ଆଉ ଟିକେ ଆଉ ଟିକେ କହି
ପେଟ ପୂରିବା ଯାଏଁ ।

ଏ ଲୁହ ବି ତା'ପରି
ଆପେ ଆପେ ଝରିଥାଏ
ହୃଦୟର ଯନ୍ତ୍ରଣାକୁ ଭେଦି
ମନରେ ଧୈର୍ଯ୍ୟ ଫେରିବା ଯାଏଁ ।

ସୁଖରେ ହେଉ ଅବା ଦୁଃଖରେ
ହୃଦୟ ଯେବେ ମାଆର ମମତା ଭାଳିଛି
ଆଖିରୁ ସିଏ ଝରିଛି
ସାନ୍ତ୍ୱନାର ସ୍ପର୍ଶଟେ ହୋଇ

ମାଆ ଯେବେ ଆଣିଥିଲା
ଦୁନିଆକୁ ପ୍ରଥମ କରି
ସତେ ଅବା ଚାଲିଆସିଥିଲା
ମାଆର ପ୍ରତିକୃତି ହୋଇ

ସବୁବେଳେ ପାଖେ ପାଖେ ରହିବା ପାଇଁ

ବୋହିଯାଏ ଆଖିର ହିଡ଼କୁ ଡେଇଁ
ଭସେଇନିଏ ଦୁଃଖ କଷ୍ଟ ସବୁ
ଏକାନ୍ତ ହୃଦୟରେ ଭରିଦିଏ
ଅଜବ ଏକ ଶୀତଳତା
ନିଃଶବ୍ଦ ତା'ର ସାନ୍ତ୍ୱନାରେ
ମନରେ ଆଣିପାରେ ନିଆରା ଏକ ଦୃଢ଼ତା
ସତେକି ଝୁଣ୍ଟି ପଡିଲେ
ହାତ ବଢ଼ାଇଦେଉଛି ମାଆ।

+ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

### କାଶତଣ୍ଡୀ

କବିତା ପଣ୍ଡା



କାହା ଭରସାରେ
ହସୁଛି ଆଜି ତା
ସାଇତା ଆଖିର ଲୁହ ।

କିଏ ସେ ବୁଝିଛି
କରି ଯେ ନିଜର
କାଶତନ୍ତୀ ମନ କୋହ।

କାହାଠୁ ପାଇଛି
ପରଶ ଶ୍ରାବଣ
ହସୁଛି ଅନ୍ତର ଖୋଲି।

ବାକି ଥିବା କଥା
ବଖାଣୁଛି ସେତ
ଅଳସୀ ଫୁଲଟେ ବୋଲି।

ବିନ୍ଦୁ ଏ ରେଣୁରେ
ସିନ୍ଧୁ ପରି ଆଶା
ସଞ୍ଚିଛି ପାଖୁଡ଼ା ମେଲି ।

ଅଳି କରି କେତେ
ମାଗେ ଉପହାର
ମନ ଗର୍ଭବତୀ ବୋଲି ।

ଭାବିନାହି କେବେ
ଉଡ଼ି ଯିବ ଦିନେ
ଭ୍ରମର ଯେ ଦୂର ଦେଶେ।

ପ୍ରୀତି ଅନ୍ତରାଳେ
ସ୍ମୃତି ରହିଥିବ
ଜୀବନର ଚିରକାଳେ।

+ମଙ୍ଗଳପୁର, ସୋର, ବାଲେଶ୍ୱର

## ସମ୍ପର୍କର ରଙ୍ଗ

# କ୍ରୋଧ ନୁହେଁ, କ୍ଷମା କରି ଦିଅନ୍ତୁ

ଶ୍ୱେତା ରାଉତ୍



ସଂସାର ଓ ସମ୍ପର୍କ ଭିତରେ ମତ ପାର୍ଥକ୍ୟ, ତିକ୍ତତା, ବଚସା, କଳି ତକରାଳ ପ୍ରାୟ ଦେଖାଯାଇଥାଏ। ଯିଏ ଆମ ସହିତ କଳି କରେ, ଆମ ବିଷୟରେ କେଉଁଠି ଖରାପ ଆଲୋଚନା କରେ ଆମେ ତା ସହିତ କଥା ହେବା ବନ୍ଦ କରିଦେଉ, ତା ସହିତ କୌଣସି ସମ୍ପର୍କ ରଖିବାକୁ ଇଚ୍ଛା ହୁଏନି, ମନରେ ରାଗ ଆସେ, ଆମେ ବି ତା ବିଷୟରେ ଗୁଡ଼ାଏ ଖରାପ ଆଲୋଚନା କରି ତାକୁ ନିନ୍ଦିତ କରିଥାଉ। ବାସ୍ତବରେ ଆମେ କ୍ରୋଧରେ କିଛି କହିଦେଲେ,କଥା ନହେଲେ କଣ ସମାଧାନ ହୋଇଯାଏ ନା ଆମର ପୂର୍ବ ସମ୍ମାନ ଫେରିଆସେ ? ବରଂ ପରସ୍ପର ପ୍ରତି ଘୃଣା ବଢେ, ବିଦ୍ରୋହ ଜନ୍ମ ନିଏ, ମନ ଅଶାନ୍ତ ରୁହେ ଏବଂ ଅନ୍ୟମାନଙ୍କୁ ମଧ କୁପ୍ରଭାବ ପକାଏ।

ମନେ କରାଯାଉ ଆପଣଙ୍କ ପରିବାରର କେହି ସଦସ୍ୟ ଚୁଗଲିଖୋର ଥାନ୍ତି, ଆପଣଙ୍କୁ ତାଙ୍କ ବ୍ୟବହାର ଆଦୌ ଭଲ ଲାଗେନାହିଁ, ଆପଣଙ୍କ ସମ୍ପର୍କରେ ବାହାର ଲୋକଙ୍କ ନିକଟରେ ସେ ଚୁଗଲି କରନ୍ତି, ମିଛ ଗପନ୍ତି ଏବଂ ଆପଣ ଏ କଥା ଶୁଣି କ୍ରୋଧ କରନ୍ତି, ଦୁହିଁଙ୍କ ଭିତରେ କଳି ହୁଏ, କଥା ବାର୍ତ୍ତା ବି ବନ୍ଦ ହୋଇଯାଏ। କିନ୍ତୁ ସେ ଆପଣଙ୍କ ପରିବାର ବ୍ୟକ୍ତି, ସବୁବେଳେ ଆପଣଙ୍କ ସାମ୍ନାରେ ରୁହନ୍ତି, ଏକତ୍ର ପରିବାର ସହ ବସନ୍ତି, ଖାଆନ୍ତି, ଅନ୍ୟ ସଦସ୍ୟଙ୍କ ସହ ଗପ କରନ୍ତି, ଅଥଚ ଆପଣଙ୍କ ସହ କଥା ହୁଅନ୍ତି ନାହିଁ କିମ୍ବା ଆପଣ ତାଙ୍କ ସହ କଥା ହୁଅନ୍ତି ନାହିଁ। ସତ କହିଲେ'କେତେ ଅସହଜ ଲାଗେ ଏଭଳି ପରିସ୍ଥିତି ! ଆପଣ କଥା ହୁଅନ୍ତି ନାହିଁ କି କ୍ଷମା କରି ପାରନ୍ତି ନାହିଁ। ଦିନ ସାରା ସେହି ବ୍ୟକ୍ତିଙ୍କ ସହ ଦିନ କାଟିବାକୁ ପଡ଼େ ବିନା ସମ୍ପର୍କରେ ଗୁଡ଼ାଏ ଆକ୍ରୋଶକୁ ନେଇ। ଦ୍ୱିତୀୟବାର ଯଦି ବି ଆପଣ ତାଙ୍କର ଭୁଲ ଦେଖନ୍ତି, ଯେହେତୁ କଥାବାର୍ତ୍ତା ନଥାଏ, କିଛି କହି ପାରନ୍ତିନି କି ସହି ପାରନ୍ତିନି, ବିଚାର ଆସେ' ମୋତେ ଏମିତି କହୁଥିଲା, ନିଜେ କୋଉ ଭଲ କି ! ମୁଁ ବି ଲୋକଙ୍କୁ ତୋ ଗୁଣ କହିବି'ମନରେ ଆହୁରି କ୍ରୋଧ ବଢେ, ମନ ପ୍ରତିଶୋଧ ପରାୟଣା ହୋଇଯାଏ।

ଏଭଳି ଏକ ପରିସ୍ଥିତିରୁ ଯଦି ମୁକ୍ତି ଚାହାନ୍ତି, ପରିବାରର ସେ ବ୍ୟକ୍ତିଙ୍କୁ କ୍ଷମା କରିଦିଅନ୍ତୁ। ତାଙ୍କର ଯାହା ବି କୁପ୍ରକୃତି ରହିଛି, ତାହା ତାଙ୍କର ବ୍ୟକ୍ତିଗତ ସଂସ୍କାର ବା ପ୍ରବୃତ୍ତି ଯାହା ଆପଣ ବଦଳାଇ ପାରିବେ ନାହିଁ। କିନ୍ତୁ ତାଙ୍କର ଖରାପ ପ୍ରକୃତିକୁ ଦେଖି ଦେଖି, ଆକ୍ରୋଶ ଓ କ୍ଷୋଭରେ ରହି ଆପଣ ପ୍ରତିଦିନ ବିରକ୍ତିଭାବ ରଖି ନିଜ ଭଲ ପ୍ରକୃତିକୁ ଖରାପ କରିଦେବେ। ତାଙ୍କ ସହିତ କଥା ନ ହେବାକୁ ଚାହିଁଲେ ବି ବାରମ୍ବାର କେବଳ ତାଙ୍କ କଥା ହିଁ ଭାବିବେ, ତାଙ୍କର ତ୍ରୁଟି ସବୁବେଳେ ଦେଖାଯିବ, ସାମ୍ନାରେ ଦେଖିଲେ ନିଜେ ବି ଖୁସି ହୋଇ ପାରିବେ ନାହିଁ। ନିଜ ପ୍ରିୟଜନ ସହ କଥା ହେବାବେଳେ ଆପଣ ନିଜର ହସଖୁସି ଛାଡ଼ି ସେହି ବ୍ୟକ୍ତିଙ୍କ ବିଷୟରେ ଚର୍ଚ୍ଚା କରିବେ। ଏକ ପ୍ରକାର ଆପଣଙ୍କ ଭିତରର ବିଦ୍ରୋହ ବା ଆସକ୍ତି ଆପଣଙ୍କୁ ମାନସିକ ରୋଗୀ କରିଦେବ।

ଘରେ ହେଉ କି ବାହାରେ କେହି ଆପଣଙ୍କୁ ଖରାପ କହିଲେ, ନିନ୍ଦା କଲେ, ଅପପ୍ରଚାର କଲେ, ଆପଣଙ୍କ ଚରିତ୍ର, ସ୍ୱଭାବ, ସଂସ୍କାର ବଦଳି ଯିବନାହିଁ। ନିନ୍ଦା, ହୀରା ଉପରେ ଲାଗିଥିବା କଳାର ପ୍ରଲେପ ମାତ୍ର, ଯାହା ବ୍ୟକ୍ତିତ୍ୱର ଟୋପେ ବର୍ଷାରେ ଧୋଇଯାଏ ଓ ପୁଣି ଚିକ୍ ଚିକ୍ କରେ। ତେଣୁ କାହା କଥାରେ ବ୍ୟଥିତ ହୁଅନ୍ତୁ ନାହିଁ କି କଥାବାର୍ତ୍ତା ବନ୍ଦ କରନ୍ତୁ ନାହିଁ, ନିଜ କାମ କରିଚାଲନ୍ତୁ। ଆପଣଙ୍କ ବିରୁଦ୍ଧରେ ଚୁଗଲି କରୁଥିବା ବ୍ୟକ୍ତିଙ୍କ ସହ ସମ୍ମାନ ରଖି କଥା ହୋଇ ଭଲ ବ୍ୟବହାର କରନ୍ତୁ, ଯେମିତିକି ସେ ତାଙ୍କ ନିଜ କୁକର୍ମ ପାଇଁ ଅପମାନ ବୋଧ କରିବେ। ତାଙ୍କୁ ଯତେଇବାକୁ ଚେଷ୍ଟା କରନ୍ତୁ ଯେ, ତାଙ୍କ କଥା, ଚୁଗଲି ଚପଟ କି ଘୃଣାର କିଛି ପ୍ରଭାବ ଆପଣଙ୍କ ଉପରେ ପଡୁନାହିଁ, ଆପଣ ସର୍ବଦା ନିଜ ସଂସ୍କାରକୁ ଗୁରୁତ୍ୱ ଦେଇ କ୍ରୋଧ କରନ୍ତୁ ନାହିଁ, ଦେଖିବେ ସେ ବି ଆପଣଙ୍କ ବିଷୟରେ ଖରାପ କହିବା ବନ୍ଦ କରିଦେବେ। ଶ୍ରଦ୍ଧା ଓ ସଂସ୍କାର ଏମିତି ଏକ ହୀରା ଓ ତାର ଏତେ ଶକ୍ତି ଅଛି ଯେ, କେହି ତାକୁ କୁବିଚାରରେ ମଳିନ କରି ପାରିବ ନାହିଁ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୨୭/୦୯ (ନି.ପ୍ର): ଭାରତ ସରକାରଙ୍କ ପ୍ରାୟୋଜିତ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମର ସମାପ୍ତି ସୂଚକ ଆକଳନ କୋରାପୁଟ ଜିଲ୍ଲାରେ ଆଜି ଶୃଙ୍ଖଳିତ ଭାବରେ ସମାପ୍ତ ହୋଇଯାଇଛି । ଉକ୍ତ ଆକଳନ କୋରାପୁଟ ଜିଲ୍ଲାର ୧୪ଟି ବ୍ଲକରେ କରାଯାଇଥିବା ବେଳେ ତିନିଗୋଟି ବ୍ଲକ୍ ରେ ଜୟପୁର, କୋରାପୁଟ, ଦଶମନ୍ତପୁରରେ ପର୍ଯ୍ୟବେକ୍ଷଣ କରାଯାଇଥିଲା । ଜୟପୁର ବ୍ଲକ୍ ରେ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ରଣ୍ଡାପାଲି, ପ୍ରୋଜେକ୍ଟ ଉଚ୍ଚ ବିଦ୍ୟାଳୟ ବାରିଣୀପୁଟ ଏବଂ କୋରାପୁଟ ବ୍ଲକ୍ ରେ ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାନବାର ତଥା ଦଶମନ୍ତପୁର ବ୍ଲକ୍ ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆଡମୁଣ୍ଡା, ପ୍ରାଥମିକ ବିଦ୍ୟାଳୟ ପରଜା ସୁଜୁଲି, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାଣୁଆଗୁଡ଼ା ଏବଂ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ନନ୍ଦିଗାଁ ରେ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଗଗନ କୁମାର କାମାତ୍ ଶିକ୍ଷା ମନ୍ତ୍ରାଳୟ ନୂଆଦିଲ୍ଲୀ, ଡଃ. ଚିତ ରଞ୍ଜନ ପାଣିଗ୍ରାହୀ, ଡେପୁଟି ଡାଇରେକ୍ଟର ଏଲିମେଣ୍ଟରୀ, ଓଡ଼ିଶା ସରକାର ଓ ଶ୍ରୀମତୀ ଅର୍ପିତା ପ୍ରଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, କୋରାପୁଟଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ କରାଯାଇଥିଲା । ସମଗ୍ର ଜିଲ୍ଲାରେ ୧୦୪୦୩ ପୁରୁଷ ଏବଂ ୧୭୯୮୫ ଜଣ ମହିଳା ସମୁଦାୟ ୨୮୩୮୮ ଉକ୍ତ ଆକଳନରେ ଯୋଗଦେଇଥିଲେ । ଏହି ଆକଳନର ବୟସ ସୀମା ୧୫ ରୁ ୩୫ ବର୍ଷ ମଧ୍ୟରେ ସୀମିତ ଥିଲା । ଏହି ଅବସରରେ ୨୪ ଓ ୨୫ ତାରିଖ ଦୁଇଦିନ ବ୍ୟାପି କାର୍ଯ୍ୟକ୍ରମର ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଅର୍ପିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, କୋରାପୁଟ ଠାରେ ଅନୁଷ୍ଠିତ ହୋଇଥିଲା ।

# କୁଡୁମୁଲୁଗୁମ୍ମା ମିନି ଷ୍ଟାଡିୟମରେ ମଣ୍ଡଳ ସ୍ତରୀୟ ବାର୍ଷିକ କ୍ରୀଡା ଉତ୍ସବ ୨୦୨୩-୨୪ ଅନୁଷ୍ଠିତ

ମାଲକାନଗିରି, ୨୭/୦୯ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ମାଲକାନଗିରି ତଥା ବ୍ଲକ ଶିକ୍ଷା ଅଧିକାରୀ ଚିତ୍ରକୋଣ୍ଡା ଙ୍କ କାର୍ଯ୍ୟାଳୟ ତରଫରୁ ଦ୍ୱି-ଦିବସୀୟ ମଣ୍ଡଳ ସ୍ତରୀୟ ବାର୍ଷିକ କ୍ରିଡ଼ା ଉତ୍ସବ କୁଡୁମୁଲୁଗୁମ୍ମା ମିନି ଷ୍ଟାଡିୟମରେ ଆଜି ଉଦଘାଟିତ ହୋଇଯାଇଛି । ଏହି କ୍ରୀଡା ଉତ୍ସବର ଉଦ୍ ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଶାନୀ ଯୋଗ ଦେଇଥିଲା ବେଳେ , ସଭାପତି ଭାବରେ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ଗାୟତ୍ରୀ ଦେବୀ , ମୁଖ୍ୟ ବକ୍ତା ଭାବେ ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ଗଣ୍ଡ ଓ ସମ୍ମାନନୀୟ ଅତିଥି ଭାବେ ଖଇରପୁଟ ବ୍ଲକ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, ସରପଂଚ ମଙ୍ଗଳା ମାଢୀ, ଏବିଇଓ ଅଞ୍ଜନ କୁମାର ଚୈଧୁରୀ, ହେମନ୍ତ ନାୟକ, କୃପାସିନ୍ଧୁ ଆମ୍ବାଗୁଡିଆ, ବଳରାମ ପୂଜାରୀ, ରମେଶ ଚନ୍ଦ୍ର ନେଲୁର୍, ଉମା ଶଙ୍କର ଦାସ, ବ୍ରଜ ନାରାୟଣ ଦାସ ପ୍ରମୁଖ ଯୋଗ ଦାନ କରି ଖେଳାଳି ମାନଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇଥିଲେ । କାର୍ଯ୍ୟକ୍ରମ ରେ ମଂଚ ସଂଚାଳନ ସୁଧାକର ନାୟକ କରିଥିଲେ । ଏହି ଦ୍ୱି- ଦିବସ ଖେଳରେ ଦୌଡକୂଦ,ଲମ୍ବା ଡିଆଁ, ଉଚ୍ଚଡିଆଁ, ରିଲେ ଦୌଡ ତଥା ବିଭିନ୍ନ ଖେଳ ଯଥାକ୍ରମେ ଫୁଟବଲ, ଭଲିବଲ ଓ କବାଡି ଲିଗ୍,ଖୋକୋ ଟିମ୍ ସବୁ ଆୟୋଜିତ ହୋଇଥିବାବେଳେ ଉତିର୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଜିଲ୍ଲା ସ୍ତରରେ ଭାଗ ନେବେ ବୋଲି ଆୟୋଜକ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଅତିଥି ମାନେ ଖେଳକୁଦ ଓ ବ୍ୟାୟାମ ଅଭ୍ୟାସ ଆମ ଜୀବନ ପାଇଁ କେତେ ଯେ ଆବଶ୍ୟକ ତାହାକୁ ବର୍ଣ୍ଣନା କରିବା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । କ୍ରୀଡା ପ୍ରତିଯୋଗିତା ନିମନ୍ତେ ବିଭିନ୍ନ ବିଦ୍ୟାଳୟର କ୍ରିଡ଼ା ଶିକ୍ଷକ ଉମାକାନ୍ତ ଦାସ ଓ ତ୍ରିଲୋଚନ ମିଶ୍ରଙ୍କୁ ସମସ୍ତ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ । ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କୁଡୁମୁଲୁଗୁମ୍ମା ସଭାପତି ରମେଶ ଚନ୍ଦ୍ର ନେଲୁରୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଓ ଅନ୍ୟାନ୍ୟ ଆୟୋଜକ ମାନଙ୍କ ପ୍ରଚେଷ୍ଟାରେ ଆୟୋଜନ ଟି ସଫଳ ହୋଇଛି ବୋଲି ବ୍ଲକ ଶିକ୍ଷା ଅଧିକାରୀ ଶ୍ରୁସ୍ରୀ ଗାୟତ୍ରୀ ଦେବୀ ଓ ସମସ୍ତ ସିଆରସିସି ଭାଇ ମାନେ ପ୍ରକାଶ କରିବା ସହ, ଶିକ୍ଷା ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଭାଗନେଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

# ପଥର ମାଫିଆଙ୍କ ହାତରୁ ମୁକୁଳିଲା ପାହାଡ଼: ପାର୍କ ନିର୍ମାଣ ଯୋଜନା

ଜୟପୁର, ୨୭/୦୯ (ନି.ପ୍ର): ପଥର ମାଫିଆଙ୍କ ହାତରୁ ମୁକୁଳିଛି ପାହାଡ଼ । ପ୍ରଶାସନ ନିଜ ଅଧିନକୁ ଏହି ପାହାଡ଼କୁ ନେଇ ସୁନ୍ଦର ପାର୍କର ପରିକଳ୍ପନା କରି ଏହାର ନିର୍ମାଣ କାର୍ଯ୍ୟ ଜାରୀ ରହିଛି । ଜୟନ୍ତଗିରୀ ଆଦର୍ଶ ବିଦ୍ୟାଳୟ ଓ ବୋରିଗୁମ୍ମା ଭୈରବ ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ଥିବା ପାହାଡ଼କୁ ପଥର ମାଫିଆ ମାନେ କବଜା କରି ପଥର ବ୍ଲାଷ୍ଟ କରୁଥିଲେ । ଏପରିକି ବିଦ୍ୟାଳୟ ଓ ମହାବିଦ୍ୟାଳୟ ଥିବା ସତ୍ୱେ ଏବଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ପାହାଡରେ ବେନିୟମ ଭାବେ ପଥର ବ୍ଲାଷ୍ଟ କରାଯାଉଥିଲା । ଏ ନେଇ ଅନେକ ଥର ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଜୟପୁର ଓ ବୋରିଗୁମ୍ମା ତହସିଲ ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇଥିଲା । ଏହି ଅଂଚଳଟି ଜୟପୁର ତହସିଲ ଅର୍ନ୍ତଗତ ଜୟନ୍ତଗିରୀ ରାଜସ୍ୱ ବିଭାଗ ସୀମାର ସୀମାନ୍ତ ତଥା ବୋରିଗୁମ୍ମା ତହସିଲକୁ ଲାଗିକି ରହିଛି । ଉଭୟ ତହସିଲ ଚଢ଼ଉ କରିବା ପରେ ଯେଉଁ ପଥର ମାଫିଆ ସୈରାତର ନିଲାମ ନେଇଥିଲେ ସେହି ସୈରାତ ପାହାଡ ସହ ଆଖ ପାଖର ସବୁ ପାହାଡ଼ରୁ ପଥର ବ୍ଲାଷ୍ଟ କରି ଓ ପଥର ବାହାର କରି ନେଇ ଯାଉଥିଲେ । ଉଭୟ ତହସିଲ ଏଭଳି ଅନିମିୟତତା ଜାଣିବା ପରେ ଉକ୍ତ ସୈରାତ ପାହଡ଼ର ନିଲାମକୁ ବାତିଲ କରିବା ସହ ଅନ୍ୟ ସବୁ ପାହାଡ଼ ନିଜ ଅଧିନକୁ ନେଇଥିଲେ । ଏହି ପାହାଡଟି ଜୟପୁର ସୀମାନ୍ତକୁ ଲାଗି ବୋରିଗୁମ୍ମା ବ୍ଲକରେ ଥିବାରୁ ଏଠାରେ ସୁନ୍ଦର ପାର୍କ ନିର୍ମାଣ କରିବାକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ବୋରିଗୁମ୍ମା ବିଡ଼ିଓ ପ୍ରଣୟ ରଞ୍ଜନ ବେହେରା ପ୍ରସ୍ତାବ ଦେଇଥିଲେ । ଏହି କ୍ରମରେ ଏବେ ଏହି ପାହାଡ଼କୁ ବୋରିଗୁମ୍ମା ବ୍ଲକ ପ୍ରଶାସନ ନିଜ ଅଧିନକୁ ନେଇ ବିଶାଖାପାଟଣାରେ ଥିବା କୈଳାଶଗିରୀ ପାର୍କ ଭଳି ପାର୍କ ନିର୍ମାଣ କରାଯିବାର ଯୋଜନା କରିଛି । ଏନଏଚ ୨୬ରୁ ପାହଡ଼ର ଶୀର୍ଷଭାଗକୁ ଯିବା ପାଇଁ ଚଲାପଥ ଓ ଗାଡ଼ି ଯାଇ ତଳେ ପାର୍କିଂ କରିବାକୁ ରାସ୍ତା ନିର୍ମାଣ କରିଛି । ପାହାଡର ଶୀର୍ଷ ଭାଗରେ ୧୨ ଫୁଟର ବିରାଟ ମହାପ୍ରଭୁ ଶିବ ଓ ପାର୍ବତୀଙ୍କ ମିଳିତ ବିଗ୍ରହ ଏବଂ ଶିବଙ୍କ ଜଟାରୁ ପାଣି ନିର୍ଗତ ହେଉଥିବା ଏଭଳି ମୂର୍ତି ସ୍ଥାପନ କରାଯିବ ବୋଲି ସୂଚନା ମିଳିଛି । ସେଭଳି ପାର୍କ ପରିସରରେ ଡାଇନସୋରର ଅଣ୍ଡାରୁ ବଡ ଡାଇନସୋର ଏବଂ ମୃତ ପରେ ତା କଙ୍କାଳ ଆଦିର ପ୍ରତିକୃତି ରଖାଯିବ । ଏହା ସାଙ୍ଗକୁ ପୂର୍ବେ ଆଦିମ ମଣିଷରୁ ଆଧୁନିକ ମଣିଷ ବିଭିନ୍ନ ସ୍ତରର ମୂର୍ତି ବି ବସାଯିବ । ଏହା ସହ କାଫେ, ଫୁଲ ଗଛ, ଛୋଟ ପିଲା ମାନେ ଖେଳିବା ପାଇଁ ମୁକ୍ତ ପାର୍କ ଓ ଜଳକ୍ରୀଡାର ବ୍ୟବସ୍ଥା କରାଯାଇଛି । ପୂର୍ବରୁ ଯେଉଁ ସବୁ ସ୍ଥାନରେ ପଥର ବ୍ଲାଷ୍ଟ କରିବା ପରେ ପଥର ବାହାର କରାଯାଇଥିଲା, ସେ ସ୍ଥାନରେ ବଡ ବଡ ଗାତ ହୋଇଥିଲେ ହେଁ ସେଠାରେ ସିମେଣ୍ଟ ପ୍ଲାଷ୍ଟରିଂ କରି ବିଭିନ୍ନ ଡିଜାଇନ୍ କରାଯାଇଛି । ସୁନ୍ଦର ନଡିଆ, ଗୁଆ ଗଛ ଠାରୁ ବିଭିନ୍ନ ଫୁଲ ଗଛ ବି ଲଗାଯାଉଛି । ସଂପୂର୍ଣ୍ଣ ପାହାଡ଼କୁ ସୁନ୍ଦର ଆଲୋକସଜ୍ଜା ସହ ଅତ୍ୟାଧୁନିକ ପାର୍କ ନିର୍ମାଣ କରାଯିବ ବୋଲି କହିଛନ୍ତି ଜୟପୁର ବିଧାୟକ । ପ୍ରାପ୍ତ ସୂଚନା ମୁତାବକ ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟରେ ଏହାର ସଂପୁର୍ଣ୍ଣ ନିର୍ମାଣ ହେବ । ଏଥିରୁ ବିଧାୟକ ନିଜ ପାଣ୍ଠି ସହ ସରକାରଙ୍କ ବିଭିନ୍ନ ଯୋଜନାକୁ ସମ୍ମିଳିତ କରି ଏହି ପାର୍କ ନିର୍ମାଣ କରୁଥିବା ସୂଚନା ମିଳିଛି । ଏହା ସହ ତଳେ ଥିବା ପଡ଼ିଆରେ ବିଭିନ୍ନ ଖେଳକୁଦର ବି ଆୟୋଜନ କରାଯିବ । ସେଭଳି ଏହି ପାର୍କର ପରିଚାଳନା ଦାୟିତ୍ୱ ମହିଳା ସ୍ୱୟଂ ସହାୟକ ଦଳକୁ ଦିଆଯିବ । ସେମାନେ ଏହାର ରକ୍ଷଣାବେକ୍ଷଣ ଓ ଦେଖାରଖା ପାଇଁ ଟିକେଟ କରାଯିବ । ପାର୍କ ଆଗାମୀ ଦିନରେ ପର୍ଯ୍ୟଟକଙ୍କୁ ଅଧିକ ଆକୃଷ୍ଟ କରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ଉଦ୍‌ଘାଟିତ ହେଲା ବ୍ୟାଡମିଂଟନ ଚାମ୍ପିୟନସିପ୍

ବଲାଙ୍ଗିର, ୨୭/୦୯ (ନି.ପ୍ର): ଆଜି ବଲାଙ୍ଗିର ଜିଲ୍ଲା ସଦର ମହକୁମା ପୃଥୀରାଜ ହାଇସ୍କୁଲ ଇଣ୍ଡୋର ଷ୍ଟାଡିୟମ ଠାରେ ଓଡିଶା ରାଜ୍ୟ ସ୍କୁଲ ବ୍ୟାଡମିଂଟନ ଚାମ୍ପିୟନସିପ-୨୦୨୩ ଉଦଘାଟିତ ହୋଇଛି । ଏହି ପ୍ରତିଯୋଗୀତାକୁ ବଲାଙ୍ଗିର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଂଚଲ ରାଣା ଉଦଘାଟନ କରିଛନ୍ତି । ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଛାତ୍ର ଜୀବନର ଅଭିଜ୍ଞତା କହିବା ସଙ୍ଗେ ସଙ୍ଗେ ପିଲାମାନଙ୍କର ଖେଳୁଆଡ ମନୋବୃତିକୁ ଆଗକୁ ବଢ଼ାଇବା ପାଇଁ ପ୍ରେରଣା ଦେଇଥିଲେ । ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରା ଇଂଡୋର ଷ୍ଟାଡିୟମର ଭିତିପ୍ରସ୍ତର ସ୍ଥାପନରୁ ଉଦଘାଟନ ପର୍ଯ୍ୟନ୍ତ ଅନୁଭୂତି ନିଜ ବକ୍ତବ୍ୟରେ କହିଥିଲେ । ଉପନିର୍ଦ୍ଦେଶକ (କ୍ରୀଡା ବିଭାଗ) କୈଳାଶ ଚନ୍ଦ୍ର ପଧାନ ପ୍ରତିଯୋଗିତାର ଉଦ୍ଦେଶ୍ୟ ଓ ବିବରଣୀ ପ୍ରଦାନ କରିଥିଲେ । ବଲାଙ୍ଗିର ଜିଲ୍ଲା ବ୍ୟାଡମିଂଟନ ଆସୋସିଏସନ ସାଧାରଣ ସମ୍ପାଦକ ସୁରୁ ଲାଲ ମଟାରି ଏଠାରେ ହେଉଥିବା ବିଭିନ୍ନ ଜାତୀୟ ସ୍ତରର ପ୍ରତିଯୋଗିତା ବିଷୟରେ ସୂଚନା ଦେଇଥିଲେ । ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ କେଶବ ମେହେର, ଢେଙ୍କାନାଳ ଜିଲ୍ଲା କ୍ରୀଡା ଅଧିକାରୀ ଜ୍ୟୋତି ପ୍ରସାଦ ପରିଡା ଓ ବଲାଙ୍ଗିର ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ପାତ୍ର ଆଜିର ସଭାରେ ମଂଚାସିନ ଥିଲେ । ଅତିରିକ୍ତ ସହ କ୍ରୀଡା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ ମଂଚ ପରିଚାଳନା କରିଥିଲେ । ଏହି ପ୍ରତିଯୋଗୀତା ୧୪ ଏବଂ ୧୭ ବର୍ଷରୁ କମ୍ ବର୍ଗରେ ବିଭିନ୍ନ ଜିଲ୍ଲା ମଧ୍ୟରେ ବ୍ୟାଡମିଣ୍ଟନ ଖେଳାଯିବ । ଏହି ପ୍ରତିଯୋଗୀତାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସମୁଦାୟ ୨୭ଟି ଜିଲ୍ଲାରୁ କ୍ରୀଡାବିତ ଅଂଶଗ୍ରହଣ କରିଛନ୍ତି । ତନ୍ମଧ୍ୟରୁ ୧୫୭ ଜଣ ବାଳିକା ଏବଂ ୧୯୭ ଜଣ ବାଳକ ଅଟନ୍ତି ୪୯ ଜଣ ଟିମ୍ ମ୍ୟାନେଜର ଓ କୋଚ ଏବଂ ୩୦ ଜଣ ସହ ବ୍ୟାଡମିଂଟନ ପରିଚାଳକ ଏମିତି ମୋଟ ରେ ୪୦୭ ଜଣ ଯୋଗ ଦେଇଛନ୍ତି ।

# ରାସବେଡା ଆଶ୍ରମ ବିଦ୍ୟାଳୟରେ ଆମେ ଗଢିବା ନୂଆ ଓଡ଼ିଶା କର୍ମଶାଳା ଅନୁଷ୍ଠିତ

ମାଲକାନଗିରି, ୨୭/୦୯ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ପଂଚାୟତର ଆଶ୍ରମ ବିଦ୍ୟାଳୟ ପରିସରରେ ଆମେ ଗଢିବା ନୂଆ ଓଡ଼ିଶା ନାମକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ବ୍ଲକ ଶିକ୍ଷା ଅଧିକାରୀ ହୃଷିକେଶ ଦଣ୍ଡସେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ, ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ପୁର୍ବତନ ବିଧାୟକ ଡମ୍ବରୁ ଶିଷା, ଶିକ୍ଷକ ଆନନ୍ଦ ମଣ୍ଡଳ, ରାସବେଡା ସରପଂଚ ପ୍ରମିଳା ଗୁଟ୍ଟା, ବରିଷ୍ଠ ସମାଜସେବୀ ଦୁର୍ଯ୍ୟୋଧନ ପାତ୍ର, ଶିଶୁ ବିକାଶ ପରିଦର୍ଶିକା ତିଲୋତମା ରାଉତ, ସିଆରସିସି ରାମ ପ୍ରସାଦ ମଣ୍ଡଳ, ଗ୍ରାମ କୃଷି କର୍ମଚାରୀ ଯୁବରାଜ ଟୁଲ୍ଲୋ, ବନରକ୍ଷୀ ଜିଜ୍ଞାବାଣୀ ସ୍ୱାଇଁ , ଅଜୟ କୁମାର ଗୈଡ, ସ୍ୱାସ୍ଥ୍ୟ କର୍ମଚାରୀ କମଳା ସାହୁ, କାଳନ୍ଦୀ ଚରଣ ପାତ୍ର,ଗଦରା ବଡନାୟକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଘାସିରାମ କିର୍ଷାନୀ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କର୍ମଶାଳାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତୀରେ ପୁଷ୍ପ ମାଲ୍ୟ ପ୍ରଦାନ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା ଓ ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍ୱାରା ଅତିଥି ମନଙ୍କ ସ୍ୱାଗତ ଓ ସମ୍ମାନଅର୍ଥେ ପ୍ରାରମ୍ଭିକ ସଙ୍ଗୀତ ପରିବଷଣ କରିଥିଲେ । କାର୍ଯ୍ୟକ୍ରମର ମୂଖ୍ୟ ଅତିଥି ଶ୍ରୀ ଦଣ୍ଡସେନା କହିଥିଲେ ଯେ ଛାତ୍ରୀ ମାନଙ୍କର ଜ୍ଞାନ ଓ ବୈଧିକ ବିକାଶ ନିମନ୍ତେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଭୂମିକା ଯେତିକି ମହତ୍ୱ ପୂର୍ଣ୍ଣ , ଅଭିଭାବକ ମାନଙ୍କ ଭୂମିକା ମଧ ସେତିକି ଗୁରୁତପୂର୍ଣ୍ଣ ଅଟେ । ସେ ସମସ୍ତ ଅଭିଭାବକ ମାନଙ୍କୁ ଛାତ୍ରୀ ମାନଙ୍କର ଜଣେ ଜଣେ ଉତମ ସହଭାଗୀ ଭାବେ ବର୍ଣ୍ଣନା କରିଥିଲେ ଓ କହିଥିଲେ ବିନା ବାପା ମା ଙ୍କର ଉଚିତ୍ ପ୍ରୟାସରେ କେବେବି ଗୋଟିଏ ଛାତ୍ରୀ ତାର ଶ୍ରେଷ୍ଠତ୍ୱ ପରିପ୍ରକାଶ କରିପାରିବନାହିଁ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ମହାନ୍ତି ନିଜର ଅଭିଭାଷଣ ରେ, ବିଦ୍ୟାଳୟର ପୁର୍ବତନ ଛାତ୍ରଛାତ୍ରୀ ମାନଙ୍କର କୃତିତ୍ୱ ପ୍ରକାଶ କରିବା ସହ ବର୍ତମାନ ଅଧୟନ ରତ ଛାତ୍ରଛାତ୍ରୀ ମାନଙ୍କୁ ଭବିଷ୍ୟତ ରେ ଦେଶ ଗଠନରେ ନିଜକୁ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ବରିଷ୍ଠ ବୁଦ୍ଧିଜୀବୀ ବାଲକୃଷ୍ଣ ପ୍ରଧାନ ମଂଚ ପରିଚାଳନା କରିଥିଲେ । ପରିଶେଷରେ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ବୀରକିଶୋର ଜେନା ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଶାଳାର ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍ୱାରା ଝୋଟି ଚିତ୍ର ଅଙ୍କିନ ସହ ବାପା ମା ଙ୍କ ମଧ୍ୟରେ କୈତିକ କ୍ରିଡ଼ା ପ୍ରତିଯୋଗିତା ଓ ବିଭିନ୍ନ ସାଂସ୍କୃତିକ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ମାନ ପରିବେଷଣ କରାଯାଇଥିଲା ଯାହାକୁ ସମସ୍ତ ଅଭିଭାବକ ମନଭରି ଉପଭୋଗ କରିଥିଲେ ।

# ଶ୍ରୀମନ୍ଦିରରେ ବାମନ ଜନ୍ମ ଓ ସୁନିଆ ପାଳିତ

ପୁରୀ, ୨୭/୦୯ (ନି.ପ୍ର): ଆଜି ଶ୍ରୀମନ୍ଦିରରେ ବାମନ ଜନ୍ମ ନୀତି ଓ ସୁନିଆ ପାଳିତ ହୋଇଯାଇଛି । ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀବାମନ ଜନ୍ମ ନୀତି ଅନୁଷ୍ଠିତ ହୋଇଛି । ଏଥିପାଇଁ ମଧ୍ୟାହ୍ନ ଧୂପ ପରେ ଅପରାହ୍ନ ୨ଟା ଠାରୁ ପ୍ରାୟ ୩ ଘଂଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା । ଆଜି ସକାଳ ଧୂପ ପୂଜା ବଢିବା ପରେ ଶ୍ରୀଜୀଉ ମାନଙ୍କର ମହାସ୍ନାନ ଓ ସର୍ବାଙ୍ଗ ନୀତି ହେବା ପରେ ପୂର୍ବ ଦିନ ଅଧିବାସ ହୋଇଥିବା ଯଜ୍ଞ ପବିତା ଲାଗି ହୋଇଥିଲା । ଏହାପରେ କର୍ପୁର ଲାଗି ହୋଇ ବେଶ ବଢିବା ପରେ ମଧ୍ୟାହ୍ନ ଧୂପ ଭୋଗ ହୋଇଥିଲା । ଏହାପରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା । ଚନ୍ଦନ ଅର୍ଗଳି ଠାରେ ଶୁଦ୍ଧସୁଆର ସେବକ ପଂଚ ମୁରୁଜରେ ମଣ୍ଡଳ କାଟିଥିଲେ । ଏହାପରେ ତିନି ବାଡ଼ରେ ବନ୍ଦାପନା ଓ ବରୁଣ ପୂଜା ଅନୁଷ୍ଠିତ ହୋଇଥିଲା । ଏହାପରେ ମୁଦିରସ୍ତ ଓ ପତିମହାପାତ୍ର ବ୍ରହ୍ମା ଆଚାର୍ଯ୍ୟ ବରଣ ହୋଇ ଦକ୍ଷିଣୀ ଘର ଭୋଗ ସରିବା ପରେ କୃଷ୍ଣ ମହାଜନ ସେବକଙ୍କ ଦ୍ୱାରା ରତ୍ନସିଂହାସନ ବିଜେ କରିଥିଲେ । ସେଠାରେ ଧଣ୍ଡି ମହାପ୍ରସାଦ ଲାଗି ହୋଇଥିଲା । ଏହାପରେ ଦେଉଳ ବନିଆଁ ଯୋଗାଇଥିବା ସୁବର୍ଣ୍ଣ ବାମନ ମୂର୍ତି ସର୍ବତ୍ରଭଦ୍ରମଣ୍ଡଳ ଉପରେ ବିଜେ କରିଥିଲେ । ତାପରେ କୃଷ୍ଣଙ୍କୁ ଏହି ଭଦ୍ର ମଣ୍ଡଳରେ ବିଜେ କରାଯାଇଥିଲା । ପଂଚାମୃତରେ ଦିଅଁଙ୍କୁ ସ୍ନାନ କରାଇ ଶୀତଳଭୋଗ ହୋଇ ପଂଚ ଉପଚାରରେ ଗର୍ଭଉଦକ ନୀତି, ଜନ୍ମବିଧିମାନ ସମାପନ ହୋଇଥିଲା । ଏହାପରେ ପାଳିଆ ମହାସୁଆର କ୍ଷୀର, ଲହୁଣୀ ମଣୋହି କରିବାକୁ ପୂଜାପଣ୍ଡାଙ୍କୁ ଦେଇଥିଲେ । ଏହାପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ । ତତ୍ପରେ ମହାଜନ ସେବକ ଦିଅଁଙ୍କ ହସ୍ତରେ ବିଜେ କରାଇ ଜୟ ବିଜୟ ଦ୍ୱାର ନିକଟକୁ ନେଇଥିଲେ । ମାର୍କଣ୍ଡେଶ୍ୱର ସାହି ଲୋକ ବାମନ ମୂର୍ତି ପଟି ପୂର୍ବରୁ ଦେଇଥିଲେ । ଦିଅଁଙ୍କୁ ମାଜଣା ମଣ୍ଡପ ଖଟ ଉପରେ ବିଜେ କରାଯାଇଥିଲା । ଏହାପରେ ପତିମହାପାତ୍ର ଭଣ୍ଡାର ଘରୁ ରୂପା ବଟାରେ ଶ୍ରୀ ଦୁର୍ଗାଙ୍କୁ ରତ୍ନସିଂହାସନ ବିଜେ କରାଇଥିଲେ । ସେଠି ପୂଜାପଣ୍ଡା ଆଜ୍ଞା ମାଳ ଦେଲାପରେ ଦେବୀ ଦୁର୍ଗା ମାଜଣା ମଣ୍ଡପକୁ ବିଜେ କରିଥିଲେ । ପୂଜାପଣ୍ଡା ବସୁଧରା, ଯଜ୍ଞ ପବିତ୍ରା ଲାଗି କରିଥିଲେ । ଏହାପରେ ପାଣି ପଡି ଶୀତଳ ଭୋଗ ପନ୍ତି ବଢ଼ା ହୋଇଥିଲା । ଦୁଧ ମଣୋହି କରି ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ପଂଚଉପଚାରରେ ଭୋଗ କରିଥିଲେ । ଏହାପରେ ପ୍ରସାଦ ଉଲାଗି ହୋଇ କୃଷ୍ଣ(ବାମନ) ଦକ୍ଷିଣୀ ଘରକୁ ଏବଂ ଶ୍ରୀଦୁର୍ଗା ଭଣ୍ଡାର ଘରକୁ ବାହୁଡ଼ିଥିଲେ । ଭାଦ୍ରବ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀବାମନ ଜନ୍ମ ନୀତି ଅନୁଷ୍ଠିତ ହୋଇଥାଏ । ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିର ମଧ୍ୟାହ୍ନରେ ନାରାୟଣ ବାମନ ରୂପରେ ଆବିର୍ଭୂତ ହୋଇଥିଲେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ବାମନ ଭାବେ ଅଭିହିତ କରାଯାଇ ଉକ୍ତ ଆବିର୍ଭାବ ତିଥିରେ ଶ୍ରୀମନ୍ଦିରରେ ଜନ୍ମ ନୀତି ପାଳିତ ହୋଇଥାଏ । ଏହିଦିନ ସକାଳ ଧୂପ ପୂଜା ଶେଷ ହେବା ପରେ ଠାକୁରମାନଙ୍କର ମହାସ୍ନାନ ଓ ସର୍ବାଙ୍ଗ ନୀତି ହୋଇ ପୂର୍ବ ଦିନରୁ ଅଧିବାସ ହୋଇଥିବା ପବିତ୍ରାଲାଗି ହୋଇଥାଏ । ତତ୍ପରେ ଶ୍ରୀବିଗ୍ରହମାନଙ୍କୁ କର୍ପୂର ଲାଗି ହୋଇ ବେଶ ବଢିବାପରେ ମଧ୍ୟାହ୍ନ ଧୂପ ଉଠିଥାଏ ଓ ଜୟବିଜୟ ଦ୍ୱାର ବନ୍ଦ ହୋଇ ଚନ୍ଦନ ଅର୍ଗଳୀ ଠାରେ ଶୁଦ୍ଧ ସୁଆର ପାଣି ପକାଇ ପୋଛା ମାରିବା ପରେ ପୂଜାପଣ୍ଡା ପଂଚବର୍ଣ୍ଣ ମୁରୁଜରେ ମଣ୍ଡଳ ଲେଖିଥାନ୍ତି । ଏହାପରେ ତିନିବାଡରେ ଶ୍ରୀବିଗ୍ରହମାନଙ୍କର ବନ୍ଦାପନା ଓ କଳସ ବରୁଣ ପୂଜା କରାଯାଏ । ଇତିମଧ୍ୟରେ ଦକ୍ଷିଣ ଘର ଭୋଗ ସରିବା ପରେ ମହାଜନ ସେବକମାନେ ବାମନ/ କୃଷ୍ଣଙ୍କୁ ରତ୍ନସିଂହାସନରେ ବିଜେ କରାଇବା ପରେ ମୁଦିରସ୍ତ ସେବକ ଶ୍ରୀଅଙ୍ଗରେ ଧଣ୍ଡି ପ୍ରସାଦ ଲାଗି କରିଥାନ୍ତି । ଏଥି ଉତାରେ ମହାଜନମାନେ କୃଷ୍ଣଙ୍କୁ ସର୍ବତୋଭଦ୍ରମଣ୍ଡଳରେ ବିଜେ କରାନ୍ତି । ଏହା ପୂର୍ବରୁ ଏହି ମଣ୍ଡଳରେ ସୁବର୍ଣ୍ଣର ବାମନ ପ୍ରତିମା ବିଜେ କରିଥାନ୍ତି । ଏଠାରେ ଗର୍ଭଉଦକ ନୀତି, ଜନ୍ମବିଧିମାନ କରାଯାଇଥାଏ । ଏହାପରେ କ୍ଷୀର, ଲହୁଣୀ, କୋରା ମଣୋହି, ପ୍ରସାଦ ଲାଗି, ଭଣ୍ଡାର ଘରୁ ରୂପା ବଟାରେ ପତିମହାପାତ୍ରଙ୍କ ହସ୍ତରେ ଶ୍ରୀଦୁର୍ଗା ଦେବୀଙ୍କ ବିଜେ, ବସୁଧାରା ଯଜ୍ଞ ପବିତ୍ରା, ଶୀତଳ ଭୋଗ ପନ୍ତି, ଦୁଧ ମଣୋହି, ପ୍ରସାଦ ଲାଗି ଓ ବନ୍ଦାପନା ଇତ୍ୟାଦି ନୀତିମାନ ଅନୁଷ୍ଠିତ ହୁଏ । ସନ୍ଧ୍ୟା ଧୂପ ନୀତି ଶେଷ ହେଲାପରେ ଶ୍ରୀମନ୍ଦିରରେ ପାରମ୍ପରିକ ଭାବେ ଇନ୍ଦ୍ରଧ୍ୱଜ ପୂଜା ଅନୁଷ୍ଠିତ ହେବ । ଏଥି ନିମନ୍ତେ କାଠ ବାଉଁଶରେ ସପ୍ତମେଘ ପୋତାଯାଇଛି । ରୋଷରୁ ଦୁଇ ଓଳି ଅନ୍ନ ପନ୍ତିରେ ବଢାଯିବାପରେ ପୂଜାପଣ୍ଡା ପଂଚୋପଚାର ବିଧିରେ ଭୋଗ କରନ୍ତି । ସୂଚନାଯୋଗ୍ୟ ଯେ, ବର୍ଷକରେ ଏହି ଦିନଟିରେ ହିଁ କେବଳ ଶଙ୍ଖୁଡି ବାହାରକୁ ଯାଏ । ତତ୍ପର ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବଳିବାମନ ବେଶ ହୋଇଥାଏ । ବାମନ ଯେତେବେଳେ ବଳିଦ୍ୱାରକୁ ତିନିପାଦ ଭୂମି ମାଗିବାକୁ ଯାଇଥିଲେ । ସେତେବେଳେ ବାମନ ବ୍ରାହ୍ମଣ ରୂପରେ ଥିଲେ ।

## ବଜ୍ରାଘାତରେ ନାବାଳିକା ମୃତ

ଜୟପୁର, ୨୭/୦୯ (ନି.ପ୍ର): ବୋରିଗୁମ୍ମା ଥାନା ଅନ୍ତର୍ଗତ ଚାରଗାଁ ଠାରେ ବଜ୍ରାଘାତ ରେ ନାବାଳିକା ର ମୃତୁ ହୋଇଥିବା ଜଣାପଡିଛି । ମୃତ ନାବାଳିକା ଙ୍କ ନାମ ଅମ୍ବିକା ହରିଜନ ବୟସ ୧୪ ବର୍ଷ । ଖବର ନେବାରେ ଜଣାଯାଇଛି ଯେ ଚାରଗାଁ ର ଚାଳ ଘରେ ନାବାଳିକା ଜଣଙ୍କ ଏକୁଟିଆ ଥିଲେ ।ପ୍ରବଳ ବଜ୍ରାଘାତ ଯୋଗୁଁ ଚାଳ ଘରର କିଛି ଅଂଶ ପୋଡିଯିବା ସହ ନାବାଳିକାର ମୃତୁ ହୋଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି । ଖବର ପାଇ ଅଗ୍ନିଶମ ବିଭାଗ ର କର୍ମଚାରୀ ହାବିଲଦାର ନାରାୟଣ ସାହୁ, ଫାୟାରମେନ ଡି. ସ୍ୱାଇଁ, ଏ.ପାଣି ଓ ଆର.ପଟେଲ ପ୍ରମୁଖ ପହଂଚି ନିଆଁ କୁ ଆୟତ କରିଥିଲେ । ଏକ ଆମ୍ବୁଲାନ୍ସ ଯୋଗେ ମୃତ ନାବାଳିକା କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ । ଏନେଇ ନାବାଳିକାର ପରିବାର ଲୋକ ବୋରିଗୁମ୍ମା ଥାନାରେ ଲିଖିତ ଭାବେ ଜଣାଇଥିଲେ ।ଆସନ୍ତା କାଲି ନାବାଳିକା ର ମୃତ ଦେହ କୁ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅତିରିକ୍ତ ଆଇଆଇସି ଡମ୍ବୁ ପରଜା ସୂଚନା ଦେଇଛନ୍ତି ।

# ଗାଁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୨୭/୦୯ (ନି.ପ୍ର): ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖା ତରଫରୁ କୋରକୁଣ୍ଡା ବ୍ଲକ୍ ଅନ୍ତର୍ଗତ ମାରିବାଡ଼ା ପଂଚାୟତ ଅଧିନସ୍ଥ ଏମ. ପି. - ୧୮ (ବି) ପ୍ରାଥମିକ ବିଦ୍ୟାଳୟଠାରେ ଗାଁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖାର ସଭାପତି ତଥା ସ୍ଥାନୀୟ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ଅଧ୍ୟାପକ ଡଃ ରଞ୍ଜନ କୁମାର ସ୍ୱାଇଁ; ଉତ୍କଳ ସମ୍ମିଳନୀର ଆଜୀବନ ସଦସ୍ୟ; ମାଲକାନଗିରି ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ସଭାପତି ଅବସର ପ୍ରାପ୍ତ ଏ. ବି. ଇ. ଓ ରବୀନ୍ଦ୍ର କୁମାର, ମହାରଣା; ବନପାଳ; କୋରକୋଣ୍ଡା ସୁବାସ ଚନ୍ଦ୍ର ମଣ୍ଡଳ; ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁ,ସହକାରୀ ଶିକ୍ଷକ ରାମା ପୂଜାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀପକ୍ ସରକାର,ଉପସଭାପତି ମିତାଲୀ ମଲ୍ଲିକ, କମିଟି ସଦସ୍ୟ ପ୍ରଭାକର ସରକାର,ତରୁଲତା ମଲ୍ଲିକ, ପରିତୋଷ ମଣ୍ଡଳ,ସାଥୀ ବିଶ୍ୱାସ,ଦେବୀ ମିସ୍ତ୍ରୀ, ବିଶାଖା ବିଶ୍ୱାସ, ଶ୍ୟାମଳୀ ସରକାର, ବିଜୟ ମଲ୍ଲିକ, ଆଶାକର୍ମୀ ପ୍ରଭାତୀ ରାୟ,ଅଙ୍ଗନୱାଡି କର୍ମୀ ସଂଚିତା ବିଶ୍ୱାସ, ୱାର୍ଡ଼ ମେମ୍ବର ପୁତୁଲମଣ୍ଡଳ ଓ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । କାରକ୍ରମ ପ୍ରାରମ୍ଭରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା; ବନ ବିଭାଗ ମାଲକାନଗିରି ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏମ. ପି. ଭି- ୧୮( ବି) ର ଜାତୀୟ ସବୁଜ ବାହିନୀ ଆନୁକୂଲ୍ୟରେ ବିଦ୍ୟାଳୟ ପରିସର ମଧ୍ୟରେ ପୂଜାର୍ଚ୍ଚନା ସହ କୋଡ଼ିଏଟି ବଉଳ, କରଞ୍ଜ, ଅଂଳା, ନିମ, ପେସ୍ତା ପ୍ରଭୃତି ବୃକ୍ଷରୋପଣ କରାଯାଇଥିଲା । ତତ୍ପରେ ବିଦ୍ୟାଳୟରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀ ଅଭି ଭାବକ, ଶିକ୍ଷକ,ସ୍ୱଂୟ ସହାୟକ ଗୋଷ୍ଠୀ ସଦସ୍ୟା; ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ; ଗ୍ରାମବାସୀଙ୍କୁ ନେଇ ଏକ ଶିକ୍ଷା; ସ୍ୱାସ୍ଥ୍ୟ ଓ ପରିମଳ;କୃଷି; ବୃକ୍ଷରୋପଣ; ପରିବେଶ ସୁରକ୍ଷା; ଆତ୍ମ ନିର୍ଭରଶୀଳତା ସଂପର୍କିତ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍କଳ ସମ୍ମିଳନୀର ସଭାପତି ଡଃ ରଞ୍ଜନ କୁମାର ସ୍ୱାଇଁ ଉପସ୍ଥିତ ଜନସାଧାରଣଙ୍କୁ ଶିକ୍ଷା; ସ୍ୱାସ୍ଥ୍ୟ ଓ ପରିମଳ ସଂପର୍କରେ ବିଭିନ୍ନ ଉଦାହରଣ ମାଧ୍ୟମରେ ଅବଗତ କରାଇଥିଲେ । ଅବସର ପ୍ରାପ୍ତ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ମହାରଣା ବିଶ୍ୱତାପନ ଓ ପରିବେଶର ସୁରକ୍ଷାରେ ବୃକ୍ଷର ଭୂମିକା ଉପରେ ଜନ ସାଧାରଣଙ୍କୁ ସଚେତନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଇବା ପାଇଁ ପିତାମାତା ମାନଙ୍କୁ ସଚେତନ କରିଥିଲେ । ପରିଶେଷରେ ପ୍ରଧାନଶିକ୍ଷକ ବିଜୟ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିବା ସହ ଏକ ଅବହେଳିତ ଦୁର୍ଗମ ବିଦ୍ୟାଳୟର ପରିବେଶକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗ୍ରାମବାସୀଙ୍କର ସହଯୋଗ କାମନା କରିଥିଲେ । ଉତ୍କଳ ସମ୍ମିଳନୀ ମାଲକାନଗିରି ଶାଖା ତରଫରୁ ଆରମ୍ଭ କରାଯାଇଥିବା ଏହି ଅଭିନବ କାର୍ଯ୍ୟକ୍ରମ ଗାଁ ପାଇଁ ଦିନଟିଏ କାର୍ଯ୍ୟକୁ ଉତ୍କଳ ସମ୍ମିଳନୀ ରାଜ୍ୟଶାଖା ତରଫରୁ ନବରଙ୍ଗପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ

ନୂଆପଡ଼ା, ୨୭/୦୯ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂଆପଡ଼ା ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଯୋଗ ଦେଇଥିଲେ । ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବରିଷ୍ଠ ଶିକ୍ଷକ ସୁରବିଜୟକାନ୍ତ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ । ବିଚାରକ ଭାବେ ନାଟ୍ୟ ଅଭିନେତା ସୁକେଶ ପଟ୍ଟନାୟକ ଓ ମୋତିଲାଲ ବାଗ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ ଢୁଆଝରର ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ମେଣ୍ଟାଟାଲ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖଡ଼ିଆଳର ପ୍ରତିଯୋଗୀ ମାନେ ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

# ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଏନଏସଏସ ଦିବସ ପାଳିତ

ଭୁବନ, ୨୭/୦୯ (ନି.ପ୍ର): ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଏନ.ଏସ.ଏସ. ( ଜାତୀୟ ସେବା ଯୋଜନା) ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ସଭାପତିତ୍ୱ କରି ସ୍ୱେଚ୍ଛାସେବୀ ମାନେ ନିସ୍ୱାର୍ଥାପର ଭାବେ ସମାଜର ଅବହେଳିତ ଲୋକଙ୍କ ସେବା କରିବାକୁ ଆହ୍ୱାନ ଦେଇଥିଲେ । ଗାଁ ର ଉନ୍ନତି ହେଲେ ଦେଶର ଉନ୍ନତି ହେବ, ତେଣୁ ସ୍ୱେଚ୍ଛାସେବୀ ମାନେ ବସ୍ତି /ଗୋଷ୍ଠୀକୁ ଯାଇ ସେମାନଙ୍କ ଅସୁବିଧା ବୁଝି ସମସ୍ୟା ସମାଧାନ କଲେ ଗାଁ ର ଉନ୍ନତି ହେବା ସହିତ ଦେଶର ଉନ୍ନତି ହୋଇପାରିବ ବୋଲି ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନିରଞ୍ଜନ ନାୟକ ମତବ୍ୟକ୍ତ କରିଥିଲେ । ଅଧ୍ୟାପିକା ସମ୍ବେଦିତା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଷ୍ଠା ଏକାଗ୍ରତା ସହ କାର୍ଯ୍ୟ କଲେ ସଫଳତା ମିଳିବ ବୋଲି କହିଥିଲେ । ଅଧ୍ୟାପିକା ସ୍ମୃତିରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଇରମ ଗୁଳିକାଣ୍ଡର ଦିଗ....

ଏହି ସମୟରେ ଡ଼ି.ଏସ.ପି.ଙ୍କ ଆଦେଶ କ୍ରମେ ପୋଲିସ ପ୍ରଥମ ଦଫାରେ ଦୁଇ ରାଉଣ୍ଡ୍ ଗୁଳି ଚାଳନା କରିଥିଲେ । ଏହି ଗୁଳି ଚାଳନାରେ ଦୁଇଜଣ ମୃତ ଓ ଅନ୍ୟ କେତେଜଣ ହୋଇଥିଲେ ଆହତ । ଏହା ଦେଖି ପୁରୁଷୋତ୍ତମ ପରିଡ଼ା (ପଢୁଆଁ) ଉଚ୍ଚ ପାଟିରେ କହିଲେ - "ଭାଇମାନେ ଆସ, ପୋଲିସ ନଳିରେ ଆଉ ଗୁଳି ନାହିଁ ।" ତାକୁ ନିସ୍ତୁକ ମାଡ଼ ମାରି ପୋଲିସ ଗିରଫ କରିନେବା ପରେ ପୁଣି ଦ୍ୱିତୀୟ ଦଫା ଗୁଳି ବର୍ଷଣ ହେଲା । ନିଜେ ଡ଼ି.ଏସ.ପି. ଦୁଇଟି ହାତରେ ଦୁଇଟି ରିଭଲ୍‌ଭର୍ ଧରି ପୋଲିସ ମାନଙ୍କୁ ଉତ୍ସାହିତ କରୁଥିଲେ । ସମୁଦାୟ ତିନି ଦଫାରେ ପୋଲିସ ୩୦୪ ରାଉଣ୍ଡ୍ ଗୁଳି ଚାଳନା କରିଥିଲେ । ଆହତ ବ୍ୟକ୍ତିଙ୍କର କରୁଣ ଆର୍ତ୍ତନାଦରେ ଏକ ଯୁଦ୍ଧ କ୍ଷେତ୍ର ଭଳି ହୃଦୟ ବିଦାରକ ଦୃଶ୍ୟ ସୃଷ୍ଟି ହୋଇଥିଲା । ଆହତ ବ୍ୟକ୍ତିମାନେ ପାଣି ପାଣି ବୋଲି ଆର୍ତ୍ତଚିତ୍କାର କରୁଥିବା ବେଳେ ଫୌଜମାନେ ବାୟୋନେଟରେ ତାଙ୍କର ପାଟିକୁ ଆଘାତ କରୁଥିଲେ । ଲାଠି ଓ ବୁଟ୍ ଜୋତାରେ ଆଘାତ ପରେ କରୁଥିଲେ ଆଘାତ ।

ସୁଦର୍ଶନପୁରର ମଣି ପ୍ରଧାନ ରକ୍ତ ଜୁଡୁବୁଡୁ ଛାତିକୁ ଜାବୁଡ଼ି ଧରି ଅନୁନୟ କରି କହିଥିଲେ - "ଭାଇ ଆଉ ଗୁଳି ଚାଳନା କରନା । ତୁମପାଇଁ ମଧ୍ୟ ସ୍ୱାଧୀନତା ଆସିବ ।" ସେତେବେଳେ ଅମାନୁଷିକ ପୋଲିସ ପୁନର୍ବାର ଗୁଳି କରି ତାଙ୍କୁ ନିରବ କରିଦେଇଥିଲେ । ମଣି ପ୍ରଧାନଙ୍କ ଅବ୍ୟକ୍ତ ଶେଷ ଉକ୍ତିକୁ କବି ଯଦୁନାଥ ଦାସ ମହାପାତ୍ର ବ୍ୟକ୍ତ କରିଥିଲେ ଏହିପରି -

"ତୁମେ ପରା ଭାଇରେ ଆମର/ ତୁମ ଦେହେ ଜାଗେ ନିତି ମୁକତିର ରକ୍ତ ସ୍ୱାକ୍ଷର
ଅଦୃଶ୍ୟ ବିଦେଶୀ ରାଜା ତା'ର ତମେ ବହିଛ ଆଦେଶ/ ଛାଡ଼ିଦିଅ ବନ୍ଧୁକ ସିପାହୀ, ଛାଡ଼ିଦିଅ ସିପାହୀର ବେଶ ।"

ଗୁଳି ଚୋଟରେ ମୃତ ଆହତ ମାନଙ୍କର ରକ୍ତରେ ପଡ଼ିଆ ରକ୍ତରଞ୍ଜିତ ହେବା ସହ କିଛି ରକ୍ତ ବହି ଯାଇ ନିକଟବର୍ତ୍ତୀ ପୋଖରୀରେ ପଡିଥିବାର ଦେଖାଗଲା । ଜଗନ୍ନାଥପୁରର କବି ମଧୁସୂଦନ ରାୟ ପ୍ରତ୍ୟକ୍ଷଦର୍ଶୀ ଭାବରେ ଲେଖିଛନ୍ତି -

"ପଳାଇ ଯିବାକୁ ପଥ ନମିଳିଲା, / ଛିଡ଼ା ହେଉଁ ହେଉଁ ଗୁଳି ଚୋଟ ହେଲା ।
ହୋଇଗଲା ଆସି ସନ୍ଧ୍ୟା ସମାଗମ,/ ତଥାପି ହେଉଛି ଗୁଳିର ବର୍ଷଣ ।
ଶବ ପରେ ଶବ ହୋଇଗଲା ଗଦା, / ରକତେ କର୍ଦ୍ଦମ ହୋଇଗଲା ପଦା ।"

ଏହି ସଂଗ୍ରାମ ଯଜ୍ଞ ବେଦୀରେ ୨୮ ଜଣ ଓ କୋରାପୁଟ୍ ଜେଲରେ ଜଣେ ସମୁଦାୟ ୨୯ ଜଣ ମୃତ୍ୟୁବରଣ କରିଥିଲେ । ସେଥିରୁ 'ପରି ବେଓ୍ୱା' ନାମରେ ଜଣେ ମହିଳା ଓ ବିଜୁଳି ଦାସ ନାମ ୧୪ ବର୍ଷର ବାଳକ ଅନ୍ୟତମ । ବାଜି ରାଉତ୍ ପରେ ସର୍ବକନିଷ୍ଠ ଶହୀଦର ମାନ୍ୟତା ପାଇଥାଏ। ୫୬ ଜଣ ଗୁରୁତର ଆହତ ହୋଇ ସଭା ସ୍ଥଳରେ ପଡିଥିଲେ । ଶତାଧିକ ଅଳ୍ପ ଆହତ ହୋଇ ଦୌଡ଼ି ପଳାଇଥିଲେ । ମୁମୂର୍ଷୁଙ୍କ ମୁଖରେ ପାଣି ଟୋପାଏ ଦେବାକୁ କେହି ନଥିଲେ ।

କି ମହନୀୟ କି ପବିତ୍ର କି ସ୍ୱର୍ଗୀୟ ଆତ୍ମଦାନ । ଦେଶ ପାଇଁ ଐକାନ୍ତିକ ଆତ୍ମସମର୍ପଣ ଭାରତ ସ୍ୱାଧୀନତାର ଇତିହାସରେ ବିରଳ । ଭାରତ ଛାଡ଼ ଆନ୍ଦୋଳନରେ ଏତେ ସଂଖ୍ୟାରେ ଶହୀଦ୍ ହେବାର ଦୃଷ୍ଟାନ୍ତ ନାହିଁ । କେବଳ ଜାଲିଆନା ଓ୍ୱାଲାବାଗ୍ ଗୁଳିକାଣ୍ଡରେ ଯାହା ଅଧିକ ସଂଖ୍ୟାରେ ଲୋକ ମରିଥିଲେ। ସେଠାରେ ସେମାନେ ଗୁଳି ହେବାକଥା ଜାଣି ନଥିଲେ । ବରଂ ଇରମ ଠାରେ ଜନତା ପ୍ରଥମ ପର୍ଯ୍ୟାୟ ଗୁଳିକାଣ୍ଡ ପରେ - "ମରିବୁ ପଛେ ଛାଡ଼ିବୁ ନାହିଁ" କହି ଗୁଳି ଆଗରେ ଛାତି ପତାଇ ଦେଇଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ଥିଲା ଇରମ ଗୁଳିକାଣ୍ଡର ବୈଶିଷ୍ଟ୍ୟ । ତେଣୁ ଏହାକୁ ଦ୍ୱିତୀୟ ଜାଲିଆନା ଓ୍ୱାଲାବାଗ୍ କୁହାଯାଏ ।

ଶ୍ରୀକଣ୍ଠପୁର, ବାଲେଶ୍ୱର,
ମୋ. ୯୭୭୮୫୪୩୮୯୭

## ସଂଗ୍ରାମୀ ମାଟି ପାଇଁ ପଦେ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଏହୀ ସମୟରେ ଏକ ବଡ଼ ଧରଣର ଆରମ୍ଭ ଥିଲା ସମାନ୍ତରାଳ ସରକାର। ୧୯୪୨ ସେପ୍ଟେମ୍ବର ୧୭ରେ ଗୌରାଂଗ ଚରଣ ମହାନ୍ତିଙ୍କ ଅଧୀନରେ ୨୦୦୦ ଲୋକଙ୍କୁ ନେଇ ଏକ ବୈଠକ ଡ଼କା ଯାଇଥିଲା ଯେଉଁଠାରେ ଏହା କରିବାକୁ ନିଷ୍ପତ୍ତି ନିଆଗଲା। ସେଇ ନଦୀଘେରା ଅଂଚଳକୁ ବାଂଛାନିଧି ଚକଲା ବୋଲି ନାମିତ କରାଗଲା। ଏହା ୨୬ଟି ଗ୍ରାମପଂଚାୟତକୁ ନେଇ ଗଠିତ ହୋଇଥିଲା। ୧୯୪୨ ସେପ୍ଟେମ୍ବର ୨୮। କମଳା ପ୍ରସାଦ କରଙ୍କ ନେତୃତ୍ୱରେ ୫୦୦୦ରୁ ଅଧିକ ଲୋକ ମେଳଣ ପଡ଼ିଆରେ ରୁଣ୍ଡହେଲେ। ପରନ୍ତୁ ଏହି ଜନ ସମାବେଶକୁ ପଣ୍ଡ କରିବାକୁ ବ୍ରିଟିଶ ସରକାର ଆରମ୍ଭ କଲେ ଆଖିବୁଜା ଗୁଳିଚାଳନା। ଆଖି ପିଛୁଳାକେ ଟଳି ପଡ଼ିଲେ ୨୯ ଜଣ ବୀର ସଂଗ୍ରାମୀ। ଯାହା ମଧ୍ୟରୁ ଜଣେ ଥିଲେ ମହିଳା ପରିବେଓ୍ୱା। ଦେଖୁଦେଖୁ ରକ୍ତ ରଂଜିତ ହୋଇଗଲା ଇରମର ମାଟି। ୩୦୪ ରାଉଣ୍ଡ ଗୁଳିଚାଳନାରେ ନିସ୍ତବ୍ଧ ହୋଇଗଲା ସାରା ଭାରତ।
ହେଲେ ଆଜି ବି ଏ ଇରମ ଅବହେଳିତ ଅବସ୍ଥାରେ ଅଛି। ସହିଦ ମାନଙ୍କ ଫଳକରେ ସେମାନଙ୍କ ନାଁ ବି ଲିଭି ଗଲାଣି। ସତରେ ମୁଁ ନିଜକୁ ଗୌରାବାନ୍ୱିତ ମନେ କରେ ମୁଁ ବି ଏ ମାଟିରେ ବଢ଼ିଛି , ଏଇ ପରିବେଓ୍ୱାର ଅଂଚଳରେ ଜନ୍ମ ନେଇଛି। ସଲାମ ସେ ମାଟିକୁ ....ଶତଶତ ପ୍ରଣାମ ଇରମର ଜନନାୟକ ମାନଙ୍କୁ ....

ବାସୁଦେବପୁର , ଭଦ୍ରକ
ମୋ- ୯୪୩୮୪୬୭୦୭୯

## 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ




ବସ୍ତା, ୨୭/୦୯ (ନି.ପ୍ର): ସରକାର ଙ୍କ ନିଷ୍ପତି କ୍ରମେ ସେପଟ୍ଟେମ୍ବର ୨୨ ତାରିଖ ରୁ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ସ୍ୱଚ୍ଛତା ସପ୍ତାହ ପାଳନ ଅବସରରେ ସଦର ବ୍ଲକ କସିପଦା ପଞ୍ଚାୟତ ରେ ରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଚି । ପରିବେଶ କୁ ସ୍ୱଚ୍ଛ ଓ ନିର୍ମଳ ରଖିଲେ ମଣିଷ ର ଜୀବନ ଶୈଳୀ ମଧ୍ୟ ଭଲ ରୁହେ ବୋଲି ଉପସ୍ଥିତ ଅତିଥି ମାନେ କହିଥିଲେ । ଉକ୍ତ କାର୍ଯ୍ୟ କ୍ରମରେ କସିପଦା ପଞ୍ଚାୟତ ର ସରପଂଚ ଗଙ୍ଗାମଣି ବେହେରା , ସମିତିସଭ୍ୟା ଭଗବତୀ ପଣ୍ଡା , ନାଇବସରପଂଚ ଗଦାଧର ବଡେଇ, ଜି ଆର ଏସ ରଙ୍ଗନାଥ ନାୟକ , ଭି ଏଲ ଡବ୍ଲୁ ରମେଶ ଚନ୍ଦ୍ର ସାହୁ , ସମସ୍ତ ଓ୍ୱାର୍ଡ ମେମ୍ବର, ଆଶା , ଅଙ୍ଗନଓ୍ୱାଡ଼ି ଦିଦି, ମିରାବାଇ ଜି ପି ଏଲ ଏଫ ର ସଭାପତି ସବିତା ରଣା , ସମ୍ପାଦିକା ପ୍ରମିଳା ମୁଣ୍ଡା ଓ ସମସ୍ତ ସଦସ୍ୟା ଉପସ୍ଥିତ ରହି କସିପଦା ପଞ୍ଚାୟତ ଅଫିସ୍ ଠାରୁ ବରହମପୁର୍ ମା ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ସମସ୍ତେ ମିଶି ପରିବେଶ କୁ ପରିଷ୍କାର ପରିଚ୍ଛନ୍ନ କରିବା ସହ କାର୍ଯ୍ୟକ୍ରମ କୁ ସୂଚାରୁ ରୂପେ ତୁଲାଇ ଥିଲେ ।

## ପୁରୀରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

ପୁରୀ , ୨୭/୦୯ (ନି.ପ୍ର): ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପର୍ଯ୍ୟଟନ ଜଡ଼ିତ।ମଣିଷ ଭ୍ରମଣ ପ୍ରିୟ।ଆଉ ଏହି ପର୍ଯ୍ୟଟନ ଅର୍ଥନୀତି ଓ ପାରସ୍ପରିକ ସଦଭାବନା କୁ ସମୃଦ୍ଧ କରିଥାଏ ବୋଲି ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି।ଆଜି ପୂର୍ବାହ୍ନ ରେ ପୁରୀ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ଶ୍ରୀ ବର୍ମା। କହିଥିଲେ ପୁରୀ ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲା। ପର୍ଯ୍ୟଟକ ଙ୍କ ସୁବିଧା ପାଇଁ ବହୁବିଧ ବ୍ୟବସ୍ଥା କରାଯାଉଛି।ସାଧାରଣ ଜନତାଙ୍କ ସହଭାଗିତା ପର୍ଯ୍ୟଟନ କୁ ଅଧିକ ପରିପକ୍ୱ କରିଥାଏ ବୋଲି ସେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଏଥିରେ ଯୋଗ ଦେଇ ପର୍ଯ୍ୟଟନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।ପରେ ପୂର୍ବରୁ ଅନୁଷ୍ଠିତ ପର୍ଯ୍ୟଟନ କୁଇଜ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ସ୍ତରରେ ଗଙ୍ଗାଧର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତନ୍ମୟୀ ସାହୁ ପ୍ରଥମ,ସରକାରୀ ଉଚ୍ଚ ବିଦ୍ୟାଳୟ କଣାସ ର ଛାତ୍ର ଶୁଭମ ଜ୍ୟୋତି ସ୍ୱାଇଁ ଦ୍ୱିତୀୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମଧୁବନର ର ଛାତ୍ର ସମ୍ପିତ ବଳିଆର ସିଂ ତୃତୀୟ, ମହାବିଦ୍ୟାଳୟ ସ୍ତରରେ ଏସ ସି ଏସ ସ୍ୱୟଂ ଶାସିତ ମହବିଦ୍ୟାଳୟର ଛାତ୍ର ତୁଷାରକାନ୍ତ ସାହୁ, ପ୍ରଥମ, ଆଇ ଏମ ଟି ଫାର୍ମାସି କଲେଜ ଗୋପାଳପୁରର ଛାତ୍ର ଦୁର୍ଗା ମାଧବ ମହାନ୍ତି ଦ୍ୱିତୀୟ, ଉତ୍କଳ ଗୌରବ ସ୍ମୃତି ମହାବିଦ୍ୟାଳୟ ସାକ୍ଷୀଗୋପାଳର ଛାତ୍ର ଓମ ପ୍ରକାଶ ପରିଡା ତୃତୀୟ ସ୍ଥାନ ହାସଲ କରିଥିବାରୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କୁଇଜ ପ୍ରତିଯୋଗିତା କୁ ଏସସିଏସ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡଃ ନମିତା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ବିନା ମୁଖ୍ୟମନ୍ତ୍ରୀ ଚେହେରାରେ ....

୨୦୦୮ରେ ଶିବରାଜଙ୍କ ନେତୃତ୍ୱରେ ଦ୍ୱିତୀୟ ଥର ମଧ୍ୟପ୍ରଦେଶରେ ବିଜେପି ସତାକୁ ଆସିଥିଲା । ପରେ ୨୦୧୮ରେ ଦଳର ପରାଜୟ ଚୌହାନ୍‌ଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲା । ହେଲେ ୨୦୨୦ରେ ପୁଣି ବାଜି ମାରି ସତାକୁ ଫେରିଥିଲେ । ହେଲେ ଏବେ ତାଙ୍କୁ ହିଁ ଦଳ ଟିକେଟ୍ ଦେଇ ନାହିଁ । ରାଜସ୍ଥାନ ଓ ଛତିଶଗଡରେ ବି ସମାନ ଫର୍ମୁଲାରେ ନିର୍ବାଚନ ଲଢିବ ବିଜେପି । ରାଜସ୍ଥାନରେ ବସୁନ୍ଦରା ରାଜେ, ଅର୍ଜୁନ୍ ରାମ ମେଘୱାଲ, ଗଜେନ୍ଦ୍ର ସିଂ ଶେଖାଓ୍ୱତ ଏବଂ ଓମ୍ ମାଥୁର ନିଜକୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ବଡ ବଡ ଦାବିଦାର ଭାବେ ଚିତ୍ରଣ କରୁଛନ୍ତି । ହେଲେ ଦଳ ପକ୍ଷରୁ ନିଷ୍ପତି ହୋଇଛି, ବିନା ମୁଖ୍ୟମନ୍ତ୍ରୀ ଚେହେରାରେ ଏଥର ନିର୍ବାଚନ ଲଢିବ । ଏଭଳି ସ୍ଥିତିରେ ରାଜସ୍ଥାନରେ କଂଗ୍ରେସର ଅଶୋକ ଗେହଲଟ ସରକାରଙ୍କୁ ମାତ୍ ଦେବାରେ ବିଜେପି ସଫଳ ହେବ କି ନାହିଁ ସେନେଇ ଏବେଠାରୁ ଆକଳନ କରିବା ସମ୍ଭବ ନୁହେଁ । ସେପଟେ, ବଡ ବଡ ସାଂସଦ କେନ୍ଦ୍ରମନ୍ତ୍ରୀଙ୍କୁ ଟିକେଟ୍ ଦେଇଦେଲେ ବିଜୟ ସୁନିଶ୍ଚିତ ଏହା ଅସମ୍ଭବ ବୋଲି କହିଛନ୍ତି ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲ । ଛତିଶଗଡରେ ବିଜେପିର କୌଣସି ବି ରଣନୀତି କାମରେ ଆସିବ ନାହିଁ ବୋଲି ସେ ଦୃଢୋକ୍ତି ସହ କହିଛନ୍ତି । ଆଗାମୀ ବିଧାନସଭା ନିର୍ବାଚନକୁ ନଜରରେ ରଖି ମଇଦାନକୁ ଓହ୍ଲାଇଛନ୍ତି ନିଜେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ପ୍ରଥମେ ମଧ୍ୟପ୍ରଦେଶ, ପରେ ରାଜସ୍ଥାନ ଏବଂ ଏବେ ଗୁଜୁରାଟରେ ମାରଥନ୍ ର୍ୟାଲି ଓ ଜନସଭାର ଆୟୋଜନ କରୁଛନ୍ତି । ହେଲେ କେବଳ ମୋଦୀ ହାଓ୍ୱାରେ ନିର୍ବାଚନ ଜିତିବା ସମ୍ଭବ ହେବ କି ନାହିଁ ତାହା ସମୟ କହିବ ।

### ମୁଖ୍ୟମନ୍ତ୍ରୀ ଓ ପୂର୍ତ୍ତ ମନ୍ତ୍ରୀଙ୍କ ....

ଫାଇଭ ଟି ସଚିବଙ୍କୁ ଘଣ୍ଟ ଘୋଡାଇବା ପାଇଁ ବିବୃତି ରଖିଥିଲେ ଏବଂ ବିରୋଧୀମାନଙ୍କୁ ଜନବିରୋଧୀ କହିଥିଲେ । ତେଣୁ କିଏ ଜନ ବିରୋଧୀ ବୋଲି ମୋହନ ମାଝୀ ପ୍ରଶ୍ନ କରିଛନ୍ତି ? ଏଥିନିମନ୍ତେ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ ଏବଂ ଏହି ଶବ୍ଦକୁ ବାଦ ଦିଅନ୍ତୁ ବୋଲି କହିଛନ୍ତି ମୋହନ ମାଝୀ । ସେହିପରି ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ବିରୋଧରେ ସ୍ୱାଧୀକାର ଭଙ୍ଗ ନୋଟିସ ଆଣିଛନ୍ତି କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା । ପୂର୍ତ୍ତ ବିଭାଗ ତଥ୍ୟରେ ବହୁ ମିଥ୍ୟା ତଥ୍ୟ ରହୁଥିବା ବେଳେ ଖାମଖିଆଲି ଭାବେ ଉତ୍ତର ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ତେଣୁ ବିଭାଗୀୟ ମନ୍ତ୍ରୀଙ୍କ ଖାମଖିଆଲି ଉତ୍ତରକୁ ନେଇ ସେ ସ୍ୱାଧିକାର ଭଙ୍ଗ ନୋଟିସ ଆଣିଛନ୍ତି । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରିଭିଲେଜ କମିଟି ଗଠନ କରାଯାଉ ବୋଲି ବି ଦାବି କରିଛନ୍ତି। ଏହାର ବିଚାର କରାଯିବ ବୋଲି ବାଚସ୍ପତି କହିଛନ୍ତି। ଏହାବାଦ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କୁ କହିବାକୁ ସୁଯୋଗ ନ ଦେବାରୁ କଂଗ୍ରେସ ବିଧାୟକ ଗୃହ ମଧ୍ୟଭାଗରେ ହୋହଲ୍ଲା କରିଥିଲେ। ଏହାପରେ ବାଚସ୍ପତି ଅପରାହ୍ନ ୪ଟା ଯାଏ ଗୃହ ମୁଲତବି କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ମୁଖ୍ୟମନ୍ତ୍ରୀ ଗୃହରେ ଦେଇଥିବା ବିବୃତି ଅନୁଯାୟୀ, ମୋ ସରକାର ସର୍ବଦା ଲୋକଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦିଏ। କୋଭିଡ୍ ପୂର୍ବରୁ ସିଏମ୍‌ଓ ଭୁବନେଶ୍ୱରରେ ଅଭିଯୋଗ ଶୁଣୁଥିଲା। କୋଭିଡ୍ ଯୋଗୁଁ ପ୍ରାୟ ୨ ବର୍ଷ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିଲା। କିନ୍ତୁ କୋଭିଡ୍ ପରେ ଯଥେଷ୍ଟ ଲୋକ ଅଭିଯୋଗ ପ୍ରକୋଷ୍ଠ ଆସୁନଥିବା ଦେଖିଥିଲୁ। ସେଥିପାଇଁ ଲୋକଙ୍କ ନିକଟକୁ ଯାଇ ଅଭିଯୋଗ ଆଣିବାକୁ ମୁଁ ଚିନ୍ତାକଲି। ମୋ ନିର୍ଦ୍ଦେଶରେ ସିଏମ୍‌ଓ ଅଫିସରମାନେ ଜିଲ୍ଲାକୁ ଯାଇ ଅଭିଯୋଗ ଆଣିଲେ। ସେହିପରି ବିଭିନ୍ନ ଜିଲ୍ଲାକୁ ୫ଟି ସଚିବଙ୍କ ହେଲିକପ୍ଟର ଗସ୍ତ ନେଇ ମଧ୍ୟ ସ୍ପଷ୍ଟୀକରଣ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଏହି ପ୍ରସଙ୍ଗରେ ସେ କହିଥିଲେ, ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ଭିତରେ ଦିନକରେ ୩ରୁ ୫ଟି ମିଟିଂ କରିବା ଅସମ୍ଭବ। ଯଦି ସଡ଼କ ପଥରେ ଯାଇ ଏତକ କରାଯାଇଥାନ୍ତା ତେବେ ଦେଢ଼ବର୍ଷ ଲାଗିଥାନ୍ତା। ବିଗତ ସାଢ଼େ ୩ ବର୍ଷରେ ହେଲିକପ୍ଟର ବାବଦରେ ୪୦ କୋଟି ବ୍ୟୟ କରିଛୁ। ହିସାବ କଲେ ହେଲିକପ୍ଟର ବାବଦରେ ମାସକୁ ୧ରୁ ଦେଢ଼ କୋଟି ଖର୍ଚ୍ଚ ହୋଇଥିବା କହିଥିଲେ ମୁଖ୍ୟମନ୍ତ୍ରୀ।

### ଅକ୍ଟୋବର ୧୦ରେ ସାରା...

ଦେବେନ୍ଦ୍ର ସାହୁ କହିଛନ୍ତି, ଲକ୍ଷ୍ମୀ ଯୋଜନାରେ ବସ୍ ନକଣି ଆମ ବସ୍ ଗୁଡ଼ିକୁ ଲିଜ୍‌ରେ ନେଇ ଚଲାଇବାକୁ କହିଥିଲୁ। ଦୀର୍ଘ ୩ ମାସ ହେଲା ସରକାରଙ୍କ ସହିତ ଏହା ଉପରେ ଆଲୋଚନା କରିଥିଲୁ। ହେଲେ ରାଜ୍ୟ ସରକାର ତାହା ଉପରେ କିଛି ବିଚାର କଲେନାହିଁ। ସେପଟେ ଲକ୍ଷ୍ମୀ ଯୋଜନାରେ ବସ୍ ସେବା ଆରମ୍ଭ କରିବାକୁ ଯାଉଛନ୍ତି। ରାଜ୍ୟ ସରକାର ଲକ୍ଷ୍ମୀ ଯୋଜନାରେ ବସ୍ ଚଲାଇଲେ, ଆମେ କେଉଁଠି ବସ୍ ଚଲାଇବୁ ରାଜ୍ୟ ସରକାର ଆମକୁ ବରବାଦ କରିବା ପାଇଁ ଯୋଜନା କରୁଛନ୍ତି। ମୋ' ବସ୍ ଓ ଲକ୍ଷ୍ମୀ ବସ୍ ପାଇଁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ ନଆସିଲା ପର୍ଯ୍ୟନ୍ତ ବସ୍ ଧର୍ମଘଟ ହେବ ବୋଲି ଶ୍ରୀ ସାହୁ ହିଛନ୍ତି।

### ଗଞ୍ଜାମରୁ ଧରା ପଡ଼ିଲେ ନିଖୋଜ....

ଗତ ଶନିବାର ଓ ରବିବାର ବ୍ୟାଙ୍କ ଛୁଟି ଥିବାରୁ ସେ ନିଜ ଘର ବ୍ରହ୍ମପୁର ଯାଇଥିଲେ। ସୋମବାର ବାଇକ୍‌ରେ ବଡ଼ମ୍ବା ଫେରୁଥିଲେ। ସେହି ଦିନ ୧୦ଟାରେ ବାଙ୍କୀ କଳାପଥର କାନାଡା ବ୍ୟାଙ୍କ ଶାଖାକୁ ଯାଇଥିଲେ। ଲଗ୍‌ଇନ୍ କରି ଟିକେ ଡେରିରେ ବଡ଼ମ୍ବାରେ ପହଞ୍ଚିବେ ବୋଲି ବ୍ୟାଙ୍କ ଶାଖା କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ବହୁ ସମୟ ବିତିଗଲା। ହେଲେ ତପନ ବ୍ୟାଙ୍କରେ ପହଞ୍ଚିଲେ ନାହିଁ। ସାଥୀ କର୍ମଚାରୀମାନେ ତପନଙ୍କ ମୋବାଇଲ୍‌କୁ ଫୋନ୍ କରିଥିଲେ। ମାତ୍ର ତାଙ୍କ ମୋବାଇଲ୍ ବନ୍ଦ ଥିବା ଜଣାପଡ଼ିଥିଲା। କଳାପଥର କାନାଡ଼ା ବ୍ୟାଙ୍କ ମ୍ୟାନେଜର ଏନେଇ ତପନଙ୍କ ପରିବାର ଲୋକଙ୍କୁ ଅବଗତ କରିବା ସହିତ ଥାନାରେ ଲିଖିତ ଅଭିଯୋଗ କରିଥିଲା। ବଡ଼ମ୍ବା ପୁଲିସ୍ ଘଟଣାର ତଦନ୍ତ ଚଳାଇଥିଲା। ହେଲେ ତାଙ୍କର ପତ୍ତା ପାଉନଥିଲା। ମ୍ୟାନେଜର ତପନ କୁମାର ସାହୁଙ୍କ ପତ୍ତା ପାଇବା ପାଇଁ କଟକ ଗ୍ରାମାଞ୍ଚଳ ପୁଲିସ୍ ଗଞ୍ଜାମ ଜିଲ୍ଲାର ସବୁ ଥାନା ଓ ଅନ୍ୟ ଜିଲ୍ଲାର ଥାନାର ସହଯୋଗ ଲୋଡ଼ିଥିଲା। ଏଥିସହ ତପନଙ୍କ ମୋବାଇଲକୁ ଟ୍ରାକ୍ କରାଯାଉଥିଲା। ଏହି ସମୟରେ ତପନଙ୍କ ମୋବାଇଲ୍ ଗଞ୍ଜାମରେ ଟ୍ରାକ୍ ହୋଇଥିଲା। ଏହା ପରେ ତତ୍ପର ହୋଇଥିଲା ଗଞ୍ଜାମ ପୁଲିସ୍। ଆଜି ସନ୍ଧ୍ୟା ପ୍ରାୟ ୬ରୁ ୭ଟା ଗୋଳନ୍ଥରା ଥାନା ପୁଲିସ୍ ଗିରିଶୋଳା ଛକଠାରେ ଯାଞ୍ଚ କରୁଥିଲା। ଠିକ୍ ସେହି ସମୟରେ ବାଇକ୍‌ରେ ଯାଉଥିବା ବେଳେ ତପନକୁ ଧରିଥିଲା ପୁଲିସ୍। ଏନେଇ ତାଙ୍କ ପରିବାରକୁ ଖବର ଦିଆଯାଇଛି। ତପନଙ୍କ ପତ୍ନୀ ଥାନାରେ ପହଞ୍ଚିଛନ୍ତି।

## ଚୂଡାପାଲି ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସଚେତନତା ସଭା ଅନୁଷ୍ଠିତ

ବଲାଙ୍ଗିର, ୨୭/୦୯ (ନି.ପ୍ର): ସଦର ବ୍ଲକ ଚୁଡାପାଲି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଦ୍ୱାରା ବିଦ୍ୟାଳୟ ର ଅଭିଭାବକ ଛାତ୍ର ଛାତ୍ରୀ ଏବଂ କୃଷି ଓ ଉଦ୍ୟାନ କୃଷି ମିଶନ ଶକ୍ତି ସ୍ୱୟଂ ସହାୟକ ଦଳ ସ୍ୱାସ୍ଥ୍ୟ ମିଶନ ମାନଂକୁ ନେଇ ଗତକାଲି ଏକ ସଚେତନତା ସଭା ର ଆୟୋଜନ କରାଯାଇଥିଲା। ପିଲାମାନଂକର ପ୍ରତିଭା ସାମଗ୍ରୀ ବିକାଶ ଆତ୍ମ ବିଶ୍ୱାସ ବୈଜ୍ଞାନିକ ଚିନ୍ତାଧାରା ତଥା ଆତ୍ମ ନିଯୁକ୍ତି ବଢାଇ ବା ପାଇଁ , ଅଧ୍ୟାପିକା, ସୁନିତା ମିଶ୍ର,ପ୍ରଧାନ ଶିକ୍ଷକ, କୁଶଳେଶ୍ୱର ମିଶ୍ର , କୃଷି ବିଭାଗ ରଂଜିତା ସାହୁ, ଉଦ୍ୟାନ କୃଷି ଯୁଗ୍ମ ନିର୍ଦ୍ଦେଶକ,ପ୍ରଫୁଲ କୁମାର ଭଞ୍ଜ, ରୁପାଲୀ ଖୁଆସ, ବ୍ଲକ ଶିକ୍ଷା ଅଧିକାରୀ କୁମୁଦିନୀ ମିଶ୍ର, ଶ୍ୟାମ ବନ୍ଧୁ ମେଣ୍ଡଳୀ, ସରକାରଙ୍କର ବିଗତ କୋଡିଏ ବର୍ଷ ର କାର୍ଯ୍ୟକ୍ରମ ର ସୁଚନା ପ୍ରଦାନ କରିଥିଲେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅକ୍ଷୟ କୁମାର ଘିବେଲା ଆଲୁମିନା କମିଟି ସଭାପତି ଲୋକନାଥ କୁମୁରା ଶିକ୍ଷକ ଶିକ୍ଷୟିତ୍ରୀ ତଥା ନିମନ୍ତ୍ରିତ ଅଭିଭାବକ ମାନଙ୍କୁ ଶିକ୍ଷକ ବିଭୁ ପ୍ରସାଦ ଯାଦବ ମଞ୍ଚ ପରିଚାଳନା କରିବା ସହିତ ବିଭିନ୍ନ ବିଷୟରେ ଉତବୋଧନ ଦେଇ ସଭା କୁ ସମାପ୍ତି ଘୋଷଣା କରିଥିଲେ ।

## ବିଶ୍ୱ ପର୍ଯ୍ୟଟନ ଦିବସରେ ପଞ୍ଚଲିଙ୍ଗେଶ୍ୱରଠାରେ ପର୍ଯ୍ୟଟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ନୀଳଗିରି , ୨୭/୦୯ (ନି.ପ୍ର): ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କୁ ପ୍ରତିଦିନ ଶହଶହ ସଂଖ୍ୟାରେ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି। ସେପଟ୍ଟେମ୍ବର ୨୭ତାରିଖ ବିଶ୍ୱ ପର୍ଯ୍ୟଟନ ଦିବସରେ ପଞ୍ଚଲିଙ୍ଗେଶ୍ୱର ଯାତ୍ରୀ ସୁରକ୍ଷା କମିଟି ତରଫରୁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ଦର୍ଶନାର୍ଥି ମାନଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରିଥିବା ବେଳେ ପର୍ଯ୍ୟଟକଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଥିଲା। ବିଶେଷ କରି ଆଜି ପଞ୍ଚଲିଙ୍ଗେଶ୍ୱରରେ ବହୁ ସଂଖ୍ୟାରେ ପଶ୍ଚିମବଙ୍ଗ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପରିବେଶବିତ୍ ତଥା ଟୁରିଷ୍ଟ ଗାଇଡ ମନୋରଞ୍ଜନ ଦାସ ନେତୃତ୍ୱ ନେଇଥିବା ବେଳେ ଯାତ୍ରୀ ସୁରକ୍ଷା କମିଟିର ସଦସ୍ୟ ବାସୁଦେବ ଜେନା, ରାଜେନ୍ଦ୍ର ବେହେରା, ରମଣୀ ରଂଜନ ଦାସ, ଗୋବିନ୍ଦ ଦାସ, ସିଦ୍ଧାର୍ଥ ସେଠୀ, ଅନୀଲ ସେଠୀ, ପିଣ୍ଟୁ ସେଠୀ, ଦାମୋଦର ଲେଙ୍କା, ରମେଶ ଦାସ, ଚନ୍ଦନ ଦାସ, ରଞ୍ଜନ ପରିଡ଼ା, ସୁନୀଲ ସେଠୀ, ପ୍ରଶାନ୍ତ ଲେଙ୍କା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ପର୍ଯ୍ୟଟକ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ବାବା ପଞ୍ଚଲିଙ୍ଗେଶ୍ୱର ପୀଠକୁ ପାଛୋଟି ନେଇଥିଲେ। ତେବେ ପଞ୍ଚଲିଙ୍ଗେଶ୍ୱରରେ କମିଟିର ଏତାଦୃଶ କାର୍ଯ୍ୟକୁ ବେଶ୍ ପ୍ରଶଂସା କରିଛନ୍ତି ପର୍ଯ୍ୟଟକ।


## ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

**ଟେଣ୍ଡର ନୋଟିସ୍ ନଂ: TRD-KGP-W-2023- 24-04RT1** **ତାରିଖ ୨୭.୦୯.୨୦୨୩** । ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଏବଂ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟର / ଟିଆରଡି / ଖରାଗପୁର - ୭୧୨୩୦୧ ୧୫:୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରନ୍ତି । ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫:୩୦ ଘଣ୍ଟାରେ ଖୋଲାଯିବ । **କାର୍ଯ୍ୟଗୁଡ଼ିକର ବର୍ଣ୍ଣନା:** ଖଡ଼ଗପୁର ଡିଭିଜନ୍ ଉପରେ ୫୦ ନଂ 10kVA ଏବଂ ୮ ନମ୍ବର 25KVA କ୍ଷମତା ପାଇଁ ୨୫ଲ୦ / ୨୪୦୦ ସହାୟକ ଟ୍ରାନ୍ସଫର୍ମର ସ୍ଥାପନ, ସ୍ଥାପନ, ପରୀକ୍ଷଣ ଏବଂ କମିଶନ । **ଟେଣ୍ଡର ମୂଲ୍ୟ:** ୮୦,୦୨,୪୭୨.୨୨ EMD: ୧,୧୬,୧୦୦ / -। **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍ । **ଖୋଲିବାର ତାରିଖ:** ୧୯.୧୦.୨୦୨୩ **ସମାପ୍ତି ସମୟ:** ୧୨ ମାସ । **ଦାଖଲ ତାରିଖ:** ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ। ୧୯.୧୦.୨୦୨୩ର ଆଗ୍ରହୀ ଟେଣ୍ଡରଗୁଡିକ ଓ୍ୱେବସାଇଟ୍ **www.ireps gov.in** ପରିଦର୍ଶନ କରିପାରନ୍ତି । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ସ୍ପେସିଫିକେସନ୍ ପାଇଁ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରନ୍ତୁ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **N.B:** ସମସ୍ତ ଆଶାୟୀମାନେ ଟେଣ୍ଡରରେ ଭାଗ ନେବାକୁ ନିୟମିତ ଭାବରେ **www.ireps.gov** ପରିଦର୍ଶନ କରିପାରିବେ । **(PR-648)**


## ବିଶ୍ୱ ଫାର୍ମାସୀ ଦିବସ ପାଳିତ

ବାରିପଦା , ୨୭/୦୯ (ନି.ପ୍ର): ମୟୁରଭଞ୍ଜ ମେଡିକାଲ ଏକାଡେମୀ ତରଫରୁ ବିଶ୍ୱ ଫାର୍ମାସୀ ଦିବସ ପାଳିତ ହୋଇ ଯାଇଛି। ଏହି ଉପଲକ୍ଷେ ସମାଜର ପ୍ରତେକ ବର୍ଗର ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସଚେତନାର ବାର୍ତା ପହଞ୍ଚାଇବା ଉଦେଶ୍ୟ ରେ ଏକ ଶୋଭାଯାତ୍ରା ବାରିପଦା ଶହୀଦ ସ୍ମୃତି ଭବନ ଠାରୁ ବାହାରି ବାରିପଦା ପିଆରଏମ ମେଡିକାଲ କଲେଜ ହୋଇ ଶରତ ଚନ୍ଦ୍ର ବିଦ୍ୟାପୀଠ ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରା କୁ ମୟୁରଭଞ୍ଜ ମେଡିକାଲ ଏକାଡେମୀର ଡାଇରେକଟର ପ୍ରଫେସର ଅଶୋକ କୁମାର ଦ୍ୱାରୀ ଉଦଘାଟନ କରିଥିବା ବେଳେ, ପ୍ରଫେସର ସୁଶାନ୍ତ କୁମାର ରାଉତ, ଅଶୋକ କୁମାର ସାହୁ, ମନୋଜ କାନ୍ତି ଘୋଷ, ତାର ଶଙ୍କର ବାସୁରୀ, ଲୋକନାଥ ବେହେରା, ଭବାନି ଶଙ୍କର ଗିରି ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସର ରେ ଆୟୋଜିତ ଏକ ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ପି.ଆର.ଏମ ମେଡିକାଲ କଲେଜର ସହକାରୀ ପ୍ରଫେସର ଡା. ବିକାଶ ରଞ୍ଜନ ମହାନ୍ତି ଏବଂ ମୁଖ୍ୟ ବକ୍ତା ଭାବେ ସମାଜସେବୀ କୋଭିଡ ଯୋଦ୍ଧା ଅଶୋକ ପାଇକରାଏ ଯୋଗଦେଇ ସମାଜରେ ଫାର୍ମାସୀଷ୍ଟ ମାନଙ୍କର କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ




ଭଦ୍ରକ, ୨୭/୦୯ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ପର୍ଯ୍ୟଟନ ଅନୁଭାଗ ଜରିଆରେ ଜିଲ୍ଲା ସ୍ତରୀୟ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତଥା ଡେପୁଟୀ କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳଙ୍କ ସଂଯୋଜନାରେ ଜିଲ୍ଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଉକ୍ତ ଦିବସ ପାଳନ ଉତ୍ସବରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ପର୍ଯ୍ୟଟନ ସମ୍ପର୍କିତ ଭଦ୍ରକ ଜିଲ୍ଲା, ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ତଥା ସଂସ୍କୃତି ବିଷୟାବଳୀକୁ ନେଇ କ୍ୱିଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଏବଂ ଶାନ୍ତନୁ କୁମାର ମହାନ୍ତି ଏହି ଉତ୍ସବରେ ଯୋଗ ଦେଇ ପୁରସ୍କାର ବିତରଣ କରିବା ସହିତ ପର୍ଯ୍ୟଟନ ଆମ ଦେଶର ତଥା ଆଞ୍ଚଳିକ କ୍ଷେତ୍ରରେ ଆର୍ଥିକ ବିକାଶ ଦିଗରେ କିପରି ଗୁରୁତ୍ୱପୂର୍ଣ୍ଣ ତା ଉପରେ ଆଲୋକପାତ କରିଥିଲେ। ପାଠପଢ଼ା ସହିତ ଖବର କାଗଜ ଓ ଆଜିର ପ୍ରଯୁକ୍ତି ବିଦ୍ୟାରେ ବିଭିନ୍ନ ସାଧନ ଜରିଆରେ ଜ୍ଞାନ ଆହରଣ କରିବାକୁ ପ୍ରତିଯୋଗୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲାର ବିଭିନ୍ନ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରର ସ୍ଥିତି, ସେଗୁଡ଼ିକର ବିକାଶ ପାଇଁ ସରକାରୀ ଅନୁଦାନ, ବିକାଶର ରୂପରେଖ ସମ୍ବନ୍ଧରେ ପର୍ଯ୍ୟଟନ ଅଧିକାରୀ ଶ୍ରୀଯୁକ୍ତ ମଣ୍ଡଳ ସୂଚନା ପ୍ରଦାନ କରିଥିଲେ। ସହାୟକ ଜିଲ୍ଲାପାଳ ସୁଧାଂଶୁ ମୋହନ ସ୍ୱାଇଁ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ।

୭ଟି ହାଇସ୍କୁଲ ଓ ୬ଟି ମହାବିଦ୍ୟାଳୟରୁ ୨ ଜଣ ଲେଖାଏଁ ପ୍ରତିଯୋଗୀ ଏହି କ୍ୱିଜ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରତି ଦଳକୁ ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଓ ପ୍ରମୁଖ ନଦୀର ନାମ ଅନୁସାରେ ନାମାଙ୍କନ କରାଯାଇଥିଲା। କ୍ୱିଜ ମାଷ୍ଟର ହିସାବରେ ସହାୟକ ଜିଲ୍ଲାପାଳ ଶ୍ରୀଯୁକ୍ତ ସ୍ୱାଇଁଙ୍କ ସହ ଦୀପା ଟିମ୍‌ର ଅଧିକାରୀ ଅଜିତ୍ କୁମାର ରଥ ଏବଂ ସୁବ୍ରତ କୁମାର ସ୍ୱାଇଁ ଖୁବ୍ ଆକର୍ଷଣୀୟ ଢଙ୍ଗରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ବିଦ୍ୟାର୍ଥୀ, ଅଧ୍ୟାପକ, ଶିକ୍ଷକ ପ୍ରଭୃତି ଦର୍ଶକ ହିସାବରେ ମଧ୍ୟ ଏଥିରେ ସାମିଲ ହୋଇ କାର୍ଯ୍ୟକ୍ରମକୁ ଅଧିକ ସରସ ସୁନ୍ଦର କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ସରୋଜ କୁମାର ମଲ୍ଲିକ୍ ଏବଂ ସ୍ୱାଗତିକା ସାହୁ ସ୍କୋରର୍ ଦାୟିତ୍ୱ ନିର୍ବାହ କରିଥିଲେ। ଅନ୍ୟତମ ବିଭାଗୀୟ କର୍ମଚାରୀ ବନମାଳୀ ପ୍ରଧାନ ହେମନ୍ତ ପ୍ରଧାନ, ଆଇଜାକ୍ ମହାନ୍ତି, ରାକେଶ ନାୟକ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ। ହାଇସ୍କୁଲ ସ୍ତରୀୟ ପ୍ରତିଯୋଗିତାରେ ଯୁଗ୍ମ ବିଜେତା ଭାବେ ପ୍ରଥମ ସ୍ଥାନରେ ଜିଲ୍ଲା ସ୍କୁଲ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ଭଦ୍ରକ, ଦ୍ୱିତୀୟ ସ୍ଥାନରେ ଏସ୍.ବି.ଡ଼ି. ଇଣ୍ଟର ନ୍ୟାସନାଲ ସ୍କୁଲ ଏବଂ ତୃତୀୟ ସ୍ଥାନରେ ଏନ୍.ସି. ନୋଡ଼ାଲ ହାଇସ୍କୁଲ, ଭଦ୍ରକ ଥିବା ବେଳେ ମହାବିଦ୍ୟାଳୟ ସ୍ତରରେ ପ୍ରଥମ ସ୍ଥାନରେ ଓ.ଏ.ବି. ପାଳସଗଡ଼ିଆ, ବନ୍ତ, ଦ୍ୱିତୀୟ ସ୍ଥାନରେ ମହିଳା ମହାବିଦ୍ୟାଳୟ, ଭଦ୍ରକ ଏବଂ ତୃତୀୟ ସ୍ଥାନରେ ଏନ.ଆର.ଆଇ. ଇଣ୍ଟରନ୍ୟାସନାଲ ସ୍କୁଲ ପୁରସ୍କୃତ ହୋଇଥିଲେ। ପ୍ରଥମ ପୁରସ୍କାର ୧୨୦୦ ଟଙ୍କା, ୨ୟ ପୁରସ୍କାର ୧୦୦୦ ଟଙ୍କା ଏବଂ ତୃତୀୟ ପୁରସ୍କାର ୮୦୦ ଟଙ୍କା ସହ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା।

ସୂଚନା ଯୋଗ୍ୟକି ମିଳିତ ଜାତିସଂଘର ଅନୁମୋଦନ କ୍ରମେ ୧୯୮୦ ମହିହାରୁ ସେପ୍ଟେମ୍ବର ୨୭ ତାରିଖକୁ ବିଶ୍ୱ ପର୍ଯ୍ୟଟନ ଦିବସ ଭାବେ ପାଳନ କରାଯାଇ ଆସୁଅଛି।

ଗୁରୁବାର, ସେପ୍ଟେମ୍ବର ୨୮, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପୁରୁଣା ମାପରେ ଆଡିବନ୍ଧ ନିର୍ମାଣ ଦାବି: ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ ମଧୁବନବାସୀ

ବାରିପଦା, ୨୭/୦୯ (ନି.ପ୍ର): ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ନିମନ୍ତେ ବୁଢ଼ାବଳଙ୍ଗ ନଦୀ ପାର୍ଶ୍ୱରେ ରିଂରୋଡ଼ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟ ରେ ବାରୁଣୀ ଘାଟ ଠାରୁ ଶିରିଡିସାଇ ବାବା ମନ୍ଦିର ପର୍ଯ୍ୟଟ ୧୫୪ କୋଟି ଟଙ୍କା ମଞ୍ଜୁର ହୋଇଛି । ତେବେ ବୁଢାବଳଙ୍ଗ ନଦୀ ପୋଲ (ମଧୁବନ)ର ଉଭୟ ପାର୍ଶ୍ୱରେ ଦୀର୍ଘ ୫୦ ବର୍ଷ ହେବ ୧୦୦୦ ରୁ ଉର୍ଦ୍ଧ ପରିବାର ସ୍ଥାୟୀ ଭାବରେ ରହିଆସୁଛନ୍ତି । ରିଂରୋଡ଼ ନିର୍ମାଣ ପାଇଁ ବିଗତ ମାର୍ଚ୍ଚ ମାସରେ ୫ଟି ସଚିବ ବାରିପଦା ଗସ୍ତରେ ଆସିଥିବା ସମୟରେ ଇରିଗେସନ ବିଭାଗ ପକ୍ଷରୁ ଯେଉଁ ମାପ ଦିଆଯାଇଥିଲା ସେଥିରେ ପୋଲୋର ଉଭୟ ପାର୍ଶ୍ୱରେ ୧୪ରୁ ୧୫ଟି ଘର ଉଚ୍ଛେଦ ହେଉଥିଲା କିନ୍ତୁ ଏବେ ଯେଉଁ ମାପ ଦିଆଯାଉଛି ସେଥିରେ ୧୦୦ ରୁ ଉର୍ଦ୍ଧ ଘର ଉଚ୍ଛେଦ ହେଉଥିବାର ଅନୁମାନ କରାଯାଉଛି । ଏହାକୁ ବିରୋଧ କରି ଆଜି ମଧୁବନ ଅଂଚଳର ଶତାଧିକ ମହିଳା ଓ ପୁରୁଷ ଏକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି ବିଭିନ୍ନ ଦାବିରେ ଅଭିଯୋଗ ଜଣାଇଥିଲେ । ଦାବୀ ଗୁଡିକ ମଧ୍ୟରେ ୫ଟି ସଚିବଙ୍କ ଗସ୍ତ ସମୟରେ ଦିଆଯାଇଥିବା ମାପ ଅନୁଯାୟୀ ରିଂରୋଡ଼ ନିର୍ମାଣ କରାଯିବା ଏବଂ ଯେଉଁ ଘର ଗୁଡିକ ବିସ୍ଥାପିତ ହେବ ତୁରନ୍ତ ସେହି ପରିବାରକୁ ଥଇଥାନ କରାଯିବାକୁ ଦାବୀ କରିଥିଲେ। ଜିଲ୍ଲାପାଳ ସମସ୍ତ କଥା ଶୁଣିବା ପରେ ସେ ନିଜେ ଯାଇ ଘଟଣାର ଅନୁଧ୍ୟାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ରାକେଶ ସିଂ ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ମଧୁବନ ଅଞ୍ଚଳର ଅଧିବାସୀ ଗୀତାଞ୍ଜଳି ଦାସ, ଜୟନ୍ତୀ ଦାସ, କବିତା ଭୋଇ, ମାଳତୀ ବେହେରା, ଭାନୁମତୀ ଦାସ , ରବୀନ୍ଦ୍ର ଦଳେଇ ,ସନା ସିଂ, ରାଜେଶ ଚାନ୍ଦ, ରାକେଶ ପୃଷ୍ଟି, ସୋନୁ ରାମ, ବିଜୁ ପାତ୍ର, ବିନଦ ସାହୁ ,ବାସୁ ସୋରେନ ,କନକ ଲତା ରାଉତ, ଝରଣା ପ୍ରଧାନ, ରତନ ପଣ୍ଡିତ, ଭାସ୍କର ବେହେରା ପ୍ରମୁଖ ବହୁ ସଂଖ୍ୟରେ ଉପସ୍ଥିତ ଥିଲେ।

# ଆଜି ରଘୁ, କେଲୁ, ମକରଙ୍କ ୮୧ତମ ଶହୀଦ ଦିବସ

## ସମସ୍ୟା ଘେରରେ ରକ୍ତତୀର୍ଥ ତୁଡିଗଡିଆ



ଖଇରା, ୨୭/୦୯ (ନି.ପ୍ର): ରାତି ପାହିଲେ ବାଲେଶ୍ୱର ଜିଲା ଖଇରା ବ୍ଲକ ର ରକ୍ତତୀର୍ଥ ଭାବେ ପରିଚିତ ତୁଡିଗଡିଆ ମାଟିରେ ୧୯୪୨ ମସିହା ସେପ୍ଟେମ୍ବର ୨୮ତାରିଖରେ ଶହୀଦ ହୋଇଥିବା ୩ଶହୀଦ ରଘୁ ବେହେରା, କେଲୁ ସାହୁ ଓ ମକର ଲେଙ୍କାଙ୍କୁ ତୋପ ସଲାମୀ ପ୍ରଦାନ କରାଯିବ । ସଂଧ୍ୟାରେ ନେତାମନ୍ତ୍ରୀ ପ୍ରଶାସକ ମାନେ ସେମାନଙ୍କର ୮୧ତମ ଶ୍ରଦ୍ଧାଞ୍ଜଳୀ ସଭାରେ ସ୍ମୃତି ଚାରଣ କରିବା ସହ ଏ ଅଞ୍ଚଳରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଅନେକ କିଛି ପ୍ରତିଶୃତି ଦେବେ । ହେଲେ ଏହି ଦିନ ଅତିକ୍ରମ ହୋଇଯିବା ପରେ ପୁଣି ଥରେ ସମସ୍ୟା ତାଲିକା ପୁର୍ବଭଳି ଲମ୍ୱିଯିବ ବୋଲି ସ୍ଥାନୀୟ ଜନସାଧାରଣ କହିଛନ୍ତି । ବର୍ତ୍ତମାନ ସଂଧ୍ୟା ହେଲେ ଅସମାଜିକ ଓ ଅପରାଧିକ କାର୍ଯ୍ୟ ସାଙ୍ଗକୁ ମଦ୍ୟପ ମାନଙ୍କ ଆଡ୍ଡା ସାଧାରଣ ଲୋକଙ୍କୁ ଅସ୍ତବ୍ୟସ୍ତ କରୁଛି । ଦିର୍ଘଦିନ ଧରି ଏଠାରେ ଏକ ଥାନା କିମ୍ୱା ଫାଣ୍ଡି ପ୍ରତିଷ୍ଠା କରିବାକୁ ଦାବୀ ହେଇ ଆସୁଥିଲେ ତାହା କେବଳ ପ୍ରତିଶୃତିରେ ଅଟକିଛି । ସେହିଭଳି ଖଇରାଡିହିର ଅନ୍ୟତମ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ବୈଦ୍ୟନାଥ ରାଉତଙ୍କ ଦ୍ୱାରା ନିଜସ୍ୱ ଉଦ୍ୟମରେ ଖୋଲାଯାଇଥିବା ହୋମିଓପାଥି କେନ୍ଦ୍ର ବନ୍ଦ ହୋଇ ପଡିଥିବା ବେଳେ ଏହାକୁ ସରକାରୀ ଭାବେ ପୁନଃକାର୍ଯ୍ୟକ୍ଷମ କରାଯିବା, ଶହୀଦ ଙ୍କ ଗ୍ରାମକୁ ସଂଯୋଗୀକରଣ ତେନ୍ତୁଳି ଆପଡା-ଡାଲଙ୍ଗ ମୁନିପଦାରାସ୍ତାକୁ ପକ୍କା କରିବା, ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର, ଶହୀଦ ସ୍ତମ୍ଭ ନିକଟରେ ଥିବା ପୋଖରୀର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ଭଳି ବହୁ ପୁରୁଣାଦାବୀ ର ଏ ପର୍ଯ୍ୟନ୍ତ ସାମାଧାନ ହୋଇ ପାରିନାହିଁ । ଏବେ ଡ୍ରେନେଜ ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଥିବା ବେଳେ ସାମାନ୍ୟ ବର୍ଷାରେ ଦୋକାନରେ ପାଣି ପଶିବା ଯୋଗୁଁ ବଜାରବାସୀ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏ ସମ୍ପର୍କରେ ତୁଡିଗଡିଆ ବଜାର କମିଟି ସମ୍ପାଦକ ବସନ୍ତ କୁମାର ସାହୁଙ୍କୁ ଯୋଗାଯୋଗ କରିବାରେ ବହୁ ସମସ୍ୟା ଦେଇ ତୁଡଗଡିଆ ଅଞ୍ଚଳ ଗତି କରୁଛି । ଦୀର୍ଘଦିନରୁ ଫାଣ୍ଡି ପ୍ରତିଷ୍ଠା ଦାବୀ ଏ ପର୍ଯ୍ୟନ୍ତ ପୁରଣ ହେଉନଥିବାରୁ ପ୍ରତ୍ୟେକ ଦିନ ଅସାମାଜିକ ଓ ଅପରାଧିକ କାର୍ଯ୍ୟକଳାପ ସାଧାରଣ ଜନଜିବନକୁ ଅତିଷ୍ଠ କରୁଛି । ଶହୀଦ ଜନକଲ୍ୟାଣ ପରିଷଦ ର ସଭାପତି ବିଷ୍ଣୁମୋହନ ଶତପଥି ଙ୍କୁ ପଚାରିବାରେ ସ୍ଥାନୀୟ ବିଧାୟକଙ୍କ ପ୍ରଚେଷ୍ଟାରେ ଉକ୍ତ ପର୍ଯ୍ୟଟନ କ୍ଷେତ୍ରରେ ଅନେକ କିଛି ବିକାଶମୂଳକ କାମ ହୋଇଥିଲେ ହେଁ ପାଣି ନିଷ୍କାସନ ପାଇଁ ପୁରୁଣା ପୋଲକୁ ଭାଙ୍ଗି ନୂତନ ପୋଲ ନିର୍ମାଣ ଏବଂ ଥାନା ପ୍ରତିଷ୍ଠା ପାଇଁ ଦାବୀ କରିଛନ୍ତି ।

# କୁଡ଼ୁମୀ ଜନଜାତିର ଦେଶୁଆ କରମ ପର୍ବ ଉଦ୍‌ଯାପିତ



ବାରିପଦା, ୨୭/୦୯ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ସୁରେଇଡିହି ଠାରେ ୫ଦିନ ବ୍ୟାପି ଜିଲ୍ଲାସ୍ତରୀୟ ଆଦିମ ଜନଜାତି କୁଡୁମୀ ସମ୍ପ୍ରଦାୟର ଦେଶୁଆ କରମ ପରବ୍ ଉଦଯାପିତ ହୋଇଯାଇଛି। ପ୍ରତି ଦିନ ସନ୍ଧ୍ୟାରେ ଜାଓ୍ୱାବେଢା ପରିକ୍ରମା ସହିତ ପାରମ୍ପାରିକ ଝୁମର ନୃତ୍ୟ, ପାନ୍ତାନାଚ ପରିବେଶଣ କରାଯାଇଥିଲା । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଯୋଗଦେଇ କରମ ସଂସ୍କୃତିର ଉତ୍ଥାନ ପାଇଁ ଏଭଳି କାର୍ଯ୍ୟକ୍ରମ ପ୍ରଶଂସନୀୟ ବୋଲି କହିଥିଲେ। ସଂଗଠନର ଉପଦେଷ୍ଟା ଛୋଟେଲାଲ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ସୁକାନ୍ତ ମହାନ୍ତ, ସମ୍ପାଦକ ରବିନ୍ଦ୍ର ମହାନ୍ତ ଯୋଗ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦଃ, କୃଷି ଓ ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପ୍ରାକ୍ତନ ଲୋକପାଳ ଅବନୀ ମହାନ୍ତ, ପ୍ରାକାନ୍ତ ସାଂସଦ ରାମଚନ୍ଦ୍ର ହାଁସଦା, ପ୍ରାଧ୍ୟାପକ ରାଇମଣୀ ମାରାଣ୍ଡି, ଆଜସୁ ରାଜ୍ୟ ସଭାପତି ଅନ୍ତଆଲୋକ ବାସ୍କେ, କୁଡୁମୀ ମହାନ୍ତ ମହାସଭାର ସମ୍ପାଦକ ବସନ୍ତ ମହାନ୍ତ, ଆଦିବାସୀ କୁଡୁମୀ ସମାଜର ସଭାପତି ମନୋଜ ମହାନ୍ତ, ଜିଲ୍ଲା ସଭାପତି ନିରଞ୍ଜନ ମହାନ୍ତ, କୃପାସିନ୍ଧୁ ମହାନ୍ତ, ସମାଜସେବିକା ପ୍ରୀତିନନ୍ଦା କାନୁନଗୋ, କଲେଜ ଅଧ୍ୟକ୍ଷ ଅନନ୍ତ ନାରାୟଣ ମିଶ୍ର, ଅଧ୍ୟାପକ ମୁରଲୀଧର ମହାନ୍ତ, ଡ. ରମାକାନ୍ତ ମହାନ୍ତ, ବୈଦ୍ୟନାଥ ମହାନ୍ତ, ବି.ବି. ମହାବିଦ୍ୟାଳୟର ପ୍ରାକାନ୍ତ ଅଧ୍ୟକ୍ଷ ଯତିନ୍ଦ୍ରନାଥ ସିଂଦେବ ସଚାନ ପ୍ରମୁଖ ପ୍ରମୁଖ ଯୋଗଦେଇ କରମ ଏକାଦଶୀ କୁ ସରକାରୀ ସ୍ତରରେ ଛୁଟି ଘୋଷଣା କରିବା ପାଇଁ ମତ ରଖିଥିଲେ ।

# ଲକ୍ଷ୍ମଣନାଥରୋଡ ଷ୍ଟେସନକୁ ଜଳେଶ୍ୱର-ପୁରୀ ମେମୋ ଟ୍ରେନ୍ ଆସିବା ନେଇ ସାଂସଦଙ୍କୁ ଦାବିପତ୍ର

ଜଳେଶ୍ୱର , ୨୭/୦୯ (ନି.ପ୍ର): ଓଡିଶା ଓ ପଶ୍ଚିମବଂଗର ସୀମାନ୍ତ ଅଂଚଳଭାବେ ଲକ୍ଷ୍ମଣନାଥ ପରିଚିତ । ଲକ୍ଷ୍ମଣନାଥ ଷ୍ଟେସନ ଦେଇ ରାଇବଣିଆ, ଓ ପଶ୍ଚିମବଂଗର ବହୁ ଅଂଚଳର ଲୋକେ ଯିବା ଆସିବା କରିଥାନ୍ତି । ଜଳେଶ୍ୱର-ପୁରୀ-ଜଳେଶ୍ୱର ମେମୋ ଟ୍ରେନ ଲକ୍ଷ୍ମଣନାଥ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବାକୁ ଲକ୍ଷ୍ମଣନାଥ ଷ୍ଟେସନ ଉନ୍ନୟନ କମିଟି ପକ୍ଷରୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହେଉନାହିଁ । କମିଟିର ୧୦ଜଣିଆ ଟିମ୍ ଜଳେଶ୍ୱର ଡାକବଂଗଳାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ ସାକ୍ଷାତ କରି ଏ ସଂପର୍କରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି ବିସ୍ତର୍ଣ୍ଣ ଅଂଚଳର ଲୋକମାନେ ଯାତାୟାତ ଲାଗି ବହୁ ଅସୁବିଧା ସଂପର୍କରେ ସାଂସଦଙ୍କୁ ଅବଗତ କରାଇବା ସହିତ ଉପାନ୍ତ ଲକ୍ଷ୍ମଣନାଥ ବାସୀଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଏହି ଦାବି ପତ୍ର ପ୍ରଦାନ ବେଳେ କମିଟି ସଭାପତି ବୁଦ୍ଧଦେବ ପ୍ରଧାନ, ସଂପାଦକ ସଂଜୟ ଦାସ, ରବିନ୍ଦ୍ର ଦାସ, ଯୋଗେଶ ଜେନା, ତ୍ରିଲୋଚନ ଦାସ ଅଧିକାରୀ, ରବିନ୍ଦ୍ର ବାରିକ, ନିଶିକାନ୍ତ ଦାସ, ବଂକିମ ଚନ୍ଦ୍ର ପାଳ, ଅନନ୍ତ ଘୋଷ, ଜିବନ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ମଣୀନ୍ଦ୍ର ମେହେର ଉତ୍କଳରେ ଆଡ଼ଜଙ୍କ୍ଟ ପ୍ରଫେସର ମନୋନୀତ

ବାଲେଶ୍ୱର, ୨୭/୦୯ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗରୁ ଅବସର ଗ୍ରହଣ କରିଥିବା ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କୁ ଆଡ଼ଜଙ୍କ୍ଟ ପ୍ରଫେସର ଭାବରେ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ ତାଙ୍କ ପ୍ରତି ଯେପରି ପ୍ରତାରଣାପୂର୍ଣ୍ଣ ବ୍ୟବହାର କରାଗଲା, ତାହା ଛାତ୍ରଛାତ୍ରୀ ତଥା ବୁଦ୍ଧିଜୀବୀ ସମାଜ ଓ ସାହିତ୍ୟିକ ମହଲରେ ଉଦବେଗ ସୃଷ୍ଟି କରିଥିଲା । ସମ୍ପ୍ରତି ପ୍ରଫେସର ମେହେର ଉତ୍କଳ ବିଶ୍ୱବିଦ୍ୟାଳୟରେ ଆଡ଼ଜଙ୍କ୍ଟ ପ୍ରଫେସର ଭାବରେ ନିଯୁକ୍ତି ପାଇଥିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଓ ନୂତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉଲ୍ଲାସର ତରଙ୍ଗ ଖେଳି ଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ଏହି ପଦକ୍ଷେପ ପ୍ରଶଂସିତ ହେଉଛି । ଅନେକ ପୁରାତନ ଛାତ୍ରଛାତ୍ରୀ ପ୍ରଫେସର ମେହେରଙ୍କ ସହ ସାକ୍ଷାତ ପାଇଁ ପ୍ରତିଦିନ ବିଭାଗକୁ ଆସୁଛନ୍ତି । ବିଭାଗମୁଖ୍ୟ ଡକ୍ଟର ରମେଶ ଚନ୍ଦ୍ର ମଲ୍ଲିକ, ଡକ୍ଟର ରୁଦ୍ରନାରାୟଣ ମହାପାତ୍ର ଓ ଆନପା ମାର୍ଣ୍ଡି ପ୍ରମୁଖ ତାଙ୍କୁ ସ୍ୱାଗତ କରିଛନ୍ତି । ଉଲ୍ଲେଖନୀୟ ଯେ, ଯେତେବେଳେ ଡକ୍ଟର ମେହେର ପ୍ରଫେସର ଭାବରେ ଯୋଗଦେବା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଯାଇଥିଲେ, ବିଦାୟ ସମ୍ବର୍ଦ୍ଧନା ସଭାରେ ଛାତ୍ରଛାତ୍ରୀମାନେ ହୃଦୟର କୋହକୁ ରୋକି ନ ପାରି ଛୋଟ ଛୋଟ ଶିଶୁ ପରି କ୍ରନ୍ଦନ କରୁଥିଲେ । ସେ ଦୃଶ୍ୟ ଆଜିବି ବାଣୀବିହାର ପାଇଁ ସ୍ମରଣୀୟ ହୋଇ ରହିଛି ।



# ବରିଷ୍ଠ ସାମ୍ବାଦିକଙ୍କ ମୃତ୍ୟୁରେ ଜଳେଶ୍ୱର ନାଗରିକ ମଂଚର ଶ୍ରଦ୍ଧାଞ୍ଜଳି ସଭା

ଜଳେଶ୍ୱର ୨୭/୯(ନି.ପ୍ର): ବାଲେଶ୍ୱର ଜିଲା ବରିଷ୍ଠ ନାଗରିକ ମଂଚର ସାଧାରଣ ସଂପାଦକ ବର୍ଷିଆନ ସାମ୍ବାଦିକ ତଥା ସମାଜସେବୀ ଲକ୍ଷ୍ମୀଧର ବେହେରାଙ୍କ ମୃତ୍ୟୁ ବରଣ କରିଛନ୍ତି । ଏହି ଉପଲକ୍ଷେ ଆଜି ଜଳେଶ୍ୱର ଶାଖା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି । ଭଂଜ ମଣ୍ଡପରେ ଆୟୋଜିତ ସଭାରେ ମଂଚର ସଭାପତି ରମାକାନ୍ତ ଭଂଜ ଅଧ୍ୟକ୍ଷତା କରି ସ୍ମୃତି ଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଡ. ଲଳିତ ରଂଜନ ସେନାପତି, ଦିଲ୍ଲୀପ ଗିରି, ଶ୍ୟାମାଚରଣ ଦାସ, ଜିତାରାମ ଦେ, ରାଜାରାମ କରଶର୍ମା, ଶ୍ରୀମନ୍ତ ଘୋଷ,ସିତାଂଶୁ ସେନାପତି, ଭାଗବତ ପରିଡା, କାଳିଚରଣ ପୃଷ୍ଟି, ସୁକୁମାର ରଣା, ସୁନିଲ ନାୟକ, ସୁବ୍ରତ ବେରା, ସୁନିଲ ଗିରି, ଅବଦୁଲ ସମ୍ମତ ଖାଁ, ନୀଳମଣି ପ୍ରଧାନ, ଦିଗମ୍ବର ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ୱାଧିନତା ସଂଗ୍ରାମୀ ଦିବଂଗତ ପୂର୍ଣ୍ଣଚନ୍ଦ୍ର ସେନାପତି ଓ ଦିବଂଗତ ଲକ୍ଷ୍ମୀଧର ବେହେରାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୧ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

# ପାଚିକା ସହାୟିକାଙ୍କ ବଦଳରେ ଭାତଚଟୁ ଧରି ରୋଷେଇ କରୁଛନ୍ତି ଶିକ୍ଷକ ଶିକ୍ଷୟତ୍ରୀ

ନିଳଗିରି, ୨୭/୦୯ (ନି.ପ୍ର): ବର୍ଷ ବର୍ଷ ଧରି ଯୋଉ ଶିକ୍ଷକ ଶିକ୍ଷୟତ୍ରୀ ମାନେ ହାତରେ ଚକଖଡ଼ି ଧରି ପିଲାମାନଙ୍କୁ ପାଠ ପଢାଉଥିଲେ ଆଜି ସେହିହାତରେ ଭାତଚଟୁ ଧରି ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରୋଷେଇ କରୁଛନ୍ତି। ଏପଟେ ପାଠପଢାରେ ଅସୁବିଧା ହେଉଥିବା ବେଳେ କୋଉଠି ନା କୋଉଠି ସରକାରଙ୍କର ଦୋଷ ଦୁର୍ବଳତାକୁ ପଦାରେ ପକାଉଛନ୍ତି। ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନ ଭୋଜନ ପାଇଁ ପାଚିକା, ସହାୟିକାଙ୍କୁ ସରକାର ନିଯୁକ୍ତି ଦେଇଥିଲେ। ମାତ୍ର ସେମାନଙ୍କର ଦରମା ବଢାଇବା ପାଇଁ ଭୁବନେଶ୍ୱରରେ ଧାରଣା ଦେଇଥିବାବେଳେ ଏପଟେ ପିଲାଙ୍କ ମଧ୍ୟାହ୍ନ ଭୋଜନ ବନ୍ଦ ରହିଥିବା ବେଳେ ସରକାର ରୋଷେଇ ବନ୍ଦ ନା କରିବାପାଇଁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶକୁ ମାନି ଶିକ୍ଷକ ଶିକ୍ଷୟତ୍ରୀ ମାନେ ହାତରେ ଚଟୁ ଧରି ରୋଷେଇ କରି ପିଲାମାନଙ୍କୁ ଦେଉଛନ୍ତି। ଫଳରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ବହୁ ଶିକ୍ଷକ ଶିକ୍ଷୟତ୍ରୀ ପ୍ରକାଶ କରିଛନ୍ତି। କେତେଦିନଧରି ହାତରେ ଚଟୁ ଧରି ରୋଷେଇ କରି ପିଲାମାନଙ୍କୁ ଦେବେ ତାହା ଦେଖିବାକୁ ବାକି ରହିଲା।



# ପିଲାଙ୍କୁ ମିଳୁନି ଚାଉଳ ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ର ସୁବିଧା

ଉଦଳା, ୨୭/୦୯ (ନି.ପ୍ର): କପ୍ତିପଦା ବ୍ଲକର ବଡ଼ଖଲାଡ଼ି ପଂଚାୟତ ଅନ୍ତର୍ଗତ ଜୟଗୁଂଟିଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଦିଲିପ କୁମାର ବେହେରା ଜଣେ ଦିନ ମଜୁରିଆ ଭାବରେ କାମ କରି ପରିବାର ଚଳାନ୍ତି । ତାଙ୍କର ୨ ଜଣ କନ୍ୟା ଭାଗ୍ୟଲିପି ଓ ହରିପ୍ରିୟା ଅଛନ୍ତି । ଭାଗ୍ୟଲିପିଙ୍କୁ ବର୍ତମାନ ବୟସ ୧୨ ବର୍ଷ ଛୁଇଁଥିବା ବେଳେ ହରିପ୍ରିୟାଙ୍କୁ ୬ ବର୍ଷ ଛୁଇଁଲା । ଉକ୍ତ ୨ ଜଣ କନ୍ୟାଙ୍କର ଆଧାର କାର୍ଡ଼ ଅଛି, କିନ୍ତୁ ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ତାଙ୍କର ନାମ ନଥିବାରୁ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ଏହି ୨ କନ୍ୟା ବଂଚିତ ଅଛନ୍ତି । ସେହିପରି ବିଜୁ ସ୍ୱାସ୍ଥ୍ୟ କାର୍ଡ଼ର ସୁବିଧା ମଧ ଏହି ୨ କନ୍ୟା ପାଇ ପାରୁ ନାହାଁନ୍ତି । ପରିବାର ଲୋକଙ୍କ କହିବାନୁସାରେ ଆଜକୁ ୩ ମାସ ତଳେ ତାଙ୍କର କନିଷ୍ଠ କନ୍ୟା ହରିପ୍ରିୟା ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ । ଚିକିତ୍ସା ପାଇଁ ତାଙ୍କୁ ଡ଼ାକ୍ତରଖାନା ନିଆଯାଇଥିଲା । କିନ୍ତୁ ଡ଼ାକ୍ତରଖାନାର କର୍ତୃପକ୍ଷ ବିଜୁ ସ୍ୱାସ୍ଥ୍ୟ କାର୍ଡ଼ର କୌଣସି ସୁବିଧା ତାଙ୍କୁ ମିଳିବ ନାହିଁ ବୋଲି ରୋକ ଠୋକ ମନା କରି ଫେରାଇଦେଲେ । ସେହିପରି ଆବସ ଯୋଜନାରେ ଘର ଓ ଜବ୍ କାର୍ଡ଼ ତାଙ୍କର ପରିବାରକୁ ମିଳି ନାହିଁ । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦଉଡ଼ି ଦଉଡ଼ି କୌଣସି ସୁଫଳ ମିଳିନଥିବାର କଥା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

# ଭଦ୍ରକ ମହିଳା ମହାବିଦ୍ୟାଳୟରେ ଡେଙ୍ଗୁ ସଚେତନତା




ଭଦ୍ରକ, ୨୭/୦୯ (ନି.ପ୍ର): ଭଦ୍ରକ ମହିଳା ମହାବିଦ୍ୟାଳୟ ଜାତୀୟ ସେବା ସଂସ୍ଥା ଆନୁକୂଲ୍ୟରେ ଏକ ଶୋଭାଯାତ୍ରା ମାଧ୍ୟମରେ ଡେଙ୍ଗୁ ଜ୍ୱର ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ଅଧୁନା ଡେଙ୍ଗୁ ଜ୍ୱର ସାରା ରାଜ୍ୟରେ ଆତଙ୍କ ସୃଷ୍ଟି କରିଥିବା ବେଳେ ମଶା ଦ୍ୱାରା ବ୍ୟାପୁଥିବା ଏହି ଜ୍ୱର ପ୍ରତି ସତର୍କ ରହିବା ପାଇଁ ଏହାର କାରଣ, ଲକ୍ଷଣ, ପ୍ରତିକାର ସମ୍ବନ୍ଧରେ ଆଲୋଚନା ପରେ ମହାବିଦ୍ୟାଳୟ ପରିସର ଠାରୁ ଏକ ଶୋଭାଯାତ୍ରା ବାହାରି କଚେରୀ ବଜାର ବାଟ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଅଧକ୍ଷା ସୁପ୍ରୀତି କରଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରାଯାଇଥିଲା। ଜାତୀୟ ସେବା ସଂସ୍ଥା ଅଧିକାରୀ ଅଧ୍ୟାପିକା ଶୁଭଶ୍ରୀ ବେହେରାଙ୍କ ଦ୍ୱାରା ସଂଚାଳିତ ଶୋଭାଯାତ୍ରାକୁ ଅନିତା ଦଳାଇ, ସଂଗୀତା ଦାସ, ଇପ୍ସିତା ବିଶ୍ୱାଳ, ଗୀତାଞ୍ଜଳି ସାହୁ, ସୁଭଦ୍ରା ଦାସ ପ୍ରମୁଖ ଅଧ୍ୟାପିକାଗଣ ପରିଚାଳନା କରିଥିଲେ ଏବଂ ଶତାଧିକ ସେବା ସଂସ୍ଥାର ସ୍ୱେଚ୍ଛାସେବୀ ଛାତ୍ରୀ ଯୋଗ ଦେଇଥିଲେ।

# ମାନବ ଚାଲାଣ ନିରୋଧ ୟୁନିଟ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲେଶ୍ୱର, ୨୭/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାସ୍ଥିତ ଜିଲ୍ଲା ପରିଷଦ ସଭାଗୃହ ଠାରେ ଆଜି ଅପରାହ୍ନ ଘ. ୪ ଟାରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ମାନବ ଚାଲାଣ ନିରୋଧ ୟୁନିଟ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି ଅବସରରେ ପୌରାଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଡ଼. ମିନତୀ ବେହେରା, ଭାରପ୍ରାପ୍ତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ସୁଶ୍ରୀ ମନସ୍ୱିନୀ ରାଉତ, ଡ଼. ଟୁନା ସାହୁ, ପରାମର୍ଶଦାତା, ଓଡ଼ିଶା ରାଜ୍ୟ ମହିଳା ଆୟୋଗ, ସିଡବ୍ଲୁସି ଅଧ୍ୟକ୍ଷ, ଶ୍ରୀ ମୃତ୍ୟୁଞ୍ଜୟ ପଣ୍ଡା ଏବଂ ଡିଏସପି ଶ୍ରୀଯୁକ୍ତ ମାନସ ଦେଓ ପ୍ରମୁଖ ମଞ୍ଚାସୀନ ଥିଲେ । ଆଇନ ଶୃଙ୍ଖଳା କର୍ମଚାରୀଙ୍କୁ ମାନବ ଚାଲାଣ ଭଳି ଏକ ବିଶ୍ୱସ୍ତରୀୟ ସମସ୍ୟାର ମୁକାବିଲା ପାଇଁ ଆବଶ୍ୟକ ଜ୍ଞାନ ଏବଂ କୌଶଳ ଉପରେ ସଭାରେ ଶ୍ରୀଯୁକ୍ତ ସାହୁ ତାଙ୍କର ଅଭିଭାଷଣ ପ୍ରସ୍ତୁତ କରିଥିଲେ । ଏକ ତାଲିମପ୍ରାପ୍ତ ତଥା ସୁ-ପ୍ରସ୍ତୁତ ମାନବ ଚାଲାଣ ନିରୋଧ ୟୁନିଟ୍ର ଗୁରୁତ୍ୱକୁ ସ୍ୱୀକାର କରି ଏହି କାର୍ଯ୍ୟକ୍ରମ ମାନବ ଚାଲାଣ ମାମଲା ଚିହ୍ନଟ, ଅନୁସନ୍ଧାନ ଏବଂ ସମାଧାନ ପାଇଁ ଅଧିକାରୀମାନଙ୍କୁ ବିଶେଷ ତାଲିମ ପ୍ରଦାନ କରାଯାଇଥିଲା ଓ ଏହି ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ମାନବ ଚାଲାଣ ସମସ୍ୟାର ବିସ୍ତୃତ ଭାବରେ ସମାଧାନ କରିବା ଏବଂ ସମସ୍ତଙ୍କ ପାଇଁ ଏକ ନିରାପଦ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପୋଲିସ ବାହିନୀ ପ୍ରତିବଦ୍ଧ ବୋଲି ମତ ପ୍ରକାଶ କରିଥିଲେ ଶ୍ରୀଯୁକ୍ତ ଦେଓ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଶିଖାରାଣୀ ପୋଦ୍ଦାର ସଭା ପରିଚାଳନା କରିଥିଲେ ଓ ସଭାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ସାମାଜିକ କର୍ମକର୍ତ୍ତା, ଆଇନ ଅଧ୍ୟୟନରତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ, ବିଭିନ୍ନ କ୍ଷେତ୍ରର ପ୍ରତିଷ୍ଠିତ ମହିଳା ଏବଂ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ ଓ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo